ବର୍ଷ-୨୫, ସଂଖ୍ୟା-୧୧୬
ଭୁବନେଶ୍ୱର
୨୮, ଏପ୍ରିଲ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 116
Bhubaneswar
28, April, 2025, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଭାଙ୍ଗିଗଲା ଶୁଭାଙ୍ଗୀଙ୍କ ସଂସାର

# ପହଲଗାମ ଆକ୍ରମଣର ତଦନ୍ତ କରିବ ଏନ୍ଆଇଏ

## ଆକ୍ରମଣରେ ୫ ଆତଙ୍କୀ ସାମିଲ, ୩ ପାକିସ୍ତାନୀ

ନୂଆଦିଲ୍ଲୀ,୨୭।୪: ଜମ୍ମୁ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଯାଞ୍ଚ କେନ୍ଦ୍ର ସରକାର ରାଷ୍ଟ୍ରୀୟ ଯାଞ୍ଚ ଏଜେନ୍ସି (ଏନଆଇଏ)ଙ୍କୁ ଦେଇଛନ୍ତି। ଏନଆଇଏ ବି ଆତଙ୍କବାଦୀଙ୍କ ଏହି ଆକ୍ରମଣ ପରେ ସକ୍ରିୟ ହୋଇଯାଇଛି। ଅନ୍ୟପକ୍ଷରେ ପହଲଗାମ୍ ଆତଙ୍କୀ ଆକ୍ରମଣର ଅପରାଧୀଙ୍କୁ ଧରିବାକୁ ସେନା ପକ୍ଷରୁ ଜୋରଦାର ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ବଡ଼ ତଥ୍ୟ ସାମ୍ନାକୁ ଆସିଛି। କାଶ୍ମୀରର ୧୫ ଜଣ ଆତଙ୍କବାଦୀଙ୍କୁ ଏଭଳି ଘୃଣ୍ୟ ଓ ବର୍ବରକାଣ୍ଡ ଘଟାଇବାରେ ସହାୟତା କରିଥିଲେ। ଆତଙ୍କବାଦୀଙ୍କ ଏହି ସହାୟକମାନଙ୍କୁ ଚିହ୍ନଟ ସରିଛି। ଆତଙ୍କବାଦୀଙ୍କ ସହାୟତା ପାଇଁ ଏମାନେ ଆନୁସଙ୍ଗିକ ବ୍ୟବସ୍ଥା କରିଥିଲେ ଏପରିକି ପାକିସ୍ତାନରୁ ଆସିଥିବା ଅସ୍ତ୍ରଶସ୍ତ୍ରକୁ ଏମାନେ ଆତଙ୍କବାଦୀଙ୍କ ପାଖରେ ପହଞ୍ଚାଇଥିଲେ। ଏହି ୧୫ ଆତଙ୍କୀ ସହାୟକଙ୍କ ମଧ୍ୟରେ ୫ ଜଣ ମୁଖ୍ୟ ଭୂମିକା ନେଇଥିଲେ।ଏମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଠାବ କରାଯାଇ ଅଟକ ରଖାଯାଇଛି। ଅନ୍ୟ ୨ଜଣଙ୍କୁ ଖୋଜାଚାଲିଛି। ଅନ୍ୟପଟେ ଆତଙ୍କୀ ଆକ୍ରମଣ କରିଥିବା ୫ ଆତଙ୍କୀଙ୍କ ଖୋଜାଚାଲିଛି। ପହଲଗାମର ଘଞ୍ଚ ଜଙ୍ଗଲରେ ଏବେବି ସେମାନେ ଲୁଚି ରହିଥିବା ସନ୍ଦେହ କରାଯାଉଛି। ଏମାନେ ୨୨ ଘଣ୍ଟା ଧରି ପାଦରେ ଚାଲିଥିଲେ ଓ ବାଟରେ ଲୁଟ୍‌ପାଟ କରିଥିବା ତଥ୍ୟ ସାମନାକୁ ଆସିଛି।

କେନ୍ଦ୍ର ସରକାରଙ୍କ ଠାରୁ ଯାଞ୍ଚ ଆଦେଶ ପାଇବା ପରେ ଏନଆଇଏ ସ୍ଥାନୀୟ ପୁଲିସ ଠାରୁ ପହଲଗାମ ଆକ୍ରମଣର କେସ ଡାଏରି ଓ ଏଫଆଇଆର ନେବ। ଏହାପୂର୍ବରୁ ଏନଆଇଏର ଏକ ଦଳ ପହଲଗାମରେ ପହଞ୍ଚି ଘଟଣାସ୍ଥଳ ନୀରିକ୍ଷଣରେ ଲାଗି ପଡ଼ିଛି। ଏଥିସହିତ ଏନଆଇଏର ଏକ ଫରେନ୍ସିକ ଦଳ ବି ପହଲଗାମରେ ଅଛି। ଘଟଣାସ୍ଥଳରେ ଟିମ୍ ସମସ୍ତ ସାକ୍ଷ୍ୟ ଏକତ୍ର କରୁଛି । ଏବଂ ପ୍ରବେଶ - ପ୍ରସ୍ଥାନ ପଏଂଟ ଗୁଡିକର ଯାଂଚ୍ କରୁଛି। ବୁଧବାର ଠାରୁ ଘଟଣାସ୍ଥଳରେ ଡେରା ପକାଇଛି ଏନଆଇଏ ଟିମ୍। ଟିମ୍ ପ୍ରମାଣ ତଲାସ



କରିବା ଅଭିଯାନକୁ ଜୋରଦାର୍ କରିଛି । ଆତଙ୍କବାଦୀ ଆକ୍ରମଣ ସମୟର ଏକ ପ୍ରମାଣ ସାମ୍ନାକୁ ଆସିଛି । ଏହି ପ୍ରମାଣ ଜଣେ ସ୍ଥାନୀୟ ଫଟୋଗ୍ରାଫରଙ୍କ କ୍ୟାମେରାରେ ରେକର୍ଡ ରହିଛି। ଆକ୍ରମଣ ସମୟରେ ଉକ୍ତ ଫଟୋଗ୍ରାଫର ଜଣକ ଏକ ଗଛ ଉପରେ ଚଢ଼ି ଏହି ଭୟାବହ ଘଟଣାକୁ ନିଜ କ୍ୟାମେରାରେ କେଦ କରିଥିଲେ। ଯାଞ୍ଚ ଏଜେନ୍ସିଙ୍କ ବିଶ୍ୱାସ ଯେ ଫଟୋଗ୍ରାଫରଙ୍କ ଏହି ଭିଡିଓ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ହେବ। ଫଟୋଗ୍ରାଫରଙ୍କ ରେକର୍ଡିଂ ଅନୁଯାୟୀ, ପ୍ରଥମେ ଦୁଇଜଣ ଆତଙ୍କବାଦୀ ଦୋକାନ ପଛରେ ଲୁଚି ବସିଥିଲେ।ଯେମିତି ଦେଖିଲେ ଗହଳି ଜମୁଛି। ହଠାତ ବାହାରକୁ ଆସି ପର୍ଯ୍ୟଟକଙ୍କୁ କଲମା ପଢ଼ିବାକୁ କହିଥିଲେ। ଯେଉଁମାନେ ପଢ଼ି ପାରି ପାରି ନଥିଲେ ସେମାନଙ୍କ ଉପରକୁ ଗୁଳି କରିଥିଲେ। ଫଳରେ ଘଟଣାସ୍ଥଳରେ ୪ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାପରେ ଉକ୍ତ ସ୍ଥାନରେ ଲୋକେ ଭୟରେ ଏଣେତେଣେ ଜୀବନ ବଞ୍ଚାଇବାକୁ ଦେଢ଼ିବାକୁ ଲାଗିଥିଲେ। ଏଥିସହିତ ଯାଞ୍ଚ ଏଜେନ୍ସି ପ୍ରତ୍ୟେକ ପ୍ରତ୍ୟେକ୍ଷଦର୍ଶୀଙ୍କ ବୟାନ ରେକର୍ଡ କରୁଛି ଯାହାକୁ ଆଧାର କରି ଆଗାମୀ ଯାଞ୍ଚ କରାଯିବ।

ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଏହି ଆକ୍ରମଣର ଦୋଷୀ ଓ ସେମାନଙ୍କ ପ୍ରେତ୍ସାହକମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିବା ପରେ ଭାରତ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ହେଉଛି। ଏହି କାର୍ଯ୍ୟାନୁଷ୍ଠାନକୁ ସୁରକ୍ଷା ସଂପର୍କିତ କ୍ୟାବିନେଟ କମିଟି ଅନୁମୋଦନ କରିଛି। ଏଥିପାଇଁ ଦିଲ୍ଲୀରେ ଘନ ଘନ ବୈଠକ ଚାଲିଛି । ସରକାର ବାରମ୍ବାର ତିନି ସେନା ସହ ଆଲୋଚନା କରୁଛନ୍ତି । ରବିବାର ଭାରତୀୟ ସଶସ୍ତ୍ର ବାହିନୀର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନୀଲ ଚୌହାନ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଭେଟିଛନ୍ତି। ଏହି ବୈଠକ ପ୍ରାୟ ୪୦ ମିନିଟ୍ ଧରି ଚାଲିଥିଲା। ବୈଠକରେ ଜେନେରାଲ ଚୌହାନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ବିଭିନ୍ନ ଅପରେସନ୍ ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ ଏବଂ ସେମାନଙ୍କର ବହୁମୁଖୀ ରଣନୀତି ଏବଂ ସେମାନଙ୍କର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ ।

## ରଷ ଓ ଚୀନ୍ ଶରଣରେ ପାକିସ୍ତାନ

ବେଜିଂ,୨୭।୪(ମହାଭାରତ): ପହଲଗାମ ଆତଙ୍କବାଦୀ ଆକ୍ରମଣରେ ରଷ ଓ ଚୀନ ଏକ ଟିମ୍ ଗଠନ କରି ସ୍ୱାଧୀନ ଭାବେ ନିରପେକ୍ଷ ତଦନ୍ତ କରନ୍ତୁ ବୋଲି ପାକିସ୍ତାନର ପ୍ରସ୍ତାବ ପରେ ସମର୍ଥନରେ ବାହାରିଲା ଚୀନ। ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଇସଲାମାବାଦର ଦାବିକୁ ସମର୍ଥନ ଜଣାଇଛନ୍ତି । ରବିବାର ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ଇଶାକ ଦାରଙ୍କୁ ଫୋନ୍ କରି ୱାଙ୍ଗ ୟି ତୁରନ୍ତ ଏହାର ନିରପେକ୍ଷ ତଦନ୍ତ ଆରମ୍ଭ କରିବାକୁ ସମର୍ଥନ ଜଣାଇଥିଲେ। ଏଥିସହିତ ଭାରତ ଏବଂ ପାକିସ୍ତାନ ଉଭୟ ସଂଯମ ଅବଲମ୍ବନ ପରସ୍ପର ଆଡ଼କୁ ଆଗକୁ ବଢ଼ି ଉତ୍ତେଜନା ହ୍ରାସ କରିବାକୁ କାମ କରିବେ ବୋଲି ସେ ଆଶା ପୋଷଣ କରିଥିଲେ। ଏନେଇ ଚୀନ ସରକାରୀ ମିଡିଆ। ଦି ଗ୍ଲୋବାଲ୍ ଟାଇମ୍ସ ରିପୋର୍ଟ ପ୍ରକାଶ ପାଇଛି ।

ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଦୁଇ ଦେଶ ମଧ୍ୟରେ ବଢ଼ିଥିବା ଉତ୍ତେଜନା ଓ ଏହା ପରର ଘଟଣାବଳୀଗୁଡ଼ିକୁ ପାକିସ୍ତାନ ଚୀନକୁ ଜଣାଇଥିଲା ପାକିସ୍ତାନ ମନ୍ତ୍ରୀ ଇଶାକ ଦାର ଚୀନକୁ ଅବଗତ କରାଇଥିଲେ ଏବଂ ପାକିସ୍ତାନ ଆତଙ୍କବାଦ ବିରୋଧରେ ଦୃଢ଼ ରହିଛି ବୋଲି ସେ କହିଥିଲେ। ଏହାପରେ ୱାଙ୍ଗ ୟି ଏହି ଫୋନ୍ କରି ପାକିସ୍ତାନକୁ ଏଭଳି କହିଥିବା ସୂଚନା ମିଳିଛି।

# ଭାରତ ଛାଡିଲେ ୫୩୭ ପାକିସ୍ତାନୀ

ନୂଆଦିଲ୍ଲୀ,୨୭।୪(ମହାଭାରତ): ସାର୍କ ଭିସାରେ ଭାରତରେ ଥିବା ପାକିସ୍ତାନୀ ନାଗରିକମାନଙ୍କୁ ଦେଶ ଛାଡ଼ିବା ପାଇଁ ଦିଆଯାଇଥିବା ୪୮ ଘଣ୍ଟିଆ। ସମୟସୀମା ଆଜି ଶେଷ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ଅମୃତସରର ଅଟାରି-ୱାଘା ଯୁଗ୍ମ ଚେକ୍ ପୋଷ୍ଟ ଦେଇ ୫୩୭ ଜଣ ପାକିସ୍ତାନୀ ଫି ଯାଇଛନ୍ତି। ସେଥିମଧ୍ୟରୁ ଆଜି ୨୩୭ ଜଣ ଫେରିଛନ୍ତି ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଏପ୍ରିଲ ୨୩ ତାରିଖରେ କେନ୍ଦ୍ରୀୟ ସୁରକ୍ଷା କମିଟି ବୈଠକରେ ପାକ୍ ନାଗରିକଙ୍କୁ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା।ଅଟାରିରେ ଅବସ୍ଥାପିତ ପ୍ରୋଟୋକଲ କଲ୍ ଅଫିସର ଅରୁଣ ମାହଲ କହିଛନ୍ତି ଯେ ମେଡିକାଲ ଭିସାରେ ଥିବା ବ୍ୟକ୍ତିଙ୍କ ସମେତ ସମସ୍ତ ଭିସାଧାରୀଙ୍କ ଫେରିବା ତାରିଖକୁ ଏପ୍ରିଲ ୨୯, ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।ସେପଟେ ଆଜି ସନ୍ଧ୍ୟା ସୁଦ୍ଧା ପାକିସ୍ତାନରୁ ମୋଟ ୧୩୮୭ ଜଣ ଭାରତୀୟ ଫେରିଛନ୍ତି।ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏପ୍ରିଲ ୨୫ରେ ୧୯୧ ଜଣ ଏବଂ ଏପ୍ରିଲ ୨୬ରେ ୮୧ ଜଣ ପାକିସ୍ତାନୀ ନାଗରିକ ଅଟାରୀ-ୱାଘା ସୀମା ଦେଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରବିବାର (ଏପ୍ରିଲ ୨୭) ସୁଦ୍ଧା ମୋଟ ୫୦୯ ଜଣ ପାକିସ୍ତାନୀ, ଯେଉଁଥିରେ ୯ ଜଣ କୂଟନୀତିଜ୍ଞ ଓ ଅଧିକାରୀ ଅନ୍ତର୍ଭୁକ୍ତ, ଏହି ସୀମା ଦେଇ ଭାରତ ଛାଡ଼ିଛନ୍ତି ଅନ୍ୟପକ୍ଷରେ, ୭୪୫ ଜଣ ଭାରତୀୟ, ଯେଉଁଥିରେ ୧୪ ଜଣ କୂଟନୀତିଜ୍ଞ ଓ ଅଧିକାରୀ ଅଛନ୍ତି, ପାକିସ୍ତାନରୁ ଏହି ସୀମା ଦେଇ ଫେରିଛନ୍ତି।

ଅଟାରୀ ସୀମାରେ ଅନେକ ପାକିସ୍ତାନୀ ପରିବାର ସଳ୍ପକାଳୀନ ଭିସାରେ ଭାରତକୁ ଆସିଥିଲେ, ଯେପରିକି ବିବାହ କାର୍ଯ୍ୟ, ଆତ୍ମୀୟଙ୍କୁ ଭେଟିବା କିମ୍ବା ଚିକିତ୍ସା ଉଦ୍ଦେଶ୍ୟରେ କିନ୍ତୁ ସରକାରଙ୍କ ନିର୍ଦ୍ଦେଶ ପରେ ସେମାନେ



ନିଜ ଯୋଜନା ଅଧାରୁ ଛାଡ଼ି ଫେରିବାକୁ ବାଧ ହୋଇଛନ୍ତି। ଉଦାହରଣ ସରୂପ, ମହମ୍ମଦ ରଶିଦଙ୍କ ପରିବାର ଏପ୍ରିଲ ୧୦ରେ ଭାଣିଜୀଙ୍କ ବିବାହରେ ଯୋଗଦେବା ପାଇଁ ଭାରତ ଆସିଥିଲେ, କିନ୍ତୁ ୧୫ ଦିନରେ ଫେରିବାକୁ ପଡ଼ିଛି ସେ କହିଛନ୍ତି, ଆମେ ବିବାହ ଅଧାରୁ ଛାଡ଼ି ଫେରୁଛୁ।

ଅଧିକାରୀଙ୍କ ସୂଚନା ଅନୁସାରେ, ମହାରାଷ୍ଟ୍ରରେ ସର୍ବାଧିକ ୧,୦୦୦ ଜଣ ପାକିସ୍ତାନୀ ସଳ୍ପକାଳୀନ ଭିସାରେ ରହୁଥିଲେ, ଯେଉଁମାନଙ୍କୁ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି କିନ୍ତୁ ୧୦୭ ଜଣ ଏବେ ମଧ୍ୟ ଅନୁପଲବ୍ଧ ଅଛନ୍ତି ଓଡ଼ିଶାରେ ୧୨ ଜଣ ପାକିସ୍ତାନୀ ନାଗରିକ ଚିହ୍ନଟ ହୋଇଛନ୍ତି, ଯେଉଁମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଫେରିବାକୁ କୁହାଯାଇଛି କେରଳରେ ୧୦୪ ଜଣ ପାକିସ୍ତାନୀ ମଧ୍ୟରୁ ୫ ଜଣ ସଳ୍ପକାଳୀନ ଭିସା ଧାରୀ ଇତିମଧ୍ୟେ ଦେଶ ଛାଡ଼ିଛନ୍ତି ଗୁଜରାଟରେ ୭ ଜଣ ଏବଂ ଗୋଆରେ ୩ ଜଣ ସଳ୍ପକାଳୀନ ଭିସା ଧାରୀ ପାକିସ୍ତାନୀ ଆଜି ସୁଦ୍ଧା ଫେରିବା ବା ଫେରୁଛନ୍ତି।

## ଭୁବନେଶ୍ୱର ଛାଡିଲେ ପାକିସ୍ତାନୀ ମହିଳା

ଭୁବନେଶ୍ୱର,୨୭।୪(ମହାଭାରତ): ଭୁବନେଶ୍ୱର ଛାଡିଲେ ପାକିସ୍ତାନୀ ମହିଳା । ଭୁବନେଶ୍ୱରରୁ ଦିଲ୍ଲୀ ଯିବେ ନଗମା ୟୁସୁଫ । ସେଠାରୁ କଲମ୍ବୋ ଯାଇ ପାକିସ୍ତାନ ଯିବେ ନଗମା । ନଗମାଙ୍କ ସ୍ୱାମୀ ଦିଲ୍ଲୀ ଏୟାରପୋର୍ଟରେ ନଗମାଙ୍କୁ ଛାଡି ଭୁବନେଶ୍ୱର ଫେରିବେ । ୪୮ ଘଂଟା ମଧ୍ୟରେ ଭାରତ ଛାଡିବାକୁ ନଗମାଙ୍କୁ ନୋଟିସ ଜାରି କରାଯାଇଥିଲା । ରାଜ୍ୟରେ ଥିବା ଅନ୍ୟ ୧୧ ଜଣଙ୍କୁ ଭାରତ ଛାଡିବାକୁ ନୋଟିସ ଜାରି ହୋଇଛି ।

# ପାଣିରେ ବୁଡି ପ୍ରାଣ ହରାଇଲେ ୭

ଭୁବନେଶ୍ୱର,୨୭।୪(ମହାଭାରତ): ଜଳର ସ୍ଥିତି ନପରଖି ପଶିବା କାଳ ହୋଇଛି। ପୋଖରୀ ଓ ନଦୀରେ ବୁଡ଼ି ୭ ଜଣଙ୍କର ପ୍ରାଣହାନୀ ଘଟିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ୫ ଜଣ ନାବାଳକଙ୍କ ସମେତ ମୋଟ ୭ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ନାବାଳକମାନେ ହେଲେ ଉମାକାନ୍ତ ନାୟକ, ରିତେଶ ପ୍ରଧାନ, ଶୁଭ ଖିଲାର, ସତ୍ୟଜିତ ବେହେରା ଓ ସୂର୍ଯ୍ୟକାନ୍ତ ମାଝୀ। ଦୁଇ ଜଣ ଯୁବକଙ୍କର ପରିଚୟ ମିଳିପାରି ନାହିଁ।



ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଗୋଡ଼ିବିଡା ଗାଁରେ ଆଜି ଏକ ବଡ଼ ଅଘଟଣ ଘଟିଛି। ଏଠାରେ ପାଣିରେ ବୁଡ଼ି ୩ ନାବାଳକଙ୍କ ମୃତ୍ୟୁ ଘଟିଛି। ଗୋଡ଼ିବିଡା ଗାଁର ଉମାକାନ୍ତ ନାୟକ, ଖାଲମଡା ଗାଁର ରିତେଶ ପ୍ରଧାନ ଓ ବାହାଡାଝୋଲା ପୋଡ଼ାସାହି ଗାଁର ଶୁଭ ଖିଲାର ଏକ ବିବାହ କାର୍ଯ୍ୟରେ ଯୋଗ ଦେବାପାଇଁ ପରିବାର ସହ ଆସିଥିଲେ। ସକାଳୁ ଉମାକାନ୍ତଙ୍କ ସହ ମିଶି ରିତେଶ ଓ ଶୁଭ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜା ଖୋଜି କରିବା ପରେ ପୋଖରୀ ନିକଟରୁ ନାବାଳକଙ୍କ ସାଇକେଲ ଓ ଚପଲ ମିଳିଥିଲା। ଏହାପରେ ୩ ଜଣଙ୍କ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ୩ ନାବାଳକଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

କଟକରୁ ମଧ୍ୟ ଏକ ଦୁଃଖଦ ଖବର ଆସିଛି। କାଠଯୋଡ଼ିରେ ଜଣେ ନାବାଳକ ବୁଡ଼ି ଯାଇଛନ୍ତି। ସାଙ୍ଗମାନଙ୍କ ସହ ଗାଧୋଉଥିବା ବେଳେ ସୂର୍ଯ୍ୟକାନ୍ତ ମାଝୀ (୧୩) ବୁଡ଼ିଯିବା ପରେ ତାଙ୍କୁ ଉଦ୍ଧାର କରିଥିଲା ଅଗ୍ନିଶମ ବାହିନୀ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଏସସିବି ମେଡିକାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ସୂର୍ଯ୍ୟକାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। (ପୃ-୮)

## ଦୁଇଟି ପରୀକ୍ଷାରେ ତ୍ରୁଟି

ଭୁବନେଶ୍ୱର,୨୭।୪(ମହାଭାରତ): ପ୍ରତିଯୋଗିତାମୂଳକ ପରୀକ୍ଷାରେ ପୁଣି ତ୍ରୁଟି ପରିଲକ୍ଷିତ ହୋଇଛି। ଗୋଟିଏ ଦିନରେ ଆଜି ରାଜ୍ୟ ଲୋକସେବା ଆୟୋଗ (ଓପିଏସସି) ଏବଂ ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍ଏସସି) ୨ଟି ବଡ଼ ପରୀକ୍ଷାରେ ତ୍ରୁଟି ସାମ୍ନାକୁ ଆସିଛି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଏଭଳି ତ୍ରୁଟି ନେଇ ପରୀକ୍ଷା ଅସନ୍ତୋଷ ଦେଖାଯାଇଛନ୍ତି।

ଆଜି ସିଭିଲ ସର୍ଭିସ୍ ସେବା ମେନ୍-୨୦୨୩ର ଆନ୍ଥ୍ରୋପୋଲୋଜିର ୨ଟି ପେପର ଥିଲା। ପୂର୍ବାହ୍ନ ୯ରୁ ୧୨ଟା ଆନ୍ଥ୍ରୋପୋଲୋଜି ପ୍ରଥମ ପେପର ପରୀକ୍ଷା ଥିଲା। ଅପରାହ୍ନ ୨ଟାରୁ ୫ଟା ଆନ୍ଥ୍ରୋପୋଲୋଜି ଦ୍ୱିତୀୟ ପେପର୍ ପରୀକ୍ଷା ଥିଲା। ମାତ୍ର ପ୍ରଥମ ପେପର ପରୀକ୍ଷାରେ କିଛି ପ୍ରଶ୍ନ ଦ୍ୱିତୀୟ ପେପରରୁ ଆସିଥିଲା। ଦ୍ୱିତୀୟ ପେପର ପରୀକ୍ଷାରେ ପ୍ରଥମ ପେପର କିଛି ପ୍ରଶ୍ନ ଆସିଥିବା ଅଭିଯୋଗ ହୋଇଛି। ପ୍ରଥମ ସିଟିଂ ପରୀକ୍ଷା ପରେ ପରୀକ୍ଷାର୍ଥୀ ଅସନ୍ତୋଷ ଝାଡ଼ିଛନ୍ତି। ଓପିଏସସି କର୍ତ୍ତୃପକ୍ଷ ନୋଟିସ୍ ଜାରିଆରେ ତ୍ରୁଟି ସ୍ୱୀକାର କରିଛନ୍ତି।

ସେହିପରି ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ ପରୀକ୍ଷାରେ ମଧ୍ୟ ବଡ଼ ତ୍ରୁଟି ଦେଖାଯାଇଛି। ଆଜି ଏକ୍ସାଇଜ୍ ଓ ଗ୍ରାଫିକ୍ ଏସ୍ଆଇ ପରୀକ୍ଷା ଥିଲା। ମାତ୍ର ସିଜିଏଲରୁ (ପୃ-୮)

## ମନ୍ କି ବାତ୍‌ରେ ଭରସା ଦେଲେ ପ୍ରଧାନମନ୍ତ୍ରୀ

# ପୀଡ଼ିତ ପରିବାର ନ୍ୟାୟ ପାଇବେ

ନୂଆଦିଲ୍ଲୀ,୨୭।୪(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତରେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ।

ପିଏମ ମୋଦି କହିଛନ୍ତି ଯେ, ଏପ୍ରିଲ ୨୨ ତାରିଖ ଦିନ ପହଲଗାମ୍ ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଦେଶର ପ୍ରତ୍ୟେକ ନାଗରିକକୁ ବ୍ୟଥିତ କରିଛି । ପୀଡ଼ିତ ପରିବାରଙ୍କ ପ୍ରତି ପ୍ରତ୍ୟେକ ଭାରତୀୟଙ୍କ ମନରେ ଗଭୀର ସମବେଦନା ରହିଛି । ସେ ଯେକୌଣସି ରାଜ୍ୟର ହୋଇଥାଆନ୍ତୁ ନା କାହିଁକି, ଯେକୌଣସି ଭାଷାଭାଷୀ ହୋଇଥାଆନ୍ତୁ ନା କାହିଁକି, ସମସ୍ତେ ସେହିମାନଙ୍କ ଯନ୍ତ୍ରଣାକୁ ଅନୁଭବ କରୁଛନ୍ତି, ଯେଉଁମାନେ ଏହି ଆକ୍ରମଣରେ ନିଜ ପରିବାରର ଲୋକଙ୍କୁ ହରାଇଛନ୍ତି। ଆତଙ୍କବାଦୀ ଆକ୍ରମଣର ଚିତ୍ରଗୁଡ଼ିକୁ ଦେଖି ପ୍ରତ୍ୟେକ ଭାରତୀୟର ରକ୍ତ ତାତି ଉଠୁଛି, ସେ କଥା ମୁଁ ଅନୁଭବ କରିପାରୁଛି । ପହଲଗାମରେ ହୋଇଥିବା ଏହି ଆକ୍ରମଣ, ଆତଙ୍କବାଦର ପୃଷ୍ଠପୋଷକଙ୍କ ହତାଶା ଭାବକୁ ଦର୍ଶାଉଛି, ସେମାନଙ୍କ କାପୁରୁଷପଣିଆକୁ ପ୍ରଦର୍ଶିତ କରୁଛି । କାଶ୍ମୀରରେ ଶାନ୍ତି ଫେରିଆସୁଥିବା ସମୟରେ - ସ୍କୁଲ-କଲେଜମାନଙ୍କରେ ଗୋଟିଏ ଉତ୍ସାହ ଥିଲା, ନିର୍ମାଣ କାର୍ଯ୍ୟରେ ଅଭୂତପୂର୍ବ ଗତିଶୀଳତା ଆସିଥିଲା, ଗଣତନ୍ତ୍ର ଦୃଢ଼ୀଭୂତ ହେଉଥିଲା, ପର୍ଯ୍ୟଟକମାନଙ୍କ ସଂଖ୍ୟାରେ ରେକର୍ଡ଼ ବୃଦ୍ଧି ହୋଇଚାଲିଥିଲା, ଲୋକମାନଙ୍କ ଆୟ ବୃଦ୍ଧି ହେଉଥିଲା, ଯୁବବର୍ଗଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହୋଇଚାଲିଥିଲା – ଏଭଳି ସମୟରେ ଦେଶର ଶତ୍ରୁ, ଜାମ୍ମୁ-କାଶ୍ମୀରର ଶତ୍ରୁମାନଙ୍କ ପକ୍ଷରେ ଏହା ଅସହ୍ୟ ହେଲା । ଆତଙ୍କବାଦୀ ଓ ଆତଙ୍କକୁ ପ୍ରଶ୍ରୟ ଦେଉଥିବା ଶକ୍ତିମାନେ ଚାହାଁନ୍ତି ଯେ, କାଶ୍ମୀର ପୁଣିଥରେ ଧ୍ୱଂସ ହେଇଯାଉ, ତେଣୁ ସେମାନେ ଏତେ ବଡ଼ ଷଡ଼ଯନ୍ତ୍ର ଘଟାଇଲେ ।

ଆତଙ୍କବାଦ ବିରୁଦ୍ଧରେ ଏହି ଯୁଦ୍ଧରେ ଦେଶର ଏକତା, ୧୪୦ କୋଟି ଭାରତୀୟଙ୍କ ଏକଜୁଟପଣିଆ ଆମର ସବୁଠାରୁ ବଡ଼ ଶକ୍ତି । ଏହି ଏକତା, ଆତଙ୍କବାଦ ବିରୁଦ୍ଧରେ ଆମର ନିର୍ଣ୍ଣାୟକ ସଂଗ୍ରାମର ଆଧାର । ଦେଶ ଆଗରେ ଦେଖାଦେଇଥିବା ଏହି ଆହ୍ୱାନର ମୁକାବିଲା କରିବା ପାଇଁ ଆମକୁ ଆମ ସଂକଳ୍ପକୁ ସୁଦୃଢ଼ କରିବାକୁ ହେବ । ଗୋଟିଏ ରାଷ୍ଟ୍ର ହିସାବରେ



ଆମକୁ ଦୃଢ଼ ଇଚ୍ଛାଶକ୍ତି ପ୍ରଦର୍ଶିତ କରିବାକୁ ହେବ । ଏହି ଆତଙ୍କବାଦୀ ଆକ୍ରମଣ ପରେ ସମଗ୍ର ଦେଶର ସ୍ୱର ଏକ ହୋଇଥିବା କଥା ଆଜି ସାରା ବିଶ୍ୱ ଦେଖୁଛି।

ପିଏମ ମୋଦି କହିଛନ୍ତି ଯେ, ଆମ ଭାରତୀୟମାନଙ୍କ ମଧ୍ୟରେ ଯେଉଁ ଆକ୍ରୋଶ ଭାବ ରହିଛି, ସାରା ବିଶ୍ୱରେ ସେହି ଆକ୍ରୋଶ ରହିଛି । ଏହି ଆତଙ୍କବାଦୀ ଆକ୍ରମଣ ପରେ କ୍ରମାଗତ ଭାବେ ସାରା ବିଶ୍ୱରୁ ସମବେଦନା ବାର୍ତ୍ତମାନ ଆସିବାରେ ଲାଗିଛି । ବିଶ୍ୱର ଅନେକ ନେତା ମତେ ଫୋନ୍ କରିଛନ୍ତି, ଚିଠି ଲେଖିଛନ୍ତି, ବାର୍ତ୍ତା ପଠେଇଛନ୍ତି । ଏହି ଜଘନ୍ୟ ଢଙ୍ଗରେ କରାଯାଇଥିବା ଆତଙ୍କବାଦୀ ଆକ୍ରମଣକୁ ସମସ୍ତେ ଘୋର ନିନ୍ଦା କରିଛନ୍ତି । ସେମାନେ ମୃତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି । ସମଗ୍ର ବିଶ୍ୱ, ଆତଙ୍କବାଦ ବିରୁଦ୍ଧରେ, ଆମ ସଂଗ୍ରାମରେ, ୧୪୦ କୋଟି ଭାରତୀୟଙ୍କ ସାଥିରେ ରହିଛି । ପୀଡ଼ିତ ପରିବାରମାନଙ୍କୁ ମୁଁ ପୁଣିଥରେ ଭରସା ଦେଉଛି ଯେ, ସେମାନେ ନ୍ୟାୟ ପାଇବେ, ସେମାନଙ୍କୁ ନିଶ୍ଚୟ ନ୍ୟାୟ ମିଳିବ। ଏହି ଆକ୍ରମଣର ଦୋଷୀମାନଙ୍କୁ ଏବଂ ଏହି ଷଡ଼ଯନ୍ତ୍ର ରଚନାକାରୀମାନଙ୍କୁ କଠୋରତମ ଜବାବ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଭୁବନେଶ୍ୱର ଏୟାରପୋର୍ଟରେ ପ୍ରବଳ ହଙ୍ଗାମା

ଭୁବନେଶ୍ୱର,୨୭।୪(ମହାଭାରତ) ଭୁବନେଶ୍ୱର ବିମାନ ବନ୍ଦର ଉତ୍ତେଜନା । ୧୨ ଘଂଟା ପରେ ବି ଗନ୍ତବ୍ୟସ୍ଥଳରେ ପହଂଚି ପାରିନାହାନ୍ତି ଯାତ୍ରୀ । ଗେଟ ସମ୍ମୁଖରେ ୨୫ରୁ ଅଧିକ ଯାତ୍ରୀ ହୋ ହାଲ୍ଲା କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ପାଗ ଖରାପ ଯୋଗୁଁ ଦିଲ୍ଲୀରୁ କଲିକତା ଯାଉଥିବା ଯାତ୍ରୀଙ୍କୁ ଗତକାଲି ରାତିରୁ ଭୁବନେଶ୍ୱର ବିମାନ ବନ୍ଦରରେ ବିମାନ ଅବତରଣ କରିଥିଲା ସ୍ପାଇଜେଟ। ହେଲେ ପାଗ ଭଲ ହେବା ପରେ ବି ୧୨ ଘଂଟା ପରେ ବି ଗନ୍ତବ୍ୟସ୍ଥଳରେ ପହଂଚି ପାରିନାହାନ୍ତି ଯାତ୍ରୀ । ଯାହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯିବା ସହ ଉତ୍ତେଜନା ଦେଖାଦେଇଛି ।

## ଦୁଇ ଭାଇଙ୍କୁ ହତ୍ୟା ପରେ ଜାଳିଦେଲେ

ବେଗୁନିଆପଡା,୨୦।୪(ମହାଭାରତ): ପୁଣି ଅଶାନ୍ତହେଲା ଗଞ୍ଜାମ। ଜିଲାର ବେଗୁନିଆପଡ଼ା ଥାନା ଶାଳବଣ ଗାଁ ଜଙ୍ଗଲରେ ରବିବାର ଦୁଇ ଭାଇଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଠାବ ହୋଇଛି। ପୂର୍ବ ଶତ୍ରୁତାରୁ ସେମାନଙ୍କୁ ପିଟିପିଟି ହତ୍ୟା କରିବା ପରେ ଜାଳି ଦେବାକୁ ଚେଷ୍ଟା କରାଯାଇଥିବାସନ୍ଦେହ କରାଯାଉଛି।ମୃତକ ଦୁଇ ଭାଇ ସୁମୁଣ୍ଡଳ ଗାଁର ସଞ୍ଜୟ ବାରିକ ଓଅଜୟ ବାରିକ। ଘଟଣାସ୍ଥଳରେ ବେଗୁନିଆପଡ଼ା ପୋଲିସ, ପୁରୁଷୋତ୍ତମପୁର ଏସଡିପିଓ ପହଞ୍ଚି ଘଟଣାର ଛାନଭିନ ଆରମ୍ଭ କରିଛି। ଆଜି ସକାଳେ ୨ଟି ମୃତଦେହପଡ଼ିଥିବା ଦେଖି ପୋଲିସକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଘଟଣାର ଛାନଭିନ ଆରମ୍ଭ କରିଛି। ୨ ଭାଇଙ୍କ ନାମରେ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଥିବା ସୂଚନା ମିଳିଛି।

# ପ୍ରାଥମିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ ପାଇଁ ଆମେ ବଦ୍ଧପରିକର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୪(ମହାଭାରତ): ୦୩୬ରେ ଓଡିଶା ତାର ଶହେ ବର୍ଷ ପୂରଣ କରୁଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି । ସମୃଦ୍ଧ ଓଡିଶା ଗଠନ ଦିଗରେ ଶିକ୍ଷାର ମହତ୍ୱପୂର୍ଣ୍ଣ ଭୂମିକା ରହିବ । ତେଣୁ ଉଭୟ ପ୍ରାଥମିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ କରିବା ପାଇଁ ଆମ ସରକାର ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗଞ୍ଜାମ ଜିଲ୍ଲା ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ

### ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ

ଉତ୍ସବରେ ଯୋଗ ଦେଇ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ପ୍ରଥମେ ବିଦ୍ୟାଳୟର ପ୍ରତିଷ୍ଠାତା ଆଦର୍ଶ ଶିକ୍ଷକ ସ୍ୱର୍ଗତ ଭଗବାନ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ୧୯୨୪ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ବିଦ୍ୟାଳୟ ତାର ଶିକ୍ଷାଦାନର ଯାତ୍ରା ଆରମ୍ଭ କରି ଦୀର୍ଘ ୧୦ ଦଶନ୍ଧୀ ଧରି ସୀମାନ୍ତ ଅଂଚଳରେ ଜ୍ଞାନର ଆଲୋକ ବିକିରଣ କରିଆସୁଛି । ଭାରତୀୟ ସଂସ୍କୃତି ଓ ପରମ୍ପରାରେ



ଶିକ୍ଷାଦାନ ବ୍ୟବସ୍ଥା ଗୁରୁ ଶିଷ୍ୟ ପଦ୍ଧତିରେ କେଉଁ ଆବାହମାନ ଯୁଗରୁ ରହିଆସିଛି । ବ୍ରିଟିଶ ସରକାର ଆସିବା ପରେ ଶିକ୍ଷାନୀତି ପ୍ରଚଳିତ ହୋଇଥିଲା। ସେତେବେଳ ଶିକ୍ଷାର ସବୁଠାରୁ ବଡ ଉଦ୍ଦେଶ୍ୟ ଥିଲା, ବ୍ରିଟିଶ ସରକାରଙ୍କ ପାଇଁ କିରାଣୀ ଓ ଅଧିକାରୀ ପ୍ରସ୍ତୁତ କରିବା । ଜ୍ଞାନ ଆହରଣ, ଚରିତ୍ର ଗଠନ ସେହି ଶିକ୍ଷା ପଦ୍ଧତିର ଉଦ୍ଦେଶ୍ୟ ନ ଥିଲା । ଏହି ଶିକ୍ଷା ପଦ୍ଧତି ସ୍ୱାଧୀନତା ପରବର୍ତ୍ତୀ ସମୟରେ ବହୁ ବର୍ଷ ଧରି ଚାଲି ଆସିଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଦ୍ୟାଳୟର ଉଦ୍ଦେଶ୍ୟ ହେଉଛି ପାଠ ପଢାଇ ପିଲାଙ୍କୁ ଉତ୍ତମ ନାଗରିକ ଭାବେ ଗଢି ସମାଜ ଗଠନର ଗୁରୁ ଦାୟିତ୍ୱ ନ୍ୟସ୍ତ କରିବା। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦେଶର ଶାସନଭାର ନେଲା ପରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ୨୦୨୦ ମସିହାରେ ମୋଦୀଜୀଙ୍କ ଦିଗ୍‌ଦର୍ଶନରେ ନୂତନ ଶିକ୍ଷାନୀତି ଦେଶରେ ପ୍ରଣୟନ ହୋଇଥିଲା । ଦୁର୍ଭାଗ୍ୟର କଥା, ଆମ ରାଜ୍ୟରେ ଏହି ନୂତନ ଶିକ୍ଷା ନୀତିକୁ ୫ ବର୍ଷ ଧରି ଲାଗୁ କରାଯାଇ ନ ଥିଲା ।ଆଜି ଆମ ସରକାର ଆସିବା ପରେ, ଏହା ଲାଗୁ କରାଯାଇଛି। ଏହାଦ୍ୱାରା ନିଶ୍ଚିତଭାବେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ।

ସେ ପୁଣି କହିଥିଲେ ଯେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଆମେ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଶିକ୍ଷା ବା ଶିଶୁବାଟିକା ଆରମ୍ଭ କରିଛୁ । ନୂତନ ଜାତୀୟ ଶିକ୍ଷାନୀତି (ପୃ-୮)

## ସର୍ବଭାରତୀୟ ନିଟ୍ ଏସ୍ଏସ୍ ପରୀକ୍ଷାରେ ଯସ୍ ଜୈନ ପ୍ରଥମ

ଭୁବନେଶ୍ୱର,୨୭।୪(ମହାଭାରତ): ସର୍ବ ଭାରତୀୟ ପ୍ରବେଶିକା ପରୀକ୍ଷାରେ ପୁଣି ଜଣେ ଓଡ଼ିଆ। ପୁଅ ଚମକିଛନ୍ତି। ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିବାସୀ ଯସ ଜୈନ ସର୍ବ ଭାରତୀୟ ନିଟ୍ ଏସ୍ଏସ୍(ସୁପର ସ୍ପେଶାଲିଟି ଏଣ୍ଟ୍ରାନ୍ସ ପରୀକ୍ଷା)-୨୦୨୫ରେ ସର୍ବ ଭାରତୀୟ ସର୍ବ ପ୍ରଥମ ହୋଇଛନ୍ତି। ସେ ସୁନିଲ ଜୈନ ଓ ମାତା ପୁଜା ଜୈନଙ୍କ ସୁପୁତ୍ର ଅଟନ୍ତି।

ଏହି ସଫଳତା ପରେ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏନଇଇଟି-ସୁପର ସ୍ପେଶାଲିଟି ପରୀକ୍ଷାରେ ଅଖିଳ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅର୍ଜନ କରି ଓଡ଼ିଶାକୁ ଗର୍ବିତ କରିଥିବା ବଲାଙ୍ଗିର କଂଟାବାଞ୍ଜିର ଯଶ୍ ଜୈନ୍ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଯଶ୍ ଙ୍କର ଏହି ଉପଲବ୍ଧି ଓଡ଼ିଆ ବିଦ୍ୟାର୍ଥୀଙ୍କ ଅସୀମ ସାମର୍ଥ୍ୟର ଏକ ଜ୍ୱଳନ୍ତ ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ଯଶଙ୍କର ସଫଳତା ରାଜ୍ୟର ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବା ସହ ସ୍ୱପ୍ନ ଦେଖିବାର ସାହସ ଯୋଗାଇଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଆଗାମୀ ଦିନରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।।

ଶ୍ରୀ ଜୈନ ମୁମ୍ବାଇର ପ୍ରତିଷ୍ଠିତ କେଇଏସ୍ ମେଡିକାଲ କଲେଜରୁ ଏମବିବିଏସ୍‌ରେ ୧୪୭(ନିଟ୍)ର ଡିଗ୍ରି ହାସଲ ପରେ ମହାରାଷ୍ଟ୍ର ନାଗପୁର ମେଡିକଲେଜରେ ସାଧାରଣ ସର୍ଜରିରେ ମାଷ୍ଟର ଡିଗ୍ରି ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ କଣ୍ଟାବାଞ୍ଜି ସହରର ଜନସାଧାରଣ ଗୌରବ ଅନୁଭବ କରିବା ସହିତ ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜଣାଉଥିବା ଦେଖିବାକୁ ମିଳିଛି ।

## ବେବିକର୍ଣ୍ଣ ଚିଲି

**ବେବିକର୍ଣ୍ଣ :** ୨୦୦ଗ୍ରାମ, ମଇଦା: ୨୫ଗ୍ରାମ, ଆରାରୁଟ ପାଉଡ଼ର: ୨୫ଗ୍ରାମ, ତେଲ: ୫୦୦ ମିଲି, ଲଙ୍କା: ୨ଟି , ପିଆଜ: ୨ଟି , ଲୁଣ: ସ୍ୱାଦ ଅନୁସାରେ, ତେଲ: ଆବଶ୍ୟକତା ଅନୁସାରେ, ସିମଲା ଲଙ୍କା: ୧୦୦ଗ୍ରାମ, ଚିଲି ସସ୍: ୩ ଛୋଟୋ ଚାମଚ, ଅଦାରସୁଣ ପେଷ୍ଟ: ୧ ଚାମଚ, ରାଶି: ଅଳ୍ପ

**ପ୍ରସ୍ତୁତ ପ୍ରଣାଳୀ:** ବେବିକର୍ଣ୍ଣକୁ ଛୋଟ ଛୋଟ କରି କାଟି ଦିଅନ୍ତୁ । ସେଥିରେ ମଇଦା ଓ ଲୁଣ ପକାଇ ଗୋଳାନ୍ତୁ । ଏହା ପରେ ପିଆଜ ଓ ସିମଲା ଲଙ୍କା, ଲଙ୍କା ଛୋଟ ଛୋଟ କାଟି ଏକ ପାତ୍ରରେ ରଖନ୍ତୁ । ଗ୍ୟାସ ଅନ୍ କରି ଏକ କଢେଇରେ ତେଲ ଗରମ କରି ସେଥିରେ ଗୋଳା ହୋଇଥିବା ବେବିକର୍ଣ୍ଣକୁ ଛାଣି ଦିଅନ୍ତୁ । ଗୋଲ୍ଡେନ ବ୍ରାଉନ ହେବା ଯାଏଁ ଛାଣନ୍ତୁ । ଏହାପରେ ପୁଣି କଢେଇ ବସାଇ ସେଥିରେ ଅଳ୍ପ ତେଲ ଗରମ କରନ୍ତୁ । ସେଥିରେ ଅଦାରସୁଣ ପେଷ୍ଟ ପକାଇ ଭାଜିବା ପରେ ପିଆଜ, ସିମଲା ଲଙ୍କା ଓ ଲଙ୍କାକୁ ପକାଇ ଅଳ୍ପ ଭାଜନ୍ତୁ । ଏହାପରେ ସେଥିରେ ଏକ କପ ପାଣି ପକାନ୍ତୁ । ସେଥିରେ ସବୁ ସସ ପକାଇ ଫୁଟିବା ପରେ ଲୁଣ ପକାନ୍ତୁ । ସେଥିରେ ବେବିକର୍ଣ୍ଣ ପକାନ୍ତୁ । ବେବିକର୍ଣ୍ଣରେ ସବୁ ସସ୍ ଲାଗିବା ପରେ ପାଣି ଶୁଖେଇ ଦିଅନ୍ତୁ । ସେଥିରେ ରାଶି ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ଗ୍ୟାସ ବନ୍ଦ କରି ଏକ ପାତ୍ରକୁ ବାହାର କରିନିଅନ୍ତୁ ଚଟପଟା ବେବିକର୍ଣ୍ଣ ଚିଲି ।



### ଖବର

## ସୀମା ଏବେ ଭାରତର ବୋହୂ, ତାଙ୍କୁ ପାକିସ୍ତାନ ପଠାଅ ନାହିଁ: ରାଖୀ ସାୱନ୍ତ



ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ, ସମଗ୍ର ଦେଶ କ୍ରୋଧରେ ଜଳୁଛି ଏବଂ ପାକିସ୍ତାନକୁ ଉଚିତ ଶିକ୍ଷା ଦେବାକୁ ଦାବି କରୁଛି । ଏହି ସମୟରେ, ଭାରତ ସରକାର ଏକ ବଡ଼ ପଦକ୍ଷେପ ନେଇ ପାକିସ୍ତାନୀମାନଙ୍କୁ ଦେଶ ଛାଡିବାକୁ କହିଛନ୍ତି । ଏପରି ପରିସ୍ଥିତିରେ ବେଆଇନ୍ ଭାବେ ଭାରତ ଆସିଥିବା ସୀମା ହାଇଦର ଭାରତରେ ରହିବା ଉପରେ ପ୍ରଶ୍ନ ଉଠିଛି । ସୀମା ୨୦୨୩ ମସିହାରେ ଭାରତରେ ଅବୈଧ ଭାବରେ ପ୍ରବେଶ କରିଥିଲେ ଏବଂ ଗ୍ରେଟର ନୋଏଡାର ରାବୁପୁରାର ୨୪ବର୍ଷୀୟ ସଚିନ ମୀନାଙ୍କୁ ବିବାହ କରିଥିଲେୟ ନିକଟରେ ସଚିନ ଏବଂ ସୀମା ଏକ କନ୍ୟା ସନ୍ତାନର ପିତାମାତା ହୋଇଛନ୍ତି । ଏବେ ଯେତେବେଳେ ସୀମା ହାଇଦରଙ୍କ ଭାରତରେ ରହିବା ଉପରେ ପ୍ରଶ୍ନ ଉଠାଯାଉଛି, ବଲିଉଡର ଡ୍ରାମା କୁଇନ୍ ରାଖୀ ସାୱନ୍ତ ତାଙ୍କ ସମର୍ଥନରେ ବାହାରିଛନ୍ତି ।ସେ କହିଛନ୍ତି ଯେ, ସୀମା ହାଇଦରଙ୍କୁ ପାକିସ୍ତାନ ପଠାଯିବା ଉଚିତ୍ ନୁହେଁ । କାରଣ ସେ ଏବେ ଭାରତର ବୋହୂ । ସେ ସଚିନଙ୍କ ସ୍ତ୍ରୀ ଏବଂ ତାଙ୍କ ପିଲାର ମାଆ । ଭାରତ ସୀମା ହାଇଦରଙ୍କୁ ପାକିସ୍ତାନ ପଠାଇବା ଉଚିତ ନୁହେଁ । ସେ ସଚିନଙ୍କୁ ଭଲ ପାଆନ୍ତି ଏବଂ ସେ ସଚିନଙ୍କ ପିଲାର ମାଆ ହୋଇଥିବାରୁ ସେ ଭାରତୀୟ ହୋଇସାରିଛନ୍ତି । କୌଣସି ମହିଳାଙ୍କ ପ୍ରତି ଏପରି ଅନ୍ୟାୟ କରାଯିବା ଉଚିତ ନୁହେଁ । ଯଦି ସେ ମା' ହୋଇ ନଥାନ୍ତେ, ତେବେ ଆପଣ ତାଙ୍କୁ ପଠାଇପାରିଥାନ୍ତେ । କିନ୍ତୁ ଏବେ ସେ ଭାରତର ବୋହୂ, ତେଣୁ ଆପଣ ସୀମା ହାଇଦରଙ୍କ ସହିତ ଏପରି ଭୁଲ କାମ କରିପାରିବେ ନାହିଁ ।ଆପଣ ତାଙ୍କ ସହିତ ଖରାପ ବ୍ୟବହାର କରିପାରିବେ ନାହିଁ । ମହିଳାମାନଙ୍କୁ ସମ୍ମାନ କରନ୍ତୁ ।

## ସ୍ୱାସ୍ଥ୍ୟ ପାଇଁ ଉପକାରୀ ଗରମ ମସଲା

ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ଗରମ ମସଲାର ବ୍ୟବହାର କରାଯାଇଥାଏ । ଏହା କେବଳ ଖାଦ୍ୟର ସ୍ୱାଦକୁ ବଢାଇନଥାଏ, ସ୍ୱାସ୍ଥ୍ୟକୁ ଲାଭ ମଧ୍ୟ ପହଞ୍ଚାଇଥାଏ । ୧୦ରୁ ଅଧିକ ମସଲା, ଯେପରିକି ଡାଲଚିନି, ତେଜପତ୍ର, ଲବଙ୍ଗ, ଗୁଜୁରାତି, ହଳଦୀ, ଜୀରା, ଧନିଆ, ଗୋଲମରିଚକୁ ଗ୍ରାଇଣ୍ଡିଂ କରି ମସଲା ପ୍ରସ୍ତୁତ କରାଯାଉଥିବାରୁ ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ତେବେ ଆସନ୍ତୁ ଜାଣିବା,ଗରମ ମସଲା ଖାଇଲେ କେଉଁସବୁ ଲାଭ ମିଳିଥାଏ ।



୧- ଗରମ ମସଲା ଖାଇଲେ ପାଚନ କ୍ରିୟା ଠିକ୍ ରହିଥାଏ । ତେଣୁ କୋଷ୍ଠ କାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

୨- ଏହାକୁ ଖାଇଲେ ଶରୀରରେ ୱେଟ୍ ବର୍ଣ୍ଣ ହୋଇଥାଏ । ଗବେଷଣା ଅନୁସାରେ ଏଥିରେ ଫାଇବର ଥିବାରୁ ଓଜନ ହ୍ରାସ ହୋଇଥାଏ ।

୩- ଯେଉଁମାନଙ୍କୁ ଭୋକ କମ୍ ହେଉଛି,ସେମାନେ ଗରମ ମସଲା ଖାଆନ୍ତୁ । ଏହାଦ୍ୱାରା ପେଟରେ ପାଚନ ରସ ବଢିଥାଏ । ଗରମ ମସଲାରେ ଲବଙ୍ଗ, ଜୀରା ରହିଥିବାରୁ ଏସିଡିଟି କମ୍ ହୋଇଥାଏ ।

୪- ଶରୀରରେ ମେଟା ବୋଲିଜିମ୍ ବଢିଲେ ଓଜନ କମ୍ ହେବ । କେବଳ ଏତିକି ନୁହେଁ, ମୋଟାବୋଲିଜିମ୍ ସୁସ୍ଥ ରହିଲେ,ଶରୀରକୁ ଶକ୍ତି ମିଳିଥାଏ । ଗରମ ମସଲାରେ ଗୋଲମରିଚ ମେଟାବୋଲିଜିମକୁ ସୁସ୍ଥ ରଖିଥାଏ ।

୫- ଗରମ ମସଲାରେ ଥିବା ଜୀରା ଏକ ଆଣ୍ଟି-ଡାଇବେଟିକ୍ ଏଜେଣ୍ଟ । ଏହା ଡାଇବେଟିସର ଲକ୍ଷଣକୁ କମ୍ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରିଥାଏ ।

୬- ଜୀରା, ଡାଲଚିନି ଓ ଗୋଲମରିଚରେ ଆଣ୍ଟି-ଅକ୍ସିଡାଣ୍ଟ ଓ ଆଣ୍ଟି-ଇନଫ୍ଲାମେଣ୍ଟାରୀ ଗୁଣ ରହିଛି । ତେଣୁ ଏହା ହାର୍ଟକୁ ସୁସ୍ଥ ରଖିଥାଏ ।

ମନେରଖନ୍ତୁ ଆବଶ୍ୟକତାଠାରୁ ଅଧିକ ଗରମ ମସଲା ଖାଇବା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ।

## ଘରୋଇ ଉପାୟରେ ମାନିକିୟୋର ଓ ପେଡିକିୟୋର

କର୍ମଜୀବୀ ମହିଳାଙ୍କୁ ନିଜ ତ୍ୱଚାର ଯତ୍ନ ନେବା ପାଇଁ ପାର୍ଲର ବଦଳରେ ଘରୋଇ ଉପାୟରେ ମଧ୍ୟ କରିପାରିବେ । ତାଙ୍କ ପାଖରେ ସମୟ ଅଛି ନିଜ ସୌନ୍ଦର୍ଯ୍ୟପ୍ରତି ଯତ୍ନବାନ ହେବାର । ଏଥିନେଇ ପାର୍ଲରର ଆବଶ୍ୟକତା ନାହିଁ । ଘରେ, ଘରୋଇ ଉପାୟରେ ବି ନେଇ ହେବ ନିଜ ତ୍ୱଚାର ଯତ୍ନ । ତେବେ ଚାଲନ୍ତୁ ଜାଣିବା ବିନା ପାର୍ଲର ଯାଇ କେଉଁ ଭଳି ଭାବେ ଘରେ ବସି ମାନିକିୟୋର୍( ହାତ ସଫା) ଓ ପେଡିକିୟୋର୍(ଗୋଡ଼ ସଫା) କରିପାରିବେ । ଉଭୟ ମାନିକିୟୋର ଓ ପେଡିକିୟୋର୍ ଗୋଟାଏ ପ୍ରଣାଳୀରେ କରିହେବ । ସେଥିପାଇଁ ଆପଣଙ୍କୁ ଆବଶ୍ୟକ ବଡି



ସାମ୍ପୋ, ଲୁଣ, କାଗେଜି, ହାଇଡ୍ରୋଜେନ୍ ପେରକ୍ସାଇଡ୍, ଗୋଲାପ ଜଳ, ବଡି ଲୋସନ ଓ ପାଣି । ପ୍ରଥମେ କିଛି ପାଣି ନେଇ ତାହାକୁ ହାଲୁକା ଉଷୁମ କରନ୍ତୁ । ସେହି ପାଣିକି ଏକ ପାତ୍ରରେ କାଢି ସେଥିରେ ଆବଶ୍ୟକ ମୁତାବକ ଲୁଣ ପକାଇ ମିଶାଇ ଦିଅନ୍ତୁ । ତାପରେ ସେଥିରେ ଫେଣ ହେବା ପରିମାଣର ବଡି ସାମ୍ପୋ ମିଶାନ୍ତୁ । ସାମ୍ପୋ ମିଶାଇ ଗୋଳାଇବା ପରେ ସେଥିରେ କାଗେଜି କାଟି ଚିପୁଡ଼ି ଦିଅନ୍ତୁ । କିଛି ସମୟ ପର୍ଯ୍ୟନ୍ତ ସେହି ପାଣିରେ ହାତ କିମ୍ବା ଗୋଡ଼କୁ ବୁଡ଼ାଇ ରଖନ୍ତୁ । ତା'ପରେ ଲେମ୍ବୁ ଘଷି ଘଷି ହାତ/ଗୋଡ଼ ସଫା କରନ୍ତୁ । ଭଲ ଭାବେ ହାତ/ଗୋଡ଼କୁ ଧୋଇ ଦେବା ପରେ ଏକ ନରମ ତଉଲିଆରେ ପୋଛି ସେଥିରେ ପ୍ରଥମେ ଗୋଲାପ ଜଳ ଲଗାନ୍ତୁ ଓ ଗୋଲାପ ଜଳ ଶୁଖି ଗଲା ପରେ ବଡି ଲୋସନ ଲଗାଇ ସାମାନ୍ୟ ମାଲିସ୍ କରନ୍ତୁ ।

## ଇମ୍ୟୁନିଟି ଷ୍ଟ୍ରଙ୍ଗ୍ ହେବା ପାଇଁ ଜରୁରୀ ଅଟେ ଭିଟାମିନ୍ ସି'




କରୋନା ସଂକ୍ରମଣକୁ ଦେଖି ସମସ୍ତେ ନିଜର ସ୍ୱାସ୍ଥ୍ୟ ଏବଂ ଇମ୍ୟୁନିଟିକୁ ନେଇ ସଚେତନ ହୋଇଛନ୍ତି । ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଲୋକମାନେ ଉତ୍ତମ ଖାଦ୍ୟ, ଏକ୍ସରସାଇଜ୍ ଏବଂ ଯୋଗ ଅନୁସରଣ କରୁଛନ୍ତି, କିନ୍ତୁ ଏଥି ମଧ୍ୟରେ ଆମେ ଆପଣଙ୍କୁ ଏପରି ଭିଟାମିନ୍ ବିଷୟରେ କହିବୁ, ଯାହା ଡାକ୍ତରମାନେ ମଧ୍ୟ ଏହାର ଗ୍ରହଣ ଉପରେ ଗୁରୁତ୍ୱ ଦେଉଛନ୍ତି । ତେବେ ଚାଲନ୍ତୁ ଜାଣିବା ଭିଟାମିନ୍ ସି ବିଷୟରେ ଡାକ୍ତରମାନେ ଏହା ମଧ୍ୟ ବିଶ୍ୱାସ୍ କରନ୍ତି ଯେ ଭିଟାମିନ୍ ସି ଏବଂ ଜିଙ୍କ କୋଭିଡ -୧୯ ରୋଗର ମୁକାବିଲା କରିବାରେ ସାହାଯ୍ୟ କରିଥାଏ । ଏଥି ସହିତ, ଏକ ନୂତନ ଅନୁସନ୍ଧାନରେ କୁହାଯାଇଛି ଯେ ଥଣ୍ଡା ଏବଂ ଫ୍ଲୁର ଗମ୍ଭୀରତାକୁ କମ୍ କରିବା କିମ୍ବା ମୁକାବିଲା କରିବା ପାଇଁ ଜିଙ୍କ ଏବଂ ଭିଟାମିନ୍ ସି ବ୍ୟବହାର କରିବା ଅତ୍ୟନ୍ତ ଲାଭଦାୟକ ଅଟେ ।

ମଲ୍ଟି ସ୍ପେସିଆଲିଟି ହସ୍ପିଟାଲର ଡାକ୍ତରଙ୍କ ଅନୁଯାୟୀ ରୋଗୀଙ୍କୁ କରୋନା ଅବଧିରେ ଭିଟାମିନ୍-ସି ଏବଂ ଜିଙ୍କ ଟାବଲେଟ୍ ନେବାକୁ ପରାମର୍ଶ ଦିଆଯାଇଛି । ଲେମ୍ବୁ, କମଳା, ଅଁଳା ପରି ସାଇଟ୍ରସ୍ ଫଳଗୁଡ଼ିକ ଭିଟାମିନ୍ ସି ର ପ୍ରାକୃତିକ ଉତ୍ସ । ଲେମ୍ବୁ ଭିଟାମିନ୍ ସି ର ଏକ ଉତ୍ତମ ଉତ୍ସ । କମଳା ଖାଇବା ଦ୍ୱାରା ଭିଟାମିନ୍ ସି ସହିତ ଫାଇବର୍ ମଧ୍ୟ ପ୍ରଚୁର ପରିମାଣରେ ମିଳିଥାଏ । ତେଣୁ କରୋନାର ଏହି ଅବଧିରେ, ଲୋକମାନେ ଭିଟାମିନ୍ ସି ଯୁକ୍ତ ଏହି ଫଳ ବ୍ୟବହାର କରିବା ଉଚିତ ଯାହା ଇମ୍ୟୁନିଟି ବଢାଇବାରେ ସାହାଯ୍ୟ କରିଥାଏ ।

- ଯଦି ଆପଣ ରୋଗ ପ୍ରତିରୋଧକ ଶକ୍ତି ବଢାଇବାକୁ ଚାହୁଁଛନ୍ତି, ତେବେ ସାଇଟ୍ରସ୍ ଫଳ ଖାଆନ୍ତୁ । ଏହି ସାଇଟ୍ରସ୍ ଫଳଗୁଡିକ ହେଉଛି କମଳା, ଲେମ୍ବୁ, ମାଲାଟା, ଫିଜୁଳି, ଅଙ୍ଗୁର, ଅମୃତଭଣ୍ଡା, ତରଭୁଜ ଷ୍ଟ୍ରବେରୀ, ଏବଂ ପନିପରିବାରେ ବ୍ରୋକୋଲି ।



-ଭିଟାମିନ୍ ସି ହାଇ ବ୍ଲଡ୍ ପ୍ରେସରକୁ କଣ୍ଟ୍ରୋଲ୍ କରିଥାଏ । ସ୍କିନ୍ ସ୍ମୁଥ କରିବା ସହିତ ମେଟାବୋଲିଜିମକୁ ମଧ୍ୟ ବଢାଇଥାଏ ।

-ଭିଟାମିନ୍ ସି ଓଜନ କମାଇବାରେ ସାହାଯ୍ୟ କରିଥାଏ ।

-ଇମ୍ୟୁନିଟି ସିଷ୍ଟମକୁ ସୁସ୍ଥ ରଖିବା ପାଇଁ ଆପଣଙ୍କର ଖାଦ୍ୟ-ପେୟରେ ଭିଟାମିନ୍ ସି'କୁ ସାମିଲ କରନ୍ତୁ, ଯେପରିକି ଷ୍ଟ୍ରବେରୀ, ବ୍ରୋକଲି ଇତ୍ୟାଦି ।

## ଚା'ପତିରୁ ତିଆରି କରନ୍ତୁ ସ୍କ୍ରବ୍

ମହାମାରୀ କାରଣରୁ ଯୁବତୀ ଓ ମହିଳାମାନେ ପାର୍ଲର ଯିବାକୁ ବର୍ତ୍ତମାନ ସୁରକ୍ଷିତ ମଣୁନାହାନ୍ତି । ଘରୋଇ ଉପଚାର କରିବା ହିଁ ସବୁଠୁ ଉତ୍ତମ ଉପାୟ । କେମିକାଲ୍ ଭରପୂର ବଜାରରୁ ସ୍କ୍ରବ୍ କିଣିବା ପରିବର୍ତ୍ତେ ଘରେ ଅଳ୍ପ ସମୟରେ ସ୍କ୍ରବ୍ ତିଆରି କରିପାରିବେ । ଏହାକୁ ନିୟମିତ ଉପଯୋଗ କଲେ ମଧ୍ୟ ତ୍ୱଚା



ଉପରେ କୁପ୍ରଭାବ ପଡ଼େ ନାହିଁ । ଆବଶ୍ୟକ ସାମଗ୍ରୀମାନ ହେଲା ୨କପ୍ ଚିନି, ୪ ଚାମଚ ଚା' ଗୁଣ୍ଡ, ୧ଚାମଚ ନଡ଼ିଆ ତେଲ ଓ ଏୟାର୍-ଟାଇଟ୍ ଡବା । ପ୍ରଥମେ ଏକ ବଡ଼ ପାତ୍ର ନେଇ ସେଥିରେ ଚିନି ଓ ଚା'କୁ ଭଲରେ ମିଶାଇ ଦିଅନ୍ତୁ । ଏବେ ଭଲରେ ଗ୍ରାଇଣ୍ଡିଂ କରି ପାତ୍ରକୁ କାଢ଼ିନେବେ । ଅନ୍ୟ ଏକ ପାତ୍ରରେ ତେଲ ନେଇ ନଖଉଷୁମ କରି ରଖନ୍ତୁ । ଏବେ ସମସ୍ତ ସାମଗ୍ରୀକୁ ଭଲରେ ଗୋଟିଏ ପାତ୍ରରେ ମିଶାଇ ମିଶ୍ରଣ ଗାଢ଼ ହେବା ପର୍ଯ୍ୟନ୍ତ ଚାମଚରେ ମିଶାଇବେ । ଏବେ ସେହି ମିଶ୍ରଣକୁ ଏୟାର-ଟାଇଟ୍ ଡବାରେ ଭର୍ତ୍ତି କରି ୧ ସପ୍ତାହ ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ । ସ୍ନାନ ପୂର୍ବରୁ ତ୍ୱଚା, ହାତ, ଗୋଡ଼ରେ ଲଗାଇ ମାଲିସ୍ କରି ପରେ ଉଷୁମ ପାଣିରେ ଧୋଇନେବେ । ଏହି ସ୍କ୍ରବ୍ ତ୍ୱଚାକୁ କୌଣସି କ୍ଷତି ପହଞ୍ଚାଇନଥାଏ ବରଂ ତ୍ୱଚାରେ ଏକ ଚମକ ଆସିଥାଏ ।

# ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀଚିକିତ୍ସା ଦିବସ



**ଭୁବନେଶ୍ୱର, ୨୭।୪ (ମହାଭାରତ):** ଲୋକସେବା ଭବନ ସମ୍ମିଳନୀ କକ୍ଷଠାରେ ଆଜି ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀଚିକିତ୍ସା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଉଦଘାଟନ କରି, ପ୍ରାଣୀ ସ୍ୱାସ୍ଥ୍ୟସେବା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ସମ୍ମିଳିତ ପ୍ରଚେଷ୍ଟା କରିବାକୁ ନିଜ ଅଭିଭାଷଣରେ ପ୍ରେରିତ କରିଥିଲେ। ୱାନ୍ ପ୍ଲାନେଟ୍ ୱାନ୍ ହେଲଥ୍ ସମୟର ଆବଶ୍ୟକତା ବୋଲି କହିଥିଲେ। ପରିବେଶ ସୁରକ୍ଷାରେ ପ୍ରାଣି ଚିକିତ୍ସକମାନଙ୍କର ଭୂମିକା ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ। ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ସମସ୍ତ ଜିଲ୍ଲାରୁ ୩୦୦ ରୁ ଅଧିକ ପ୍ରାଣିପାଳକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ରାଷ୍ଟ୍ରୀୟ ଗୋକୁଳ ମିଶନ ଉପରେ ଏକ କର୍ମଶାଳା ଆୟୋଜନ ହୋଇଥିଲା ଡକ୍ଟର ବିସ୍ମିତା ନନ୍ଦୀ, ଡକ୍ଟର ସତ୍ୟପ୍ରକାଶ ମହାପାତ୍ର ଏଥିରେ ବିଶେଷଜ୍ଞ ଭାବେ ସହଯୋଗ କରିଥିବା ବେଳେ ଡକ୍ଟର ରାଜୀବ ଶର୍ମା ଏହାକୁ ସଂଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡକ୍ଟର ଅନ୍ତର୍ଯ୍ୟାମୀ ଖୁଂଟିଆ, ସ୍ୱପ୍ନାନନ୍ଦ ମହାପାତ୍ର, ଓମ୍ଫେଡ଼ର ଡେପୁଟି ମ୍ୟାନେଜର୍ ଡକ୍ଟର ବିଶ୍ୱରଞ୍ଜନ ତ୍ରିପାଠୀ, ଡକ୍ଟର ହାଡ଼ିବନ୍ଧୁ ଭୋଇ, ଡକ୍ଟର ମିହିର କୁମାର ନାୟକ ପ୍ରମୁଖ ବିଭିନ୍ନ ସରକାରୀ ଯୋଜନା, ମଇଁଷି ଗୋ ପାଳନ ଆଦିରେ ମିଳୁଥିବା ଆର୍ଥିକ ସହାୟତା, ବୀମାର ଆବଶ୍ୟକତା ଆଦି ସମ୍ପର୍କରେ ପ୍ରାଣୀପାଳକମାନଙ୍କୁ ସଚେତନ କରାଇଥିଲେ। ପ୍ରାଣିପାଳକ, ନାଗରିକ ସମାଜ ଏବଂ ପ୍ରାଣିଚିକିତ୍ସକ- ପ୍ରାଣି ସ୍ୱାସ୍ଥ୍ୟ କ୍ଷେତ୍ରରେ ଦଳଗତ ଆଭିମୁଖ୍ୟ ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଡକ୍ଟର ପ୍ରକାଶ ବିଶ୍ୱାସ ଏବଂ ଡକ୍ଟର ଅମୀୟ ଲାଲ ପାତ୍ର ଏଥିରେ ବିଶେଷଜ୍ଞ ଭାବେ ସହଯୋଗ କରିଥିବା ବେଳେ ଡକ୍ଟର ସମାପିକା ମହାପାତ୍ର ସଂଚାଳନ କରିଥିଲେ। ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ରବିନ୍ଦ୍ର ମୋହନ ମହାରଥା, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ସନତ ମିଶ୍ର, ଡକ୍ଟର କୁମାରେଶ ବେହେରା, ସିୱାର ମୁଖ୍ୟ ବୈଜ୍ଞାନିକ ଡକ୍ଟର ବିଶ୍ୱନାଥ ସାହୁ, ଓଡ଼ିଶା କେନାଲ କ୍ଲବ୍ର ସଭାପତି ସୁବ୍ରତ ପୃଷ୍ଟି ପ୍ରମୁଖ ପ୍ରାଣିପାଳକମାନଙ୍କୁ ପ୍ରାଣି ସ୍ୱାସ୍ଥ୍ୟ ରକ୍ଷା, ରୋଗର ନିରାକରଣ ପାଇଁ ପଦକ୍ଷେପ, ପ୍ରାଣୀଙ୍କ ସ୍ୱାସ୍ଥ୍ୟ ରକ୍ଷାରେ ନାଗରିକ ସମାଜର ଦାୟିତ୍ୱ ଆଦି ସମ୍ପର୍କରେ ଅବଗତ କରାଇଥିଲେ।

# ୩ ବର୍ଷରେ ୮୧୯ ଦୁଷ୍କର୍ମ ମାମଲା

**ଭୁବନେଶ୍ୱର, ୨୭।୪ (ମହାଭାରତ):** ଦକ୍ଷିଣାଞ୍ଚଳ ପୁଲିସ ରେଞ୍ଜ ଅଧୀନରେ ରହିଥିବା ୫ଟି ପୁଲିସ ଜିଲ୍ଲାରେ ଗତ ତିନିବର୍ଷ ମଧ୍ୟରେ ୮୧୯ ନାବାଳିକା ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ତନ୍ମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ଦରଜ ହୋଇଛି ସର୍ବାଧିକ ୪୯୯ ମାମଲା। ନାବାଳିକାଙ୍କୁ କିପରି ସୁରକ୍ଷା ଦିଆଯାଇ ପାରିବ ତାହା ଏବେ ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।

ନାବାଳିକା ଦୁଷ୍କର୍ମକାରୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ଏବଂ ମାମଲାର ତ୍ୱରିତ ବିଚାର ଲାଗି ୨୦୧୨ ମସିହାରେ ପୋକ୍ସୋ ଆଇନ କାର୍ଯ୍ୟକାରୀ କରାଯାଇଥିଲା। ଏଥିପାଇଁ ସାରା ଦେଶରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ତଥା ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯାଇଛି। ନାବାଳିକାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଏହି କୋର୍ଟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଦୁଷ୍କର୍ମ ଘଟଣାକୁ ରୋକିବା ଦିଗରେ ପୁଲିସ ସେତେଟା ସଫଳ ହୋଇ ପାରୁନାହିଁ।

ଦକ୍ଷିଣାଞ୍ଚଳ ପୁଲିସ ରେଞ୍ଜରେ ଗତ ୨୦୨୨ରୁ ୨୦୨୪, ତିନି ବର୍ଷ ମଧ୍ୟରେ ଦୁଷ୍କର୍ମ ମାମଲା ବୃଦ୍ଧି ପାଇଛି। ଗତ ୨୦୨୨ରେ ୫ଟି ପୁଲିସ ଜିଲ୍ଲାରେ ମୋଟ ୨୫୨ ମାମଲା ରୁଜୁ ହୋଇଥିବା ବେଳେ ୨୦୨୩ରେ ୨୬୨ ଓ ୨୦୨୪ରେ ଏହା ୩୦୫ରେ ପହଞ୍ଚିଥିଲା। ସେହିପରି ଗଞ୍ଜାମ ପୁଲିସ ଜିଲ୍ଲାରେ ଏହି ତିନିବର୍ଷରେ ୨୫୦ ମାମଲା ରୁଜୁ ହୋଇଛି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୨୪୯ ମାମଲା ରୁଜୁ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାରେ ୧୪୮, ଗଜପତି ଜିଲ୍ଲାରେ ୧୨୬ ଓ ବୌଦ୍ଧ ଜିଲ୍ଲାରେ ୪୬ ନାବାଳିକା ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା। ପ୍ରତ୍ୟେକ ଥାନାରେ ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟକ୍ଷମ ରହିଛି। ବିଭିନ୍ନ ସମୟରେ ଏହି ଡେସ୍କର ଅଧିକାରୀ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରୁଛନ୍ତି। ତଥାପି ବିଭିନ୍ନ କାରଣରୁ ନାବାଳିକା ଦୁଷ୍କର୍ମ ଘଟଣା ବଢ଼ି ଚାଲିଛି।

ଏ ସମ୍ପର୍କରେ ଏମ୍‌କେସିଜି ମେଡିକାଲ ମାନସିକ ରୋଗ ବିଭାଗର ପ୍ରଫେସର ଡା.ଚନ୍ଦ୍ରଶେଖର ତ୍ରିପାଠୀ କହିଛନ୍ତି, ଦୁଷ୍କର୍ମ ଚିନ୍ତାଧାରା ଅଧିକାଂଶ କ୍ଷେତ୍ରରେ ଏକ ମାନସିକ ବିକୃତିଜନିତ ରୋଗ। ଏହାକୁ ଚିକିତ୍ସାବିଜ୍ଞାନରେ 'ପେଡୋଫିଲିଆ।' ବୋଲି କୁହାଯାଏ। ଏହି ରୋଗରେ ବିଭିନ୍ନ ବୟସର ବ୍ୟକ୍ତି ଆକ୍ରାନ୍ତ ହୋଇଥାନ୍ତି ଓ ଏହାର ଲକ୍ଷଣ ହେଲା, ଛୋଟ ପିଲାଙ୍କ ପ୍ରତି ଆକର୍ଷିତ ହେବା। ଅନେକ ସମୟରେ ସେମାନେ ଦୁଷ୍କର୍ମ ଘଟାଇଥାନ୍ତି। ଚିକିତ୍ସା ଦ୍ୱାରା ଏହି ରୋଗରୁ ଉପଶମ ସମ୍ଭବ ବୋଲି ପ୍ରଫେସର ତ୍ରିପାଠୀ କହିଛନ୍ତି।

# କଲେଜ ଅଧ୍ୟାପକ ନିଯୁକ୍ତିରେ ଦୁର୍ନୀତି

**ଭୁବନେଶ୍ୱର, ୨୭।୪ (ମହାଭାରତ):** ଉଚ୍ଚଶିକ୍ଷା ବିଭାଗର ମହାଦୁର୍ନୀତିର ଅଭିଯୋଗ ପର୍ଦାଫାଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଖୁଲାସା



କରିଛନ୍ତି। ଶ୍ରୀ ପ୍ରଧାନ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି କହିଲେ ଏ ଡବଲ ଇଞ୍ଜିନ ସରକାର ବିକାଶର ଯେଉଁ ମିଛ ସ୍ୱପ୍ନ ଦେଖାଇଥିଲେ ବାସ୍ତବରେ ତାହା ଆଜି ଏକ କୁହେଳିକାରେ ପରିଣତ ହୋଇସାରିଛି। ଗୋଟେ ଇଞ୍ଜିନର ସରକାର ନୂଆ ଶିକ୍ଷାନୀତି ପ୍ରବର୍ତ୍ତନ କରାଇବା ପାଇଁ ଲାଗି ପଡ଼ିଥିଲା ବେଳେ ଏହା ଦ୍ୱାରା ଆସନ୍ତା ୩୦ବର୍ଷ ଭିତରେ ଭାରତବର୍ଷର ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ ହୋଇପଡ଼ିବ। ଏହି ଡବଲ ଇଞ୍ଜିନ ସରକାରର କିଛି ବର୍ଷ ଭିତରେ ପେପର ଲିକ୍, ଶିକ୍ଷା ବିଭାଗର ବହୁ ଦୁର୍ନୀତି ଏବଂ ଉଚ୍ଚ ଶିକ୍ଷିତ ଛାତ୍ରଛାତ୍ରୀ ମାନଙ୍କୁ ନିଯୁକ୍ତି ଦେବାରେ ସରକାର ସାମର୍ଥ୍ୟ ନୁହନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ଭୁବନେଶ୍ୱର ଜୟଦେବ ବିହାରରେ ବିଜୁ ପଟ୍ଟନାୟକ କଲେଜର ପୂର୍ବତନ ପ୍ରିନ୍ସପାଲ ଯିଏକି ୫ ବର୍ଷ ଧରି ସେ କଲେଜରେ ପ୍ରିନ୍ସପାଲ ଥିଲାବେଳେ ତାଙ୍କ ବିରୁଦ୍ଧରେ ବହୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଅନିୟମିତତା ଏବଂ ଅନ୍ୟାନ୍ୟ ହେରଫେରର ଅଭିଯୋଗ ହୋଇଛି ବୋଲି ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି। ସରକାରଙ୍କର ନିୟମ ଅନୁଯାୟୀ ଜଣେ ବ୍ୟକ୍ତି ପ୍ରଥମେ ତିନି ବର୍ଷ ପାଇଁ ଗୋଟେ କଲେଜରେ ଅଧ୍ୟକ୍ଷ ଭାବେ ରହିପାରିବେ ଏବଂ ଆବଶ୍ୟକତା ପଡ଼ିଲେ ତାଙ୍କର ଦୁଇବର୍ଷ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇପାରିବ। ପୂର୍ବତନ ପ୍ରିନ୍ସପାଲ ଡ. ପ୍ରଦୀପ୍ତ ଗାହଣ ୫ ବର୍ଷ ଧରିବିଜୁ ପଟ୍ଟନାୟକ କଲେଜରେ ଅଧ୍ୟକ୍ଷ ରହିସାରିଛନ୍ତି। ତାଙ୍କର କାର୍ଯ୍ୟକାଳ ସରିଯାଇଥିଲା। ଏପରିକି ସରକାରୀ ନିୟମ ରହିଛି ଯଦି କୌଣସି ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଦୁର୍ନୀତି ବା ଆର୍ଥିକ ଅନିୟମିତତାର ଅଭିଯୋଗ ଥାଏ ତାହାଲେ ତାଙ୍କୁ ପୁର୍ନବାର ନିଯୁକ୍ତି ଦିଆଯିବ ନାହିଁ। ଏସବୁ ସତ୍ତ୍ୱେ ଶ୍ରୀଗାହଣଙ୍କୁ ପୁର୍ନବାର କିଭଳି ସରକାର ସେହି କଲେଜର ଆଉଥରେ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଲେ ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଛାତ୍ର କଂଗ୍ରେସ ପ୍ରଭାରୀ ଚୁନୁ ସିଂ ଓ ସାହାରୁଖ ଖାନ ଉପସ୍ଥିତ ଥିଲେ।

# ଏମ୍ସରେ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ

**ଭୁବନେଶ୍ୱର, ୨୭।୪ (ମହାଭାରତ):** ଏମ୍ସ୍ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଅତ୍ୟାଧୁନିକ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା। ଏହି ସୁବିଧା ପ୍ରଚଳନ ସହିତ ଏମ୍ସ ଭୁବନେଶ୍ୱର ଓଡ଼ିଶା ସମେତ ସମ୍ପୂର୍ଣ୍ଣ ପୂର୍ବଭାରତରେ ପ୍ରଥମ ସରକାରୀ ପ୍ରତିଷ୍ଠାନ ହେବାର ଗୌରବ ଲାଭ କରିଛି। ଏଥିସହିତ ପ୍ରଯୁକ୍ତିବିଦ୍ୟା ସହିତ ଚିକିତ୍ସା ବିଜ୍ଞାନର ସମ୍ମିଶ୍ରଣ କରି ଉନ୍ନତ ଚିକିତ୍ସା ସେବା ପ୍ରଦାନ କ୍ଷେତ୍ରରେ ଆଉ ଏକ ଲପଲବ୍ଧି ହାସଲ କରିଛି ଏହି ଜାତୀୟ ଅନୁଷ୍ଠାନ। ଏମ୍ସ୍ ଭୁବନେଶ୍ୱର ଅର୍ଥୋପେଡିକ୍ସ ବିଭାଗ ପକ୍ଷରୁ ପଶ୍ଚିମବଙ୍ଗର ଜଣେ ୬୬ ବର୍ଷୀୟା ମହିଳା ରୋଗୀଙ୍କର ପ୍ରଥମ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ସଫଳତାର ସହିତ କରାଯାଇଛି। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାଯୁକ୍ତ



ରୋବଟିକ୍ ଆଣ୍ଠୁ ପ୍ରତିରୋପଣ ବେଶ୍ ସୁଗମ ଭାବରେ ସମ୍ପନ୍ନ ହୋଇଛି। ଅସ୍ତ୍ରୋପଚାର ପରେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ମାତ୍ର ୪୮ ଘଣ୍ଟା ପରେ ସେ ସ୍ୱାଭାବିକ ଭାବେ ଚଲାବୁଲା କରିପାରିବେ ବୋଲି ଏମ୍ସ୍ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି। ଓଡ଼ିଶା ତଥା ପୂର୍ବ ଭାରତରେ ପ୍ରଥମ ସରକାରୀ ପ୍ରତିଷ୍ଠାନ ଭାବେ ଏହି ପ୍ରକ୍ରିୟା ସମ୍ପାଦନରେ ସଫଳତା ପାଇଁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ସମ୍ପୂର୍ଣ୍ଣ ଅର୍ଥୋପେଡିକ୍ସ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ବର୍ତ୍ତମାନ ସମୟରେ ରୋବୋଟିକ୍ ସର୍ଜରୀର ଗୁରୁତ୍ୱ ସମୟର ଏକ ବଡ଼ ଆହ୍ୱାନ। କିନ୍ତୁ ଘରୋଇ କ୍ଷେତ୍ରରେ ରୋବଟିକ୍ ଆଣ୍ଠୁ ପ୍ରତିରୋପଣ ବ୍ୟୟବହୁଳ ହୋଇଥିଲେ ମଧ୍ୟ ଏମ୍ସ୍‌ରେ ଏହା ସମାଜର ସମସ୍ତ ବର୍ଗଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବା ସେବାର ଉପଲବ୍ଧତାକୁ ସୁନିଶ୍ଚିତ କରି ରୋବୋ-ସହାୟିତ ଅସ୍ତ୍ରୋପଚାରଗୁଡ଼ିକୁ ସୁଗମ କରିଥିବା ଡ. ବିଶ୍ୱାସ କହିଛନ୍ତି। ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ସାଧାରଣତଃ ଶତାବ୍ଦୀର ଅସ୍ତ୍ରୋପଚାର ଭାବରେ ଜଣାଶୁଣା, ଯାହା ଦୁର୍ବଳ ଆଣ୍ଠୁ ଆର୍ଥ୍ରାଇଟିସ୍ ପୀଡ଼ିତ ରୋଗୀଙ୍କ ଜୀବନକୁ ପରିବର୍ତ୍ତନ କରିଛି। ବର୍ତ୍ତମାନ ସମୟରେ, ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ଅନେକଙ୍କ ପାଇଁ ଆଶାର ନୂତନ ଆଲୋକ ପାଲଟିଛି। ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା ସଠିକତାକୁ ସମ୍ପୂର୍ଣ୍ଣ ସୁନିଶ୍ଚିତ କରିଥାଏ। ଏହି ପ୍ରଯୁକ୍ତିବିଦ୍ୟା ମାନବ ତ୍ରୁଟିର ବିପଦକୁ କମ କରେ ଏବଂ ପ୍ରକୃତ-ସମୟ ମତାମତ ପ୍ରଦାନ କରି, ସର୍ଜନଙ୍କୁ ଜଟିଳ ପଦକ୍ଷେପଗୁଡ଼ିକୁ ଅଧିକ ସଠିକ୍ ଭାବରେ କାର୍ଯ୍ୟକାରୀ କରିବାକୁ ବ୍ୟାପକ ସୁଯୋଗ ପ୍ରଦାନ କରିଥାଏ। ଯାହାକି ଏପରି ଅସ୍ତ୍ରୋପଚାର ଫଳାଫଳକୁ ଉନ୍ନତ କରୁଥିବା ଅର୍ଥୋପେଡିକ୍ସ ବିଭାଗର ମୁଖ୍ୟ ଡ. ବିଷ୍ଣୁ ପ୍ରସାଦ ପାତ୍ର ପ୍ରକାଶ କରିଛନ୍ତି। ଯୋଗ୍ୟ ରୋଗୀମାନଙ୍କୁ ମାଗଣା ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ପ୍ରଦାନ କରୁଥିବା ଆୟୁଷ୍ମାନ ଭାରତ ଯୋଜନା ଜୀବନ ପରିବର୍ତ୍ତନକାରୀ ଚିକିତ୍ସାର ସୁବିଧାକୁ ଆହୁରି ବିସ୍ତାର କରିଛି। ଏମ୍ସ୍‌ରେ ପ୍ରଥମ ରୋବୋଟିକ୍ ଅସ୍ତ୍ରୋପଚାର ପ୍ରାୟ ୮୦ ମିନିଟ୍ ସମୟ ନେଇଥିଲା। ଆଗକୁ ଏହି ସମୟ ଆହୁରି କମିବ। ସେହିପରି ଖୁବଶୀଘ୍ର ଏମ୍ସ୍‌ରେ ରୋବୋଟିକ୍ ହିପ୍ ଅସ୍ତ୍ରୋପଚାର ସୁବିଧା ମଧ୍ୟ ଆରମ୍ଭ କରାଯିବ ବୋଲି ଡ. ପାତ୍ର ସୂଚନା ଦେଇଛନ୍ତି।

# ସମ୍‌ରେ ନବଜାତ ଶିଶୁର ଜଟିଳ ଅସ୍ତ୍ରୋପଚାର ସଫଳ

**ଭୁବନେଶ୍ୱର, ୨୭।୪ (ମହାଭାରତ):** ଜଟିଳ ଜନ୍ମଗତ ତ୍ରୁଟି ନେଇ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ଗ୍ରହଣ କରିଥିବା ମାତ୍ର ଦେଢ଼ କେଜି ଓଜନର ଏକ ଶିଶୁର ଉଚ୍ଚକୋଟୀର ଚିକିତ୍ସା ଦ୍ୱାରା ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି ସମ୍ ଅଲ୍ଟିମେଟ ମେଡିକେୟାର (ସମ୍ମ)ର ଡାକ୍ତରୀ ଟିମ୍। ଗର୍ଭଧାରଣର ମାତ୍ର ୩୩ ସପ୍ତାହରେ ଜନ୍ମ ଗ୍ରହଣ କରିଥିବା ଏହି ଶିଶୁଟିର ବିରଳ ସମସ୍ୟା ଯାହାକୁ 'ପାଇରେ ରୋବିନ୍ ସିକ୍ୱେନ୍ସ' କୁହାଯାଏ ସେଥିରେ ପୀଡ଼ିତ ଥିବାର ଜଣାପଡ଼ିଥିଲା। ଏହି ସମସ୍ୟା ଜନ୍ମଗ୍ରହଣ କରୁଥିବା ୧୪ ହଜାର ଶିଶୁଙ୍କ ମଧ୍ୟରୁ ଜଣକ ଠାରେ ଦେଖାଯାଇଥାଏ।

ଶିଶୁଟିର ତଳପାଟି ଖୁବ୍ ଛୋଟ ରହିଥିବା ବେଳେ ଜିଭଟି ମଧ୍ୟ ଠିକ୍ ସ୍ଥାନରେ ରହି ନଥିଲା। ଯାହା ଦ୍ୱାରା ତାର ନିଃଶ୍ୱାସ ନେବାରେ ଅସୁବିଧା ହେବା ସହ ତା'ର ଜୀବନ ପ୍ରତି ବିପଦ ଥିଲା। ଏହା ଛଡ଼ା ଶିଶୁର ତାଲୁ ବିଭକ୍ତ ଥିବାରୁ ସେ ଠିକ୍ ଭାବେ ଖାଦ୍ୟ ଗ୍ରହଣ କରିବା ସମ୍ଭବ ହେଉ ନଥିଲା। ଶିଶୁର ପାଟି ଖୁବ୍ ଛୋଟ ଥିବାରୁ ଇନ୍‌ଟ୍ୟୁବେସନ୍ କିମ୍ବା ଭେଂଟିଲେସନ୍ କରିବା ସମ୍ଭବ ନଥିଲା। ତେଣୁ ଡାକ୍ତରମାନେ ଓଡ଼ିଶାରେ ପ୍ରଥମ ଥର ପାଇଁ ଶିଶୁଟିର ଜୀବନ ବଂଚାଇବା ପାଇଁ ଏକ ନୂତନ ପ୍ରକ୍ରିୟା ଆପଣାଇଥିଲେ। ଏକ ଟ୍ରାକିଓଟୋମି ମାଧ୍ୟମରେ ତଂଟିରେ ଛୋଟ କଣା ମାଧ୍ୟମରେ ଟ୍ୟୁବ୍ ଭର୍ତି କରାଯାଇଥିଲା ଯାହା ଦ୍ୱାରା କି ଶିଶୁଟି ନିଃଶ୍ୱାସ ନେବା ସମ୍ଭବ ହୋଇପାରିଥିଲା।



ସବୁଠାରୁ ଛୋଟ ଟ୍ରାକିଓଟୋମି ଟ୍ୟୁବ୍ (୨.୫ ମିମି) ଉପଲବ୍ଧ ଥିବା ବେଳେ ଏହା ଶିଶୁର ଶରୀରରେ ବ୍ୟବହାର କରିବା ସମ୍ଭବ ହୋଇନଥିଲା। ତେବେ ଏଭଳି ଜଟିଳ ପରିସ୍ଥିତିରେ ଡାକ୍ତରୀ ଟିମ୍ ଟ୍ରାକିଆଲ ପୋର୍ଟ ମାଧ୍ୟମରେ ରେଟ୍ରୋଗ୍ରେଡ୍ ଇନ୍‌ଟ୍ୟୁବେସନ୍ ପଦ୍ଧତିରେ ଶିଶୁକୁ ନିଃଶ୍ୱାସ ନେବାକୁ ସାହାଯ୍ୟ କରିଥିଲେ ବୋଲି ଅସ୍ତ୍ରୋପଚାରର ଲିଡ୍ ସର୍ଜନ୍ ତଥା ସମ୍ମମ୍‌ର ଇଏନ୍‌ଟି ଆଣ୍ଡ ସ୍କଲ ବେସ୍ ସର୍ଜରୀ ବିଭାଗର ସିନିୟର କନ୍‌ସଲ୍‌ଟାଂଟ ଡାକ୍ତର ରାଧାମାଧବ ସାହୁ କହିଛନ୍ତି। ବିରଳ 'ଟ୍ରାକିଆଲ ସ୍ଲିଟିଂ' ପଦ୍ଧତି ଦ୍ୱାରା ଏହି ୨.୫ ମିମି ଟ୍ୟୁବ୍‌ଟି ସଫଳତାର ସହ ଶିଶୁର ଶରୀରରେ ଖା ଯାଇପାରିଥିଲା ଏବଂ ଏହା ଓଡ଼ିଶାରେ ପ୍ରଥମ ବୋଲି ଡାକ୍ତର ସାହୁ କହିଛନ୍ତି। ଶିଶୁଟି କିଛି ଦିନ ଏନ୍‌ଆଇସିୟୁରେ ଚିକିତ୍ସିତ ହେବା ପରେ ସେ ଧୀରେ ଧୀରେ ସୁସ୍ଥ ହେବାରେ ଲାଗିଥିଲା। ଉପଯୁକ୍ତ ପୋଷଣ, ଏୟାରୱେ ମ୍ୟାନେଜମେଂଟ ସହିତ ଏନ୍‌ଆଇଭି ପ୍ରକ୍ରିୟା ଦ୍ୱାରା ଶିଶୁଟି ସୁସ୍ଥ ଲାଭ କରିଥିଲା। ସେ ବର୍ତ୍ତମାନ ସାଢ଼େ ୩ ମାସର ହେଲାଣି। ତା'ର ଓଜନ ମଧ୍ୟ ବଢ଼ିଛି ଏବଂ ସେ ନିଜେ ନିଃଶ୍ୱାସ ନେବାରେ ସକ୍ଷମ ହୋଇପାରିଛି ବୋଲି କହିଛନ୍ତି ସମ୍ମମ୍‌ର ଶିଶୁ ଏବଂ ନବଜାତ ଶିଶୁରୋଗ ବିଭାଗର ଆସୋସିଏଟ୍ କନ୍‌ସଲ୍‌ଟାଂଟ ତଥା ଶିଶୁଟିକୁ ଚିକିତ୍ସା କରୁଥିବା ଡାକ୍ତର ହିମାଂଶୁ ଶେଖର ସାହୁ। ସମ୍ମମ୍‌ର ଶିଶୁରୋଗ ଏବଂ ନବଜାତ ଶିଶୁରୋଗ ବିଭାଗର ମୁଖ୍ୟ ଡାକ୍ତର ପ୍ରଦୀପ କୁମାର ଦେ ଏହି ଶିଶୁର ଚିକିତ୍ସା ମେଡିକାଲ୍ ଟିମ୍ ପାଇଁ ଉଭୟ ଡାକ୍ତରୀ ଏବଂ ମାନସିକ ସ୍ତରରେ ବଡ଼ ଆହ୍ୱାନ ଥିଲା ବୋଲି କହିଛନ୍ତି। ହସ୍ପିଟାଲ୍‌ର ବିଭିନ୍ନ ବିଭାଗର ସମନ୍ୱୟ ଏବଂ ଏନ୍‌ଆଇସିୟୁର ଅତ୍ୟାଧୁନିକ ବ୍ୟବସ୍ଥା ଦ୍ୱାରା ଏହା ସମ୍ଭବ ହୋଇପାରିଲା ବୋଲି ସେ କହିଛନ୍ତି। ଶିଶୁଟିର ସଫଳ ଚିକିତ୍ସା ସମ୍ମମ୍‌ର ଚିକିତ୍ସା ପଦ୍ଧତିରେ ନୂତନ ମାଇଲ ଖୁଂଟ।

# ଯୋଗାଣ ନିଗମ ନୂତନ ଭବନର ଶିଳାନ୍ୟାସ

**ଭୁବନେଶ୍ୱର, ୨୭।୪ (ମହାଭାରତ):** ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଜି ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ନୂତନ ଭବନର ଶିଳାନ୍ୟାସ କରିଛନ୍ତି। ଏହି ନୂତନ ଭବନଟି ପ୍ରାୟ ୨୫ କୋଟି ଟଙ୍କା ବିନିମୟରେ ନିର୍ମାଣ ହେବ। ଆସନ୍ତା ଏକ ବର୍ଷ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ଶେଷ ହୋଇ ଭବନଟିରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ମୁଖ୍ୟ ଦପ୍ତର ଭାବେ କାର୍ଯ୍ୟ କରିବ। ବର୍ତ୍ତମାନ ନିଗମର ପରିସରରେ ଉକ୍ତ ନୂତନ ଭବନ ନିର୍ମାଣ କରାଯାଉଛି। ଯେ ବର୍ତ୍ତମାନ ନିଗମର କାର୍ଯ୍ୟ ହେଉଥିବା ଭବନଟି ୩୭ ବର୍ଷ ପୁରୁଣା ଏବଂ ନିଗମର କାର୍ଯ୍ୟଭାର ଓ କର୍ମଚାରୀ ସଂଖ୍ୟା ବୃଦ୍ଧି ଯୋଗୁଁ ଏକ ନୂତନ ଭବନର ଆବଶ୍ୟକତା ରହିଛି। ନିର୍ମାଣ ହେବାକୁ ଥିବା ଏହି ନୂତନ



ଭବନଟି ପାଞ୍ଚମହଲା ବିଶିଷ୍ଟ ହେବ। ଏହାର ବେସ୍ମେଣ୍ଟରେ ଯାନ ରଖିବା ପାଇଁ ପାର୍କିଂ ସ୍ଥଳି ରହିବ। ନୂତନ ଭବନରେ ବରିଷ୍ଠ ଅଧିକାରୀ ମାନଙ୍କ କାର୍ଯ୍ୟାଳୟ, ସମ୍ମିଳନୀ କକ୍ଷ, ପ୍ୟାଣ୍ଟ୍ରି, ପ୍ରତୀକ୍ଷାଳୟ, ନିରୀକ୍ଷଣ କକ୍ଷ ସମେତ ଅନ୍ୟ କର୍ମଚାରୀ ଓ ଅଧିକାରୀମାନଙ୍କ ପାଇଁ ଯଥେଷ୍ଟ କକ୍ଷ ଓ ସ୍ଥାନ ରହିବ। ଏହି ଅବସରରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ, ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ସୁପରିଟେଣ୍ଡେଣ୍ଟ ଇଂଜିନିୟର, ନିର୍ମାଣକାରୀ ସଂସ୍ଥାର ପ୍ରତିନିଧି ସମେତ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା

**ଭୁବନେଶ୍ୱର, ୨୭।୪ (ମହାଭାରତ):** ଅଖିଳ ଭାରତ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରେସ-ମିଡ଼ିଆ ସଚିବ ମୌଲାନା କେ.ତାରିକ ଅହମଦ ଏକ ପ୍ରେସ ବିବୃତିରେ ପ୍ରକାଶ କରି ସୂଚନା ଦେଇଛନ୍ତି ଯେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣକୁ ଅହମଦୀୟା ମୁସଲିମ ସମ୍ପ୍ରଦାୟର ଦୃଢ ନିନ୍ଦା କରାଯାଇଛି। ଯେଉଁଥିରେ ୨୭ ଜଣ ମୂଲ୍ୟବାନ ଜୀବନ ହରାଇଛନ୍ତି । ଏବଂ ଅନେକ ନର୍ଦ୍ଦୋଷ ବ୍ୟକ୍ତି ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଏହି ଆକ୍ରମଣ କେବଳ ମାନବାଧିକାରର ଖୋଲା ଉଲ୍ଲଂଘନ ନୁହେଁ ବରଂ ଧର୍ମ,ନୈତିକତା ଏବଂ ମାନବିକତାର ମୂଲ୍ୟବୋଧର ବିରୁଦ୍ଧ ଅଟେ । ଅହମଦୀୟା ମୁସଲିମ ସମ୍ପ୍ରଦାୟ ଏହି ଦୁଃଖଦ ଘଟଣା ଉପରେ ଗଭୀର ଦୁଃଖ ଏବଂ ଶୋକ ପ୍ରକଟ କରୁଛି ଏବଂ ପୀଡ଼ିତ ପରିବାରଙ୍କ ପ୍ରତି ସମବେଦନା ଜଣାଉଛି। ତଥା ଆହତମାନଙ୍କ ଶୀଘ୍ର ଅରୋଗ୍ୟ ପାଇଁ ପ୍ରାର୍ଥନା କରୁଛି । ଅହମଦୀୟା ମୁସଲିମ ସମ୍ପ୍ରଦାୟ ସମସ୍ତ ପ୍ରକାରର ଆତଙ୍କବାଦ ଏବଂ ଉଗ୍ରବାଦ ବିରୁଦ୍ଧରେ ଦୃଢ ଭାବରେ ଛିଡ଼ା ହୋଇଛି ଏବଂ ସବୁବେଳେ ଶାନ୍ତି,ସହନଶୀଳତା ଏବଂ ମାନବତାର ସୁରକ୍ଷା ପାଇଁ ସ୍ୱର ଉଠାଇ ଆସିଛି । ସମ୍ପ୍ରଦାୟର ଏହା ଦୃଢ ବିଶ୍ୱାସ ଯେ ଆତଙ୍କବାଦର ଇସଲାମ ସହିତ କୌଣସି ସମ୍ପର୍କ ନାହିଁ । ସର୍ବଶକ୍ତିମାନ ଅଲ୍ଲାଃ ପବିତ୍ର କୋରାନରେ ସ୍ପଷ୍ଟ ଭାବେ କହିଛନ୍ତି, ଯିଏ ଜଣେ ବ୍ୟକ୍ତିକୁ ହତ୍ୟା କଲା ଅଥବା ଦେଶରେ ବିଶୃଙ୍ଖଳା ସୃଷ୍ଟି କରିଛି । ସେ ଏପରି ବ୍ୟକ୍ତି ଯେପରିକି ସେ ସକଳ ମାନବ ଜାତିକୁ ହତ୍ୟା କରିଛି।

# ପଞ୍ଚାୟତ ନିର୍ବାଚନରେ ଓବିସିଙ୍କୁ ୨୭% ସଂରକ୍ଷଣ ଦାବି

**ଭୁବନେଶ୍ୱର, ୨୭।୪ (ମହାଭାରତ):** ୧୯୯୭ ମସିହାରୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ଓଡ଼ିଶାରେ ଓବିସିମାନଙ୍କୁ ୨୭ଭାଗ ସ୍ଥାନ ସଂରକ୍ଷଣ ପ୍ରଦାନ କରାଯାଇଆସୁଥିଲା । କିନ୍ତୁ ଦୁଃଖର କଥା ୨୦୨୨ମସିହା ଜିଲ୍ଲାପରିଷଦ ଓ ପଞ୍ଚାୟତିରାଜ ନିର୍ବାଚନରେ ତତ୍କାଳୀନ ରାଜ୍ୟ ସରକାର ଓବିସି ମାନଙ୍କୁ ସଂରକ୍ଷଣରୁ ବଞ୍ଚିତ କଲେ । ବହୁ ଆନ୍ଦୋଳନ ଓ ପ୍ରତିବାଦ ସତ୍ତ୍ୱେ ମଧ୍ୟ ସରକାର ରାଜ୍ୟର ପଛୁଆବର୍ଗଙ୍କୁ ୨୦୨୨ ପଞ୍ଚାୟତିରାଜ ନିର୍ବାଚନରେ ଆଉ ଓବିସି ସଂରକ୍ଷଣ ଦେଲେନାହିଁ । ଫଳରେ ୱାର୍ଡମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷମାନେ ବିକାଶ ପ୍ରକ୍ରିୟାରୁ ବାଦ୍ ପଡ଼ିଗଲେ । ହଜାର ହଜାର ପଛୁଆ ବର୍ଗର ତୃଣମୂଳ ସ୍ତରର ଲୋକ ପ୍ରତିନିଧିମାନଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ୍ ହେବାର କୌଣସି ସୁଯୋଗ ଦିଆଗଲା ନାହିଁ । ଫଳରେ ପଞ୍ଚାୟତିରାଜ ବ୍ୟବସ୍ଥାର ଲକ୍ଷ୍ୟ ଓ ଆଭିମୁଖ୍ୟ କେବଳ ବ୍ୟାହତ ହେଲା ନାହିଁ ବରଂ ଗ୍ରାମାଞ୍ଚଳର ବିକାଶ ମଧ୍ୟ ବାଧାପ୍ରାପ୍ତ ହେଲା । ସେତେବେଳେ ମୁଖ୍ୟ ବିରୋଧିଦଳରେ ଥିବା ବିଜେପି ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲା ଯେ, ଯଦି ସେମାନେ ସରକାରଙ୍କୁ ଆସନ୍ତି, ତାହେଲେ ରାଜ୍ୟର ୫୪ଭାଗ ପଛୁଆବର୍ଗଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ୨୭ଭାଗ ସ୍ଥାନ ସଂରକ୍ଷଣ ଦେବେ । ପଞ୍ଚାୟତିରାଜ ଓ ଜିଲ୍ଲା ପରିଷଦ ନିର୍ବାଚନ ସମେତ ନିଯୁକ୍ତି ଓ ନାମଲେଖା କ୍ଷେତ୍ରରେ ପଛୁଆବର୍ଗ ପିଲାମାନଙ୍କୁ ମଧ୍ୟ ୨୭ଭାଗ ସଂରକ୍ଷଣ ଦେବାକୁ ବିଜେପି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ବିଡ଼ମ୍ବନା ସରକାର ଗଠନ ହେବାର ୧୦ ମାସ ବିତିଯାଇଥିଲେ ମଧ୍ୟ ରାଜ୍ୟର ୫୪ଭାଗ ପଛୁଆବର୍ଗ ଆଜି ବି ତାଙ୍କର ସାମ୍ବିଧାନିକ ଅଧିକାର ପାଇପାରି ନାହାଁନ୍ତି। ବିଧାନସଭା ସମ୍ମୁଖରେ ବିକ୍ଷୋଭଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେବା ପର୍ଯ୍ୟନ୍ତ ଓବିସି ଫୋରମ୍ ପକ୍ଷରୁ ୨୭ ଭାଗ ସଂରକ୍ଷଣ ପାଇଁ ଅନୁରୋଧ ଓ ନିବେଦନ କରାଯାଇଥିଲେ ସୁଦ୍ଧା ରାଜ୍ୟ ସରକାର ସେ ଦିଗରେ କୌଣସି ପଦକ୍ଷେପ ନେଇନାହାଁନ୍ତି । ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ଉପଲକ୍ଷେ ଓବିସି ଫୋରମ୍‌ର ଓଡ଼ିଶା ରାଜ୍ୟ କମିଟି ଅଧ୍ୟକ୍ଷ ରବି ବେହେରା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଇମେଲ୍ ଯୋଗେ ଏକ ଚିଠି ଲେଖି ଆଜିର ଦିନରେ ରାଜ୍ୟର ପଛୁଆବର୍ଗଙ୍କ ପାଇଁ ଆଗାମୀ ପଞ୍ଚାୟତ ଓ ଜିଲ୍ଲାପରିଷଦ ନିର୍ବାଚନରେ ୨୭ଭାଗ ସଂରକ୍ଷଣ ଦେବାକୁ ଦାବି କରିଛନ୍ତି। ବିଜେପି ଦଳ ଓ ସରକାର ନିଜର ପ୍ରତିଶ୍ରୁତି ମୁତାବକ ରାଜ୍ୟର ପଛୁଆବର୍ଗଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଏହି ୨୭ଭାଗ ସଂରକ୍ଷଣ ଦେବେ ବୋଲି ଓବିସି ଫୋରମ୍ ପକ୍ଷରୁ ସର୍ବଶ୍ରୀ ଅରୁଣ ଜେନା, ନାରାୟଣ ଡାଲୁଆ, କିଶୋର ସୂତାର, ରାଜ୍ୟପ୍ରିୟ ଦାସ ଓ ମମତା ନାୟକ ପ୍ରମୁଖ ଆଶାପ୍ରକାଶ କରିଛନ୍ତି।

# ନକୋଡା ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍‌ର ବଡ଼ ସଂପ୍ରସାରଣ ଯୋଜନା

**ଭୁବନେଶ୍ୱର, ୨୭।୪ (ମହାଭାରତ):** ପ୍ରିମିୟମ୍ ମାନର ତ୍ରୁଟି ଫ୍ରୁଟି (କାଣ୍ଡିଡ୍ ଫ୍ରୁଟ୍ ), ଶୁଖିଲା ଫଳ ଏବଂ ଡିହାଇଡ୍ରେଟେଡ୍ ଫ୍ରୁଟ୍ ସ ଉତ୍ପାଦନ ଓ ରପ୍ତାନି ରେ ନିୟୋଜିତ ନାକୋଡା ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍ ଏହାର ପ୍ରଡକ୍ଟ ଲାଇନରେ ମିନେରାଲ୍ ୱାଟର, ଏରେଟେଡ୍ ଡ୍ରିଙ୍କ୍ସ ଏବଂ ଅଣ-ମଦ୍ୟପାନ ଭଳି ସାମଗ୍ରୀକୁ ସାମିଲ କରି ପାନୀୟ ଓ ପାନୀୟ କ୍ଷେତ୍ରରେ ରଣନୈତିକ ସମ୍ପ୍ରସାରଣ ଘୋଷଣା କରିଛି। ଏହାର ଅଫରରେ ବିବିଧତା ଆଣିବା ଏବଂ ଏହାର ବଜାର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପ ଏକ ବ୍ୟାପକ ରଣନୀତିର ଅଂଶ ବିଶେଷ । ଏହା ଖାଦ୍ୟ ଏବଂ ପାନୀୟ ଶିଳ୍ପରେ କାର୍ଯ୍ୟ କରେ, ଫଳ, ବାଦାମ, ବେକରୀ ସାମଗ୍ରୀ ଏବଂ ବିଭିନ୍ନ କୃଷି ଜାତ ଦ୍ରବ୍ୟ ସମେତ ବିଭିନ୍ନ ପ୍ରକାରର ଖାଦ୍ୟ ଉତ୍ପାଦ ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ବ୍ୟବସାୟ ଉପରେ ଧ୍ୟାନ ଦିଏ। ଏହାବ୍ୟତୀତ କଂପାନି 'ଏନ୍‌ଓସିଟିଆରଏଲ୍'ରେ ନୂଆ ପାନୀୟ ଉତ୍ପାଦ ଲଂଚ୍ କରିବ। ନାଗପୁରରେ ଥିବା ବ୍ରାଣ୍ଡ୍ ନାମ ରଣନୈତିକ ଭାବରେ ମୁଖ୍ୟାଳୟ - ଭୌଗୋଳିକ ଭାବରେ ଭାରତର ହୃଦୟ ଭାବରେ ସ୍ୱୀକୃତିପ୍ରାପ୍ତ - କମ୍ପାନୀ ନିରବଚ୍ଛିନ୍ନ ଲଜିଷ୍ଟିକ୍ ସୁବିଧାରୁ ଉପକୃତ ହୋଇଥାଏ, ସମଗ୍ର ଦେଶରେ ଦକ୍ଷ ଏବଂ ଠିକ୍ ସମୟରେ ଡେଲିଭରି ସୁନିଶ୍ଚିତ କରେ । ଭାରତ ବିଶ୍ୱର ୫ମ ବୃହତମ ଅର୍ଥନୀତି ଏବଂ ପ୍ରମୁଖ ଜି-୨୦ ଦେଶମାନଙ୍କ ମଧ୍ୟରେ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହେବ ଏବଂ ୨୦୩୫ ସୁଦ୍ଧା ଭାରତରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ବଜାର ଆକାର ୧,୧୦୦ ବିଲିୟନ ଆମେରିକୀୟ ଡଲାରରେ ପହଂଚିବ ବୋଲି ଆକଳନ କରାଯାଇଛି।

# ସାଇବର ଅପରାଧ

ଡିଜିଟାଲ କାରବାର ବଢୁଥିବା ବେଳେ ଏହା ସହିତ ତାଳ ଦେଇ ସାଇବାର କ୍ରାଇମ ମଧ୍ୟ ବଢୁଛି। ଏହାକୁ ରୋକିବାରେ ବା ସାଇବର ଅପରାଧୀଙ୍କଠାରୁ ଲୁଟ ଟଙ୍କା ଉଦ୍ଧାର କରିବାରେ ପୋଲିସକୁ ଯଥେଷ୍ଟ ସଫଳତା ମିଳିନି। ପୋଲିସ ଡାଳେ ଡାଳେ ଗଲେ ଅପରାଧୀମାନେ ପତରେ ପତରେ ଯାଉଛନ୍ତି। ସାଇବର ଅପରାଧ ରୋକିବାକୁ ଥାନାରେ ସ୍ୱତନ୍ତ୍ର ସାଇବର ସେଲ ଖୋଲାଯାଇଛି। କିନ୍ତୁ ଏହା ସତ୍ତ୍ୱେ ଅପରାଧ ହାର ବଢ଼ିଚାଲିଛି। ସାଇବର କ୍ରାଇମ ଏବେ କେବଳ ଓଡ଼ିଶା ବା ଭାରତ ନୁହେଁ, ସାରା ବିଶ୍ୱରେ ଆତଙ୍କର କାରଣ ହୋଇଛି। ଅନେକ ଏଥିରେ ସର୍ବସ୍ୱାନ୍ତ ହୋଇଛନ୍ତି। ସାମାନ୍ୟ ଅସାବଧାନତାରୁ ମୁହୂର୍ତ୍ତକ ଭିତରେ ଜୀବନବ୍ୟାପୀ ସଂଚିତ ଅର୍ଥ ଲୁଟ ହୋଇଯାଉଛି। ଚିଟଫଣ୍ଡ ମାଧ୍ୟମରେ ଲୋକେ ଯେତିକି ଠକେଇର ଶିକାର ହୋଇଛନ୍ତି ସାଇବର ଅପରାଧରେ ତା'ଠାରୁ ଢେର ଅଧିକ ଶିକାର ହୋଇଛନ୍ତି। ଲୋକଙ୍କ ନିକଟକୁ ମୋବାଇଲ ମାଧ୍ୟମରେ ଅନେକ ମେସେଜ ଆସୁଛି। ଏଥିରେ ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଉ ନାହାଁନ୍ତି। କାରଣ ସେମାନେ ସତର୍କ ହୋଇଯାଇଛନ୍ତି। କିନ୍ତୁ ୨୦ ପ୍ରତିଶତ କେବେ ନା କେବେ କେଉଁଠି ନା କେଉଁଠି ସାଇବର ଅପରାଧିଙ୍କ ଜାଲରେ ପଡ଼ି ନିଜ କଷ୍ଟୋପାର୍ଜିତ ଧନ ହରାଉଛନ୍ତି। ଆଖି ପିଛୁଳାକେ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ଗାଏବ ହୋଇଯାଉଛି। ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ସରକାର ତଥା ପୋଲିସ କହୁଛି ଅଜଣା ଫୋନ କଲରେ କେହି ଆକାଉଣ୍ଟ ନମ୍ବର ବା ଓଟିପି ନମ୍ବର ମାଗିଲେ ତାହାକୁ ଅଣଦେଖା କରନ୍ତୁ ଏବଂ ପୋଲିସରେ ସୂଚନା ଦିଅନ୍ତୁ। କୌଣସି ବ୍ୟାଙ୍କ କେବେ ଗ୍ରାହକଙ୍କୁ ତାଙ୍କ ବ୍ୟକ୍ତିଗତ ସୂଚନା ମୋବାଇଲ ମାଧ୍ୟମରେ ମାଗନ୍ତି ନାହିଁ। କିନ୍ତୁ ସାଧାରଣ ଲୋକେ ଏଥିପ୍ରତି ସତର୍କ ହେଉ ନାହାଁନ୍ତି। ଅନେକ ସମୟରେ କିଛି ବ୍ୟକ୍ତି ସହଜରେ ମୋଟା ଅଙ୍କର ଲୋନ ନେବାର ଲୋଭ ଦେଖାଇ ଠକୁଛନ୍ତି। ଆଉ କିଛି ଫୋନ କଲ ଆସୁଛି ଆପଣଙ୍କ ଏଟିଏମ କାର୍ଡର ଅବଧି ସରିଯାଇଛି। ଏହା ଅଚଳ ହୋଇଯିବ। ଆପଣ ଶୀଘ୍ର ନମ୍ବର ଦିଅନ୍ତୁ, ଏହାକୁ ପୁନର୍ବାର ସଚଳ କରିଦିଆଯିବ। ସେଥିରେ ମଧ୍ୟ ଅନେକ ଠକେଇର ଶିକାର ହେଉଛନ୍ତି। ଏହା ବ୍ୟତିତ ଅଳ୍ପ ଦିନରେ ଭଲ ରିଟର୍ଣ୍ଣ ପାଇବାର ଲୋକ ଦେଖାଇ କେତେକ ଗ୍ରାହକଙ୍କୁ ଲୁଟ କରୁଛନ୍ତି। କେବଳ ସ୍ୱଳ୍ପ ଶିକ୍ଷିତ ବ୍ୟକ୍ତି ନୁହଁନ୍ତି, ଅନେକ ସଚେତନ ଏବଂ ଉଚ୍ଚ ଶିକ୍ଷିତ ବ୍ୟକ୍ତି ମଧ୍ୟ ଏହାର ଶିକାର ହେଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ଲୋକେ ଅନ ଲାଇନ କାରବାର ବା ଡିଜିଟାଲ କାରବାର କରିବାକୁ ଭୟ କରୁଛନ୍ତି। ବରଂ ପୁରୁଣା ଅଫଲାଇନ କାରବାର ଅଧିକ ଭଲ ଏବଂ ସୁରକ୍ଷିତ ବୋଲି ସେମାନେ ମତ ବ୍ୟକ୍ତ କରୁଛନ୍ତି। ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱରରୁ ୨ କୋଟି ୨୦ ଲକ୍ଷ ଟଙ୍କାର ଅନଲାଇନ ଠକେଇ ହୋଇଥିବା ଜଣାପଡ଼ିଛି। ଅଧିକ ରିଟର୍ଣ୍ଣ ପାଇବାର ଲୋଭ ଦେଖାଇ ସାଇବର ଅପରାଧିମାନେ ଲୋକଙ୍କଠାରୁ ଏହା ଲୁଟିଛନ୍ତି। ରାଜଧାନୀର ସଚେତନ ନାଗରିକ ମଧ୍ୟ ସାଇବର ଅପରାଧିଙ୍କ ଜାଲରେ ପଡ଼ିଯାଉଛନ୍ତି ତାହା ବିସ୍ମୟର କଥା। ଏହା ପୋଲିସ ପାଇଁ ଏକ ଚାଲେଞ୍ଜ ହୋଇଛି। ଏହାକୁ ଶତ ପ୍ରତିଶତ ରୋକିବା ସମ୍ଭବ ନୁହେଁ। କିନ୍ତୁ ଏହାକୁ ଅନେକାଂଶରେ ରୋକାଯାଇପାରିବ ବା ସାଇବର ଅପରାଧିଙ୍କୁ ଧରିବା ସମ୍ଭବ ହେବ ଯଦି ଏ କ୍ଷେତ୍ରରେ ଅତ୍ୟାଧୁନୀକ ଟେକ୍ନୋଲୋଜି ବ୍ୟବହାର ହେବ ଏବଂ ଲୋକଙ୍କୁ ଅଧିକ ସଚେତନ କରାଯିବ। ସାଇବର ଅପରାଧୀଙ୍କ ପ୍ରତି କଠୋର ଦଣ୍ଡବିଧାନ ସହ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଓଟିପି ମାଧ୍ୟମରେ ଜଣେ କିପରି ବ୍ୟାଙ୍କ ଆକାଉଣ୍ଟ ଖାଲି କରି ଦେଉଛନ୍ତି ତାହା ବଡ଼ ଆଶ୍ଚର୍ଯ୍ୟର ବିଷୟ।

# ପାକ୍ ଓ ଜମାତର ଭାରତ ବିରୋଧୀ ପ୍ରଚ୍ଚର

॥ ସୌମେନ୍ଦ୍ର ଜେନା ॥

"

*ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି ।*

ମଣିଷ ପ୍ରାକୃତିକ ଭାବେ ବଂଚିବା ଲକ୍ଷରେ କେବଳ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ବ୍ୟତୀତ କେତେବେଳେ କିଛି ଆନନ୍ଦ ଉପଭୋଗ କରିବା ପାଇଁ ଅତ୍ୟଧିକ ଖର୍ଚ୍ଚ କରିବାକୁ ପଡିଥାଏ । ଖାଦ୍ୟ ବସ୍ତ୍ର ଏବଂ ବାସଗୃହର ସଜ୍ଞା ଦୁଇଟି ପରିବାର ପାଇଁ ସମାନ ହୋଇଥବା ବେଳେ ଆନନ୍ଦ ଉପଭୋଗର ସଂଜ୍ଞାରେ ବ୍ୟାପକ ଅନ୍ତର ପରିଲକ୍ଷିତ ହୋଇଥାଏ ଦୁଇଟି ପରିବାର ମଧରେ । ଆଉ କେବଳ ଏହି ଆନନ୍ଦ ପାଇଁ ସାଧାରଣ ନିର୍ବୋଧ ଅହେତୁକ ଭାବେ ଲୁଣ୍ଠନର ଶିକାର ହୋଇ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ବ୍ୟପାରୀ ସେମାନଙ୍କ ଠାରୁ ହାତେଇବାରେ ସମର୍ଥ ହୋଇଥା'ନ୍ତି । କେଉଁ କେଉଁ ମାର୍ଗରେ ବ୍ୟପାରୀ ସମାଜରୁ ଅର୍ଥ ଆଦାୟ ପୂର୍ବକ ସାଧାରଣ ନିର୍ବୋଧଙ୍କୁ ଦୁଃଖରେ ବଂଚିବାକୁ ସୁଯୋଗ ସୃଷ୍ଟି କରନ୍ତି ତର୍ଜମା କରିବା...

ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି । ବ୍ୟକ୍ତିଗତ ଗମନାଗମନ ବ୍ୟବସ୍ଥା ପାଇଁ ଅକାରଣରେ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ସେମାନଙ୍କ ଦେଖାଣିଆ ଭାବକୁ କିଂଚିତ ଆତ୍ମତୃପ୍ତି ପ୍ରଦାନ କରୁଥିବା ବେଳେ ସେମିତି କୌଣସି ସାମାଜିକ ମାନ୍ୟତା ନଥାଇ ମଧ ବ୍ୟାପକ ଅର୍ଥ ବ୍ୟୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଅତ୍ୟନ୍ତ ସରଳ ସୂତ୍ରରେ ନିର୍ବାହ କରିଥା'ନ୍ତି ଖୁବ୍ କମ୍ ଖର୍ଚ୍ଚ ମାଧମରେ । ବାହାରେ ଖାଦ୍ୟ ଖାଇବା ତଥା ଦେଖାଣିଆ ଭାବେ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ଚିନ୍ତନ କାରଣରୁ ଅଜସ୍ର ଅର୍ଥ କ୍ଷୟ କରିବା ସହିତ ବ୍ୟାପକ ଅସାଧ ରୋଗ କ୍ରୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଆଦୌ କରନ୍ତି ନାହିଁ । ନିସାଗ୍ରସ୍ତ ହୋଇ ଜୀବନର ଆର୍ଥିକ ରୋଜଗାରର ଏକ ତୃତୀୟାଂଶ କିମ୍ବା ତାହାଠାରୁ ଅଧିକ ଖର୍ଚ୍ଚ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ଏକ ଆଲୋଚ୍ୟ ବିଷୟ ହୋଇ ରହିଯାଇଥାଏ କେବଳ । ଏହିଭଳି ଅନେକ କୃତିମ ଅମାନୁଷିକ ଆଚରଣ ଜନିତ ବ୍ୟାପକ ରୋଗ ଅର୍ଜିବା ଏବଂ ତାହାର ପ୍ରତିକାର ପାଇଁ ଘରୋଇ ଚିକିତ୍ସାଳୟରେ ଆଶାତୀତ ଖର୍ଚ୍ଚାନ୍ତର ଶିକାର ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହା ପ୍ରଥମ ପରିବାର କରନ୍ତି ନାହିଁ, କାରଣ ସେମାନଙ୍କୁ ଏହିଭଳି କୌଣସି ବୃହତ୍ତକାୟ ରୋଗ ଶିକାର କରିପାରେ ନାହିଁ । ଏମିତି ଆହୁରି ଅନେକ ଅନୈତିକ କାର୍ଯ୍ୟରେ ନିଜର ରୋଜଗାର ଅର୍ଥକୁ ଅକାରଣରେ ନିୟୋଜିତ କରି ଅଭାବର ଶିକାର ହୋଇ ଅସାମାଜିକ କାର୍ଯ୍ୟ କରି ବ୍ୟାପକ ଅର୍ଥ ହାତେଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହାଙ୍କ ସେହି ରୋଜଗାରକୁ ବିଭିନ୍ନ ମହଲରେ ବ୍ୟପାରୀ ସ୍ତର ସ୍ତର କରି ପରୋକ୍ଷରେ ଲୁଣ୍ଠନ କରିଥା'ନ୍ତି ଏବଂ ସେମାନେ ସବୁବେଳେ କେବଳ ଦୁଃଖରେ ହିଁ କାଳାତିପାତ କରିଥା'ନ୍ତି କେତେ ରୋଜଗାର କଲେ ମଧ । କି'ନ୍ତୁ ପ୍ରଥମ ପରିବାରଟି ଏହିସବୁ ମାୟାରୁ ନିବୃତ୍ତ ରହି ନିଜକୁ ଏକ ସନ୍ତୁଳିତ ଅବସ୍ଥାରେ ରଖି ସୁଖରେ କାଳାତିପାତ କରିବାରେ ସମର୍ଥ ହୋଇଥା'ନ୍ତି ।

ବିଭିନ୍ନ ଅନ୍ୟାନ୍ୟ ମାଧମ ଗୁଡିକ ମଧରେ ନିଜକୁ ଅତିମାନବର ପରିଚୟ ପ୍ରଦାନ କରିବା ଲକ୍ଷ ରଖି ସାମାଜିକ ସ୍ତରରେ କେତେଯେ ଅନାବଶ୍ୟକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ତାହାର ପରିକଳ୍ପନା କରିବା କଷ୍ଟ । ଉଦାହରଣ ସ୍ୱରୂପ ନିଜର ବଡ଼ିମା ଦେଖାଇବା ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଗୁଡିଏ ବ୍ୟବହାର କରିଥା'ନ୍ତି ଯାହା କେତେବେଳେ ଖାଦ୍ୟ ପଦାର୍ଥ ତ ଆଉ କେତେବେଳେ ଶାରୀରିକ ବାହ୍ୟ ପ୍ରୟୋଗ ହୋଇଥାଏ ଯାହା ସବୁ ଅସମ୍ଭବ ଦରରେ ବିକ୍ରି ହୋଇଥାଏ ବଜାରରେ ବ୍ୟପାରୀଙ୍କ ଦ୍ୱାରା ଯାହା ବ୍ୟବହାର କରି କେବଳ ଖର୍ଚ୍ଚାନ୍ତ ହେବାକୁ ପଡ଼ିନଥାଏ ବରଂ ଅସଂଖ୍ୟ ରୋଗ ସୃଷ୍ଟି କରିଥାଏ ସେହିସବୁ ରାସାୟନିକ ଦ୍ରବ୍ୟ ଗୁଡିକ ଯାହା ନିର୍ବୋଧ ଶିକ୍ଷିତ ଆଦୌ ଜାଣିପାରନ୍ତି ନାହିଁ । ପ୍ରଥମ ପରିବାର କି'ନ୍ତୁ ସେଗୁଡିକୁ ଆଦୌ ଦେଖନ୍ତି ନାହିଁ କିମ୍ବା ତାହା ବିଷୟରେ କୌଣସି ଅନୁଶୋଚନା ରହିନଥାଏ ସେମାନଙ୍କର ଯାହା ସେମାନଙ୍କୁ ସୁଖରେ ବଂଚିବା ପାଇଁ ସୁଯୋଗ ଦେଇଥାଏ । ଦୂରବାର୍ତ୍ତା, ଦୂରଦର୍ଶନ, ନାଚ, ଗୀତ, କ୍ରୀଡା ଭଳି ମନୋରଂଜନକାରୀ ବ୍ୟବହାର ଯେତିକି ମାତ୍ରାରେ ଆର୍ଥିକ ଶୋଷଣ କରିଥାଏ ସମାଜରୁ ଅକଳନିୟ ! ଏଗୁଡିକ ଜଣେ ମଣିଷ ଜୀବନ ବଂଚିବା ଶୈଳୀରେ କୌଣସି ଅତ୍ୟାଶ୍ୟକତା ରଖିନଥିବା ବେଳେ କେବଳ ସାମାଜିକ ପ୍ରହେଳିକା କାରଣରୁ ନିଜକୁ ସର୍ବାଗ୍ରେ ରଖିବା ଲକ୍ଷ ରଖି ଯେତିକି ଅର୍ଥ ନଷ୍ଟ କରିଥା'ନ୍ତି ସାଧାରଣ ନିର୍ବୋଧ ତାହାର ହିସାବ ଦେଲେ ହୁଏତ ମଣିଷ ବେହୋସ ହୋଇଯିବ ଯାହା ସବୁ ବ୍ୟପାରୀ ବିଭିନ୍ନ ମାଧମରେ ଲୁଟି ନେଇଥା'ନ୍ତି ଲୋକଙ୍କ ଠାରୁ । ବସ୍ତ୍ର, ବାସଗୃହ, ଉପକରଣ ତଥା ଖାଦ୍ୟ ପଦାର୍ଥ ଗୁଡିକର ଅତ୍ୟାଧୁନିକରଣ ଜନିତ ଅନାବଶ୍ୟକ ପଦାର୍ଥ ଗୁଡିକୁ ଅହେତୁକ ଭାବେ ଜୀବନ ଶୈଳୀରେ ଯୋଡ଼ିଦେଇ ବ୍ୟାପକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ଯାହାସବୁ କେବଳ ବିଭିନ୍ନ ପ୍ରଚାର ପ୍ରସାର ଜନିତ ଅଜ୍ଞତା ଜଡିତ ବ୍ୟବହାର କରିଥା'ନ୍ତି ନିର୍ବୋଧ ଏବଂ ପରୋକ୍ଷରେ ଆର୍ଥିକ ଭାରାକ୍ରାନ୍ତ ହୋଇ ଦୁଖଦଃ ପରିସ୍ଥିତି ସୃଷ୍ଟି କରିଥା'ନ୍ତି ନିଜକୁ ନିଜେ । ଏହିଭଳି ବ୍ୟାପକ କାରଣ ଜନିତ ଖର୍ଚ୍ଚାନ୍ତ ହୋଇଥା'ନ୍ତି ସାଧାରଣ ନିର୍ବୋଧ ଶିକ୍ଷିତ କିମ୍ବା ଅନ୍ୟାନ୍ୟ ଧନୀକ ଗୋଷ୍ଠୀର ମଣିଷ ଯାହା ସବୁ କୌଣସି ପ୍ରକାରେ ଜଣେ ପ୍ରାକୃତିକ ମଣିଷର ଅତ୍ୟାବଶ୍ୟକ ହୋଇନଥାଇ କେବଳ ସାମାଜିକ ପ୍ରହେଳିକା କାରଣରୁ । ସେସବୁ ହେତୁ ଅହେତୁକ ଭାବେ ନିଜକୁ ପଥଭ୍ରଷ୍ଟ କରି ବ୍ୟପାରୀଙ୍କ ଲୁଣ୍ଠନର ଶିକାର ହୋଇ ନିଜର ଆର୍ଥିକ ରୋଜଗାରକୁ ନଷ୍ଟ କରି ସମାଜରେ ଅନୈତିକ ଉପାୟରେ ଅର୍ଥ ଆଦାୟ କରି ନିଜକୁ ଦୁଃଖୀ କରି ବଞ୍ଚିଥା'ନ୍ତି ଜୀବନ ସାରା ଯାହା ପ୍ରଥମ ପରିବାର ନକରି ଆନନ୍ଦରେ ରହିଥା'ନ୍ତି । ଏମିତିକି କୌଣସି ନିଦର୍ଶନ ବିହନ କେବଳ କୁହେଳିକା ଜନିତ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଷୟ ଗୁଡିକ ମାଧମରେ ସାଧାରଣ ମଣିଷ ସମୂହ ଯାହା ସବୁ ସାମାଜିକ ଖର୍ଚ୍ଚ କରିଥା'ନ୍ତି ସେଗୁଡିକୁ ବର୍ଜନ କରି ମଧ ଜଣେ ମଣିଷ ନିଜକୁ ସୁଖ ଶାନ୍ତିରେ ବଂଚିବା ସହିତ ଆନନ୍ଦରେ ଶେଷ ନିଶ୍ୱାସ ତ୍ୟାଗ କରିପାରିବ ଜୀବନ ଶେଷରେ ଯାହାର ସଜ୍ଞା ବୁଝାପଡୁନାହିଁ କାହାକୁ ଆଜିର ବ୍ୟପାରୀଙ୍କ ପ୍ରଚାର ଜନିତ କରାଳତା କାରଣରୁ । ନିଜର ପରିଚୟ ନପାଇ କେବଳ ଅନ୍ୟର ପ୍ରରୋଚନାରେ ନିଜକୁ ସର୍ବାଗ୍ରେ ସ୍ଥାପନ କରିବା ଲକ୍ଷ ରଖି ଯାହାସବୁ କରୁଛନ୍ତି ସାଧାରଣ ନିର୍ବୋଧ ସେଗୁଡିକର କୌଣସି ପ୍ରାକୃତିକ ସଜ୍ଞା ନାହିଁ ।


ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ-୭୬୧୦୨୦

ଦୂରଭାଷ.: ୯୪୩୭୩୨୪୯୧୭.


# ଗ୍ରିଙ୍ଗେଲର ସୁର ଦୂରକୁ ଦୂରକୁ

॥ ଡ଼କ୍ଟର ଚନ୍ଦନ କୁମାର ସିଂହ ॥

ଖରାରେ ସମସ୍ତେ ଝୋଲାମରା। କେବଳ ଜଣେ ତା'ନିଜ ତୁଣ୍ଡରେ ରାଗିଣୀ ଧରିଛି-ଗ୍ରିଙ୍ଗେଲ-ଝିଙ୍କାରି-ଝୋଲାମରା ମହୁଲଗଛ ଗଣ୍ଡିରୁ, ଝଙ୍କା ଆମ୍ବଗଛ ସନ୍ଧିରୁ। ଯେଉଁଠି ମନମୁତାବକ ମିଳିଲା ଜାଗା ତାଙ୍କୁ, ସେଠାରେ ବସି ରାଗିଣୀ ତୋଳିଲେ ଗ୍ରିଙ୍ଗେଲ । ନିର୍ଜନ ପଣିଆର ବାସ୍ତବତାକୁ ସେ ଆଙ୍କି ଦେଉଛି, ଦୂରକୁ ନିକଟ କରି, ନିକଟକୁ ଦୂର କରି। ଉଚ୍ଛୁଳା ଜହ୍ନ କିରଣପରି, ଅସରା ଖରା ପରି ଝିଙ୍କାରିର ରାଗ ଶୁଖିଲା ମାଟି, ଗଛପତର, ବଣବୁଦା, ପଥରକୁ ଭିଜାଇ ଦେଉଛି । ଛପି ଛପିକା ଛାଇ ଖରାର ଆକଟ ମାନିନାହିଁ। ତା'ରି ଭିତର ଦେଇ କାଳିଆ ପିଚୁରାସ୍ତା ପଡ଼ିଛି ଏମୁଣ୍ଡରୁ ସେମୁଣ୍ଡ। ସନ୍ନ୍ୟାସୀଗୁଡ଼ାରୁ ଡାକୁଲଗୁଡ଼ାଛକ। ନିଜ ତୁଣ୍ଡରେ ରାଗିଣୀ ଧରିଛି-ଗ୍ରିଙ୍ଗେଲ-ଝିଙ୍କାରି-ଝୋଲାମରା ଆମ୍ବଗଛ ଭିତରୁ। ହେଁ ନାଲ୍‌ଗିରିଗଛ ମଥା ଉପରୁ। ରାସ୍ତାର ଦି'କଡ଼ ଶୁଖିଲା, ଆଉ ଶୁଖିଲା। ଯେଉଁ ଆଡ଼କୁ ଆଖି ପାଉଛି ଶୁଖିଲା ପାଉତିରେ ଲିଭିଯାଉଥିବା ଅକ୍ଷରପରି। ତାତି ନିଗାଡ଼ି ପଡୁଛି ଭେଦଭାବ ନରଖି ସଭିଙ୍କ ଉପରେ। ଡଙ୍ଗରର ମଥା ଉପରେ ବି ତାତି, ଦେହକୁ ଆଉଜି ପଡୁଥିବା ପବନରେ ବି ତାତି। ଭୂଇଁ ଆଉ ତାତିକୁ ସମ୍ଭାଳି ନପାରି ସିଏ ବି ପାଲଟିଛି ତାତି। ଏ ତାତିର ଚଉହଦୀ ଭିତରେ କେଉଁଠି କେଜାଣି କେତେବେଳେ ଝଲକାଏ ସବୁଜିମା। ......ସୁତୁକାଏ ତିଅଣ ପରି। ଏ'ଖରାର ତାତି ନିଛାଟିଆ। ତା'ର ସର୍ବାଙ୍ଗ ନିଛାଟିଆ। ଏ ତାତିରେ ସର୍‌ଗିଗଛର ଭରା ସବୁଜିମା ବି ନିଛାଟିଆ। ଆକାଶରୁ ନଇଁ ପଡୁଛି ତାତି। ଆଖି ପାଉନାହିଁ ଏ ତାତିକୁ। ନିଜ ତୁଣ୍ଡରେ ରାଗିଣୀ ଧରିଛି ଗ୍ରିଙ୍ଗେଲ୍-ଝିଙ୍କାରି-ଝୋଲାମରା ଡଙ୍ଗର ଭିତରୁ।

ଆଗରେ ଥୁଆପାଡ଼ି ନଇ। ତାତିର ଏ ଅଝଟ ଭିତରେ ଶୁଖିନାହିଁ ତା'ଦିହ। ଥୁଆପାଡ଼ି ନଇ ଚଟ୍‌କରି ଡେଇଁ ପଡ଼ିଲେ ଆଗକୁ ଥୁଆପାଡ଼ିଛକ। ଛକ କଡ଼ରେ ଋର ଗଛ। ଋର ପାଚିଲାଣି ସଅଳ ବରଷା ପାଣିରେ। ପାଖକୁ ପାଖକୁ ଛୋଟବଡ଼ ଭୂଇଁ ଖଜୁରୀ। ଭୂଇଁ ଖଜୁରୀ ପାଚିଲେ ଜାମୁକୋଳି ପରି କଳା ମଚ ମଚ ଦିଶେ। ପାଟିରେ ଲାଗି ମିଳାଇଯାଏ ସିନା ସୁଆଦ ଲାଗି ରହିଥାଏ। ପେନ୍ଥା ପେନ୍ଥା କୁରେଇ ଫୁଲର ବାସ ପରି। ନିଗିଡ଼ା ତାତି ଭିତରେ ମହକି ଉଠୁଛି କୁରେଇଫୁଲର ବାସ। ଝୋକା ଝୋକା କୁରେଇ ଫୁଲ। ଥମୁନାହିଁ ତା'ଉଜ୍ଜଳପଣ। ଥମୁ ନାହିଁ ତା'ନମ୍ର ନିବେଦନ। ନିଜ ତୁଣ୍ଡରେ ରାଗିଣୀ ଧରିଛି ଗ୍ରିଙ୍ଗେଲ୍ । ଝିଙ୍କାରି ଝୋଲାମରା କୁସୁମଗଛ ଦିହରୁ।

ଆଗପଛ ହୋଇ କେତେ କେତେ ଗାଆଁ । ଭେଜିପଦର ଘାଗୁଡ଼ିପଦର ବଡ଼ଲିମା, ପାଇକ ଡାକୁଲଗୁଡ଼ା, କନ୍ଧ ଡାକୁଲଗୁଡ଼ା, ବଣ୍ଡାଗୁଡ଼ା, ରାମନାକୁପଲି, କୁଟ୍ରାଗଡ଼, ଗଜାକୁପ୍‌ଲି, ଖଜୁରୀପଦର, ଏଇମିତି କେତେ କଅଣ। ଗୁଡ଼ାକୁ ଗୁଡ଼ା ଇସ୍କୁଲ। ପଦରକୁ ପଦର ଇସ୍କୁଲ। ଆଦିବାସୀ ଜନ-ଜୀବନର ଘେର ଭିତରେ ଇସ୍କୁଲ। ତାତି ନେଉଟିଯାଏ ଧୀରେ ଧୀରେ ଡଙ୍ଗର ଭିତରେ, ଆକାଶଭିତରକୁ ତାତି ଫେରିଯାଏ। ଅପେକ୍ଷା କରେ ସୂର୍ଯ୍ୟ ଚହଟିବା ପରେ ପୁଣି ତା'ରାଇଜର ପସରା ମେଲିଦେବ। ସୂର୍ଯ୍ୟ ନଉଁ ନଉଁ ଚୁଲିରୁ ଧୂଆଁ ଉଠେ ଘରର ମଥାନ ଭେଦି ଭେଦି। ସଂଜ ଗଡୁ ଗଡୁ ସଭିଏଁ ଖାଇ ନିଅନ୍ତି ରାତିର ଖାଇବାତକ। ପହରକିଆ କଲିଆ ଭୁକିବା ଆଗରୁ ଗୋଟେ ପହର ନିଦ ଭୋଗ ହୋଇଯାଏ ପରିବାରଟା ସାରା। ସକାଳ ଫଁଟିବା ଆଗରୁ ନିଦ ଫଟିଯାଏ ସମସ୍ତଙ୍କର। ପିଲାଏ ତରତର ହୁଅନ୍ତି ପାଖ ନାଳକୁ ଯିବାଲାଗି। ନାଳରୁ ଫେରି ସ୍କୁଲଯିବାକୁ ତରସହେ ନାହିଁ। ପିଲାଙ୍କ ହୋ'ହୋ'ରେ ପୂରି ଉଠେ ସ୍କୁଲର ଅଙ୍ଗନ।

ଥୁଆପାଡ଼ି ଛକରୁ ବାଁହାତୀ ରାସ୍ତା ପଡ଼ିଛି ଏକମୁହାଁ ହୋଇ ଭେଜିପଦର, ଥୁଆପାଡ଼ି ଓ ଘାଗୁଡ଼ିପଦରକୁ। ସବୁ ଗାଆଁରେ ଇସ୍କୁଲ। ଖରା ଆଉ ତାତି ନହକି ନହକି ପହଞ୍ଚିଯାଆନ୍ତି। ଗ୍ରିଙ୍ଗେଲ୍ ପାଖ ଗଛରୁ ତା'ରାଗିଣୀ ତୋଳିଧରେ। ପ୍ରଥମରୁ ଅଷ୍ଟମ ଶ୍ରେଣୀର ଦୁଆର ଭିତରେ ଥୁଆପାଡ଼ି ସ୍କୁଲ। ଶିବମନ୍ଦିର ବେଲଗଛ ଆଉ ଆମ୍ବଗଛ କଡ଼େ କଡ଼େ ଗଡ଼ିଗଲେ ସ୍କୁଲର ମୁହଁ ଦେଖାପଡ଼େ। ସାହିରୁ ଶୁଖିଲା ବିଲ ଭିତରେ ପିଲାଏ ବି ସ୍କୁଲକୁ ଋଲି ଆସନ୍ତି। ସମୁଦାୟ ୭୪ ଜଣ ପିଲା ଓ ଦି'ଜଣ ଶିକ୍ଷକଙ୍କୁ ନେଇ ସ୍କୁଲର ସଂସାର। ପ୍ରଥମରୁ ପଞ୍ଚମ ଯାଏଁ କେବଳ ୫୭ ପିଲା। ୧୯୭୧ ମସିହାରେ ସ୍ଥାପିତ ହୋଇଥିଲା ସ୍କୁଲଟି। ଏପ୍ରିଲ ମାସର ଶେଷ ସପ୍ତାହ। ହଁ ନା ହଁ ନା ଭିତରେ ସ୍କୁଲ ସବୁ ଖୋଲିଗଲାଣି। ଖରାତାତିକୁ ଅନାଇ ଅନାଇ ସ୍କୁଲସବୁ ସକାଳୁଆ। ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଦପ୍ତରରେ ମଧ କ୍ଲାସ ହୁଏ। ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀର ପିଲାଏ ମୁଥ ମୁଥ ହୋଇ ଗୋଟିଏ ଘରେ ବସନ୍ତି। ଶିକ୍ଷକ ମଧ ସେହି ତରିକାରେ ପାଠ ପଢ଼ାନ୍ତି। ସେଦିନ କୁସୁମ ପ୍ରେପକା-୨ୟ, ଶୁଭମ୍ ଗରଡ଼ିଆ - ୩ୟ, ମନୋଜ ବିଡ଼ିକା-୧ମ, ମୁକେଶ କୁଶୁଲିଆ-୧ମ, ସୁଇଟ ଗଉଡ଼-୨ୟ, ରିତୁ ପ୍ରେପକା-୨ୟ, ରବିନ୍ଦ୍ର କୁରୁଲିଆ-୧ମ, କେଦାର ଗରିଡ଼ିଆ-୨ୟ, ରଶ୍ମୀ ମହାନନ୍ଦିଆ-୨ୟ ପ୍ରଭୃତି ପିଲାଙ୍କ ସହ ସାଙ୍ଗର ଆସର ଆରମ୍ଭ ହୋଇଗଲା। ପ୍ରତିପିଲା ଗୋଟିଏ ଗୋଟିଏ ମହକ ପରି, ସେମାନେ ଯେଉଁଠି ଥାଆନ୍ତୁନା କାହିଁକି। ତାଙ୍କ ପୃଥିବୀ ଭିତରକୁ ପାଦଦେଲେ ସେମାନେ ଆପଣାର କରିନିଅନ୍ତି। କେତେକେତେ କଥା ଓ ବ୍ୟଥାର ଗନ୍ଥାଘର ପ୍ରତିଟି ପିଲା ସ୍କୁଲର। ହସି ହସି କହିବସନ୍ତି କେତେ କଥା ସେମାନେ। କଥାପଡୁ ପଡୁ ପଋରିଦେଲି, ତୁମେ ସବୁ କ'ଣ କ'ଣ ଖାଇକରି ଆସିଛ। ପିଲାଙ୍କ ଉ ର ଥିଲା କିଛି ଖାଇନୁ। ମଧାହ୍ନ ଭୋଜନ ସକାଳ ୯ ବେଳକୁ। ଆଉ ତୁମେ ସବୁ କେତେବେଳେ ଖାଇଥିଲ-କାଲି ସଂଜବେଳେ। ଶ୍ରେଣୀର କେବଳ ସୁଇଟିକୁ ଛାଡ଼ିଦେଲେ ଆଉ କୌଣସି ପିଲା ଖାଇନଥିଲେ। ନଖାଇ ଆସିବା ଯେ କେବଳ ଗୋଟିଏ ଦିନର ଘଟଣା ଥିଲା ତା'ନୁହେଁ, ସକାଳୁଆ ସ୍କୁଲର ଏହା ନିୟତ ପ୍ରତି ନିୟତ ଘଟଣା। ଆଗ ସଂଜରୁ ଯାହା ଖାଇଥାନ୍ତି ପିଲାଏ। ଅଲେଖା ସିଲଟ ପରି ପିଲାଙ୍କର ପେଟ ମଧ ସେହିପରି ରହିଯାଇଥାଏ। ହସି ହସି ପିଲାଏ ପଢ଼ନ୍ତି, ଏମୁଣ୍ଡରୁ ସେମୁଣ୍ଡ ଦଉଡୁଥାନ୍ତି ପେଟର ଭୋକକୁ ରଖିଦେଇ।

ପାଖ ଗାଆଁ ଭେଜିପଦର। ତୃତୀୟ, ଚତୁର୍ଥ, ପଞ୍ଚମ ଶ୍ରେଣୀର ପିଲାଏ ଗୋଟିଏ କକ୍ଷରେ। ଦେବେନ୍ଦ୍ର ନିଶିକା-୫ମ, ବରୁନ ମାଣ୍ଡିକା -୫ମ, ବିକ୍ରମ ନିଶିକା-୪ର୍ଥ, ନରୋତମ ନିଶିକା-୫ମ, ଉର୍ମିଳା ନିଶିକା-୪ର୍ଥ, ସ୍ୱପ୍ନାନୁଣ୍ଡୁକା-୩ୟ, ଭାଗ୍ୟବତୀ ମାଣ୍ଡିକା-୩ୟ, ଚନ୍ଦ୍ରିକା ନିଶିକା-୫ମ, ସାଗର ନିଶିକା-୫ମ, ସୌମ୍ୟ ବାତ୍ରାବା-୪ର୍ଥ, ବେବି ଉଲାକା-୪ର୍ଥ, ଜସମିନ୍ ମାଇକା-୪ର୍ଥ, ବବିତା କରଲାକା-୪ର୍ଥ, ସବିତା କୃସିକା-୪ର୍ଥ ଆଦି ତେର ଚଉଦ ପିଲାଙ୍କ ସହ ପାଠର କଦର ଜାଣୁ ଜାଣୁ, କୌଣସି ଜଣେ ହେଲେ ବି ପିଲା, ଖାଇକି ନଆସିଥିବାର କଥାକୁ ସହି ହେଉନଥିଲା। ତାତିକୁ ନସହିବା ଲାଗି ସକାଳୁଆ ସ୍କୁଲ। ମାତ୍ର ଭୋକକୁ ସହିହେବକି ? ସକାଳର ସଜଫୁଲ ପରି ମହଣ ମହଣ ମହକରେ ପିଲାଙ୍କ ଭୋକକୁ ସହିହେବ କିପରି ଭଲା ? ପାଠ କରି ଆସିଛନା ନାହିଁ ପ୍ରଶ୍ନର ଉତରଦାୟିତ୍ୱ ନେବାପାଇଁ ସିନା କେହି ଜଣେ ଅଛନ୍ତି, ମାତ୍ର ତୁମେ ଖାଇ କରି ଆସିଛନା ନାହିଁ ପ୍ରଶ୍ନର ଉତର ଦାୟିତ୍ୱ ନେବାକୁ କିଏ ଅଛି ସତରେ ? ଏହା କେବଳ କ'ଣ ଥୁଆପାଡ଼ି ନା ଭେଜିପଦର ସ୍କୁଲର ଇତିକଥା ! ଆଖି ପାଉନାହିଁ ଏ ତାତିକୁ ! ଆକାଶରୁ ନିଗୁଡ଼ି ପଡୁଛି ତାତି। ଗ୍ରିଙ୍ଗେଲ-ଝିଙ୍କାରି ରାଗିଣୀ ଧରୁଛି ବେଲଗଛର ଦିହଭିତରୁ, ମହୁଲ ଗଛର ଫୁଙ୍ଗୁଳା ଫୁଙ୍ଗୁଳା ଡାଳ ଭିତରୁ। ଝିଁ-ଝିଁ-ଝିଁ-ଝିଁ।


ବିଷମ କଟକ, ରାୟଗଡ଼


# ଗାଈଗୋରୁଙ୍କ ସମସ୍ୟା

॥ ଶ୍ୟାମ ସୁନ୍ଦର ସାମଲ ॥

ଶିଶୁ ଗୁଡ଼ିକୁ ମନୁଷ୍ୟ ଯେତେବେଳେ ନିଜର କାମରେ ଆସିବା ଜାଣିବା ସିଦ୍ଧ ହୋଇଗଲା ତାକୁ ଗୃହ ପାଳିତ କରିବାକୁ ଚେଷ୍ଟା କରିଲା। ମନୁଷ୍ୟ ରୋଗ ହେବାପରି ପଶୁକୁ ଯେ ରୋଗ ହୋଇପାରେ ଏକଥା ପରେ ପରେ ଜଣା ପଡ଼ିଲା। ମନୁଷ୍ୟର ରୋଗ ପାଇଁ ଡାକ୍ତର, ବୈଦ୍ୟ ଅଛନ୍ତି ସେମାନେ ରୋଗୀର ଯନ୍ତ୍ରଣା ଅନୁଧାନ ସ୍ଥାନଗୁଡ଼ିକରୁ କରି ରୋଗୀକୁ କେତେ କଥା ପଚାରି ଔଷଧ ଦେଇ ଆରୋଗ୍ୟ କରନ୍ତି। ମାତ୍ର ପଶୁ କଥା କହିପାରେ ନାହିଁ ରୋଗର ଲକ୍ଷଣ ଦେଖି ଚିକିତ୍ସା କରିବାକୁ ପଡ଼େ। ଆସ୍ତେ ଆସ୍ତେ ଛେଳି, ମେଣ୍ଢା, ଗୋରୁ , ମହିଷି, ଓଟ, ଗଧ, ଘୋଡ଼ା, ହାତୀ ଆୟତ ହେବାକୁ ଲାଗିଲେ ତାଙ୍କର ଚିକିତ୍ସା ଧାରା ଲଗାଇ ସେମାନଙ୍କୁ ରୋଗ ମୁକ୍ତ କରାଗଲା। ପକ୍ଷୀ ଗଣ, ବୃକ୍ଷଲତା ଏହାଙ୍କର ବି ଚିକିତ୍ସା ପଦ୍ଧତି ବାହାରିଲା। ଲୋକେ ବତକ, କୁକୁଡ଼ା, ହଂସ ପାଳନ କରିବା ସହିତ ଅନେକ ପକ୍ଷୀଙ୍କୁ ଖୁସି ପାଇଁ ଆୟତ କରେ।

ମନୁଷ୍ୟର ଅଭୟ ଗୁଣ ଦୟା ଅଛି। ପଶୁମାନେ ଅନୁଧାନ କରି ଆସ୍ତେ ଜାଣିଲେ ଫଳରେ ଜଙ୍ଗଲି ପଶୁ ବି ଋଷି ମୁନୀଙ୍କ ଆବସ ସ୍ଥଳୀରେ ଅଭୟରେ ଚଳିଲେ। ହରିଣ ଗୁଡ଼ିକ ମନୁଷ୍ୟ ଦେଖିଲେ ଅନେକ ସମୟରେ ପାଖକୁ ଆସନ୍ତି। ମାଙ୍କଡ଼ମାନେ ଏକ ସହରରେ ଘରେ ପଶି ମାନବ ବ୍ୟବହାର୍ଯ୍ୟ ପରିବା, ଫଳମୂଳ ଖାଇଯାଉଛନ୍ତି। ବୁଲା କୁକୁର ଗୁଡ଼ିକ ଗୃହସ୍ଥ ଗୃହ ପାଖାପାଖି ରହି ତାଙ୍କର ଖାଦ୍ୟ ଚିନ୍ତା ନିବାରଣ କରୁଛନ୍ତି। ବୁଲାଷଣ୍ଢ ଏପରି ବୁଲି ବୁଲି ତାଙ୍କ ଖାଦ୍ୟ ସଂଗ୍ରହ ମାନବ ଚଳନୀ କ୍ଷେତ୍ରରେ କରୁଛନ୍ତି।

ପୁରାଣରେ ପକ୍ଷୀ ପଶୁ ଶକ୍ତିକୁ ଦେବତାମାନେ ସ୍ୱପରିବହନ ପାଇଁ ଲଗାଇଛନ୍ତି ଏହା ସମସ୍ତେ ପାଠ କରୁଛନ୍ତି। ଅନେକ ଜୀବ ଯେଉଁମାନେ ହିଂସ୍ର ମନୁଷ୍ୟ ବୋଲ ସଂଜମରେ ମାନନ୍ତି ନାହିଁ ତାଙ୍କୁ ଭୟ କରି ମନୁଷ୍ୟ ଭୟରେ ଦୂରେଇ ରହୁଛି। ଦେବ ବାହାନ ପଶୁପକ୍ଷୀ କିନ୍ତୁ ମନୁଷ୍ୟ ସମ୍ମାନ ଦେଇ ଆସୁଛନ୍ତି ହେଲେ ମର୍କଟ ଯେ ଶ୍ରୀରାମଙ୍କ ବାହିନୀରେ ବଡ଼ ସହାୟକ ସେ ଓ ତାଙ୍କର ବାହନ ଷଣ୍ଢ ଏବେ ସମସ୍ୟା ଚାଷ କ୍ଷେତ୍ର ଫଳ ବଗିଚାରେ କରିଲେଣି। ରାସ୍ତାରେ ଷଣ୍ଢ ଅନେକ ଦୁର୍ଘଟଣାର କାରଣ। ହାତିମାନେ ରେଳଲାଇନରେ ପାଶ ବେଳେ ବି ରେଳ ଦୁର୍ଘଟଣା ଘଟୁଛି। ଦିନେ ଏମାନଙ୍କୁ ଯେଉଁ ଶ୍ରଦ୍ଧା ଥିଲା ଏବେ ବିରକ୍ତି ଘୃଣା ଓ କ୍ରୋଧରେ ଆସିବାଗୁ ହେଲାଣି। କଲିକତା ବି ଦିନେ ଗ୍ରାମ ଭୂମି ଥିଲା। ସୁତାନଟୀ ଗୋବିନ୍ଦପୁର ସେଠାରେ ଯେଉଁ ସନାତନୀ ହିନ୍ଦୁମାନେ ବାସ ତତ୍କାଳ ବାସ କରୁଥିଲେ ବୃଷଭଙ୍କୁ ସମ୍ମାନ ଦେଇ ଅବାଧରେ ଚଳାଚଳ ପ୍ରଶୟ ଦେଉଥିଲେ। କଲିକତା ସହର ବନି ଯିବାରୁ ତତ୍କାଳ ଚଲାପଥରେ ଘୋଡ଼ାରେ ଚଳପ୍ରଚଳ ଲୋକଙ୍କୁ ଏଇ ଷଣ୍ଢମାନେ ଆକ୍ରମଣ କରୁଥିଲେ। ଏମିତି କଲିକତାରେ ତତ୍କାଳ ବ୍ରିଟିଶର ଭାରତ ପ୍ରଶାସନରେ ଥିବା ଚଣ୍ଡମୁଣ୍ଡ କର୍ତ୍ତା। ଲର୍ଡ଼ମାନେ ସ୍ୱ କୋଠିରୁ କାର୍ଯ୍ୟାଳୟକୁ ଘୋଡ଼ାରେ ଗଲାବେଳେ ଜଣେ ଲର୍ଡ଼ ଷଣ୍ଢ ତାଡ଼ନରେ ପଡ଼ିଗଲେ ତାପରେ ଏଇ ପ୍ରଥାକୁ ବନ୍ଦ ପାଇଁ କାନୁନ ଲଗାଇଲେ ତାପରେ କଲିକତା ସହରରେ ଷଣ୍ଢ ଶନ୍ୟ ହୋଇଛି।

କଲିକତା ଠାରୁ ୩୦କି.ମି. ଦୂରରେ ତାରକନାଥ ବା ତାରକେଶ୍ୱର ମନ୍ଦିର ଅଛି। ଏଠାକୁ ଲୋକେ ମାନସିକ କରି ଷଣ୍ଢ ଅର୍ପଣ ବିଧିରେ କରୁଛନ୍ତି ଏପରିକି ଆମର ଆଖଣ୍ଡଳମଣି ଆରଡ଼ିରେ ଏମିତି ଷଣ୍ଢ ଅର୍ପଣ ହେଉଛି। ମନୁଷ୍ୟର ସନ୍ତାନ ନାଗା, ସନ୍ନ୍ୟାସୀ, ବୈଷ୍ଣବ ସାଧୁ କରିବାକୁ ଯେପରି ବ୍ୟବସ୍ଥା ଅଛି ସେମିତି ଥିଲା ଛାଗ ପ୍ରଜନନ ଓ ଗୋ ପ୍ରଜନନ ପାଇଁ ଅଣ୍ଡିରା ଛାଗକୁ ବୋଦାକୁ କୌଣସି ଦେବୀ ଉଦ୍ଦେଶ୍ୟରେ ବଳୀ ରୂପେ ନଦେଇ ଦେବୀ ପୀଠରେ ଛାଡ଼ି ଦେଉଥିଲେ ଓ ଷଣ୍ଢକୁ ଶିବଙ୍କ ମନ୍ଦିର ପାଖରେ ଶିବଙ୍କୁ ବିଧିରେ ଅର୍ପଣ କରି ଛାଡୁଥିଲେ। ଏବେ ବି ଏପରି ପ୍ରଥା ରଦ୍ଧ ହୋଇନାହିଁ। ଅନେକ ଶଷ୍ୟ କ୍ଷେତ୍ରରେ ଷଣ୍ଢ ମାର୍କଟ ଭାରତ କୃଷକଙ୍କୁ ଉଚ୍ଛନ୍ନ କରୁଛନ୍ତି। କୌଣସି ପରିବା ଫଳମୂଳ ଉତୁରି ପାରୁନାହିଁ। ଧର୍ମ ବିଶ୍ୱାସ ରହୁ ମାତ୍ର ସଂସ୍କାର କରାଯାଉ, ଏବେ ଗୋ ପ୍ରଜନନରେ ଷଣ୍ଢ ଆଉ ଦରକାରୀ ଲାଗୁନାହିଁ। କୃତ୍ରିମ ପ୍ରଜନନ ପଦ୍ଧତିରେ ସରକାର ସାହାଯ୍ୟ ଦେଲେଣି।

ବଳଦ ଆବଶ୍ୟକ ପଡୁ ନାହିଁ କି ଅତଏବ କୃତ୍ରିମ ପ୍ରଜନନରେ କେବଳ ମାଈ ବାଛୁରୀ ଜନ୍ମ ହେବେ ଏ ଧାରା କଣ ବୈଜ୍ଞାନିକମାନେ କାଢ଼ି ପାରିବେ ନାହିଁ। ମାଙ୍କଡ଼ମାନେ ଜଙ୍ଗଲରେ ବାସ କରୁଥିଲେ ଲୋକ ସରକାରୀ କାନୁନରେ ଛିଦ୍ର ଦେଖିତୁ ଅଭୟ ହୋଇ ଜଙ୍ଗଲକୁ ଆବାଦରେ ନେଲେ ଫଳରେ ମର୍କଟ ଏଇ କୃତ୍ରିମ ଉପବନ ଜନପଦକୁ ପଳେଇ ଆସିଲେ ପୂର୍ବେ ମାଙ୍କଡ଼ିଆ ମାଙ୍କଡ଼ ମାରିବାକୁ ପ୍ରାୟ ୫୦ ବର୍ଷ ତଳେ ଆସୁଥିଲେ ମୁଁ ନିଜେ ଦେଖିଛି ସେମାନେ ମାଙ୍କଡଙ୍କୁ ବନ୍ଧୁକ ଉଠାଇଲେ ମାଙ୍କଡ଼ମାନେ ହାତ ଉଠାଇ ହାତ ଯୋଡ଼ି ତାଙ୍କ ପ୍ରାଣ ବଞ୍ଚାଇବା ପାଇଁ ମାତ୍ର ସେମାନେ ରାଜାଜ୍ଞା ପାଳକ ସେମାନେ ମାଙ୍କଡଟିକୁ ମାରି ତା ଲାଞ୍ଜନେଇ ସରକାରୀ ଦପ୍ତରରେ ଜମା କରି ତାଙ୍କ ପାଉଣା ପାଉଥିଲେ। ଚାଷବାସ ଅଞ୍ଚଳରୁ ଷଣ୍ଢ ମାଙ୍କଡ ସମସ୍ୟା କେମିତି ରଦ୍ଧ ହେବ ସହର ଅଞ୍ଚଳରୁ ବୁଲା କୁକୁର କେମିତି ନିବାରଣ ହେବ ସରକାର ଚିନ୍ତା କରନ୍ତୁ। କଟକରେ ଗାଈଗୋରୁ ଅଛନ୍ତି ମାତ୍ର କାଁ ଭାଁ କାରଣ ଚାରଣ ଭୂମି ସମ୍ପୂର୍ଣ୍ଣ ଅଭାବ। ଗୋବର ମୂତ୍ର ପ୍ରଦୂଷଣ ହେବ ବୋଲି ଗୋପାଳନ ଉପରେ ରୋଧ ଲାଗିଗଲାଣି। ତଥାପି ବୁଲା ଗୋରୁ ସମସ୍ୟା ସହରରେ ବଢୁଛି। ଏ ପାଇଁ ଚିନ୍ତା କରାଯିବା ଦରକାର।


'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

## ମହିଳାଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର

ଆସିକା, (ମହାଭାରତ) : ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ଦେବଭୂମି ଗ୍ରାମର ଖଦାଳ ସାହିର ଗୋଟିଏ ଘରୁ ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ମୃତ ଦେହ ଉଦ୍ଧାର । ମୃତ ମହିଳା ଜଣକ ହେଲେ ୨୩ ବର୍ଷୀୟ ବର୍ଷା ନାୟକ । ପ୍ରକାଶ ଥାଉକି ଆସିକା ବ୍ଲକ କୋଟିନଡ଼ା ଥାନା ଅଧୀନ ବଜ୍ରକୋଟ ଗ୍ରାମର ସୁଲତନା ନାହାକ ଓ ସୁଦାମ ନାହାକ ଙ୍କ ଝିଅ ଆସିକା ବ୍ଲକ ଦେବଭୂମି ଗ୍ରାମରେ ଗୋବିନ୍ଦ ନାୟକଙ୍କ ସହ ତିନି ବର୍ଷ ତଳେ ବିବାହ ହୋଇଥିଲା । ଆଜି ସକାଳେ ଦେବଭୂମି ଖାଦଲ ସାହି ସ୍ୱାମୀ ଗୋବିନ୍ଦ ନାୟକଙ୍କ ଘରୁ ଝୁଲନ୍ତା ଅବସ୍ଥାରେ ବର୍ଷା ନାୟକଙ୍କ ମୃତ ଦେହ ମିଳିଥିବା ଖବର ପାଇ ମାଆ ସୁଲତନା ନାହାକ ଦେବଭୂମିରେ ପହଁଚି ଝିଅର ଏହି ଅବସ୍ଥା ଦେଖି ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲା । ଅଭିଯୋଗ ପାଇ ଆସିକା ପୋଲିସ ଥାନା କେସ ନମ୍ବର ୩୧୦/୨୫ରେ ମାମଲା ରୁଜୁ କରି ଘଟଣା ସ୍ଥଳରେ ଆସିକା ପୋଲିସ ପହଁଚି ତଦନ୍ତ କରୁଥିବା ବେଳେ ମୃତ ମହିଳାଙ୍କ ସ୍ୱାମୀ ଗୋବିନ୍ଦ ନାୟକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ଏପଟେ ମୃତ ଦେହକୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ସ୍ୱାମୀ ଘର ଲୋକଙ୍କୁ ହସ୍ତାନ୍ତର କରିଦିଆଯାଇଛି । ଅନ୍ୟ ପଟେ ମୃତ ମହିଳାଙ୍କ ବାପାଘର ଲୋକେ ବଧୂହତ୍ୟାର ଅଭିଯୋଗ ଆଣିଛନ୍ତି ।

## କାର ଦୁର୍ଘଟଣା: ଜଣେ ମୃତ

ଦଶପଲ୍ଲା, (ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ରଙ୍ଗାମାଟିଆ ଛକ ନିକଟରେ ଅପରାହ୍ନ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇଛି । କାର ନଂ ଓଡି ୧୦ ଏସ ୫୦୩୮ଯୋଗେ ଜୟପୁର ରୁ ନୟାଗଡ଼ ଜିଲ୍ଲା ଗମ୍ଭାରିଡ଼ିହି ଅଭିମୁଖେ ଆସୁଥିବା ବେଳେ ୫୭ନମ୍ବର ଜାତୀୟ ରାଜପଥ ର ରାଜପୁତ ବୁଲାଣି ଠାରେ ଏକ ଗଛରେ ଧକା ହୋଇଛି । ଫଳରେ ଓମିନ କାର ଟି ସମ୍ପୂର୍ଣ ନଷ୍ଟ ହୋଇଯାଇଛି । ଗୁରୁତର ଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ପରେ ନୟାଗଡ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର ହୋଇଛି । ସୂଚନା ଥାଉ କି ଓମିନ କାର ରେ ପରିବାର ତଥା ବାପା, ମା, ଦୁଇ ଝିଅ ଜୟପୁର ରୁ ନିଜ ଗ୍ରାମ ନୟାଗଡ଼ ଜିଲ୍ଲା ଗମ୍ଭାରୀଡ଼ିହିକୁ ଆସୁଥିଲେ । ପରିବାର ମଧ୍ୟରୁ ମା.ରଶ୍ମିରେଖା ପଟ୍ଟନାୟକ ମୃତ୍ୟୁ ବରଣ କରିଥିବା ବେଳେ ବାପ, ଦୁଇ ଝିଅ ରଞ୍ଜନ ପଟ୍ଟନାୟକ, ରିଙ୍କାଇତା ପଟ୍ଟନାୟକ( ୧୫,) ରେବୀକା ପଟ୍ଟନାୟକ (୭,)ଗୁରୁତର ହୋଇଛନ୍ତି ।


## ସରକାରୀ ବିଜ୍ଞାପନକୁ ହୋଡିଂ ହଟାଇ ନିଜ ପ୍ରଚାର ବ୍ୟାନର ଲାଗିଲା ବ୍ୟବସାୟୀ ପ୍ରତିଷ୍ଠାନ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ପ୍ରଶାସନ ପକ୍ଷରୁ ଠାକୁରମୁଣ୍ଡା ବଜାର ଓ ରୁଗୁଡିବେଡା ଠାରେ ବଡ ହୋଡିଂ ରେ ଲାଗିଥବା ସୁଭଦ୍ରା ଯୋଜନାର ଦୁଇଟି ବ୍ୟାନରକୁ ଖୋଲି ଦେଇ ଏକ ବ୍ୟବସାୟିକ ପ୍ରତିଷ୍ଠାନ ତାର ନିଜସ୍ୱ ବିଜ୍ଞାପନକୁ ଲଗାଇ ଥିବାର ଦେଖିବାକୁ ମିଳିଛି । କରଞ୍ଜିଆରେ ଥିବା ଏମ ବଜାର ନିଜର ବିଜ୍ଞାପନ କୁ ଲଗାଇଛି । କାହା ଅନୁମତିରେ ସରକାରୀ ବିଜ୍ଞାପନ ହୋଡ଼ିଂ ଖୋଲାଯାଇ ବ୍ୟବସାୟ ପ୍ରତିଷ୍ଠାନ ବିଜ୍ଞାପନକୁ ଲାଗିଲା ତାହା ପ୍ରଶାସନ ଦୃଷ୍ଟି ଦେବା ସାଧାରଣରେ ଦାବୀ ହେଉଛି । ଏବିଷୟରେ ବିଡିଓ ସ୍ୱପ୍ନେଶ୍ୱର ବେହେରା ପଚାରିବାରୁ ସେ କହିଲେ ଜାଣିନାହିଁ କି କେହି ଅନୁମତି ନେଇ ନାହିଁ ।

## ବିଚ ରାସ୍ତାରେ ବ୍ୟବସାୟୀଙ୍କ ଛୁରୀ ଭୁସି ହତ୍ୟା

ବୌଦ୍ଧ, (ମହାଭାରତ) : ରାସ୍ତା ମଝିରେ ଯୁବ ବ୍ୟବସାୟୀଙ୍କୁ ନିର୍ମମ ଭାବେ ହତ୍ୟା । ଛାତିରେ ଛୁରୀ ଭୂଷି ଦୁର୍ବୃ□ ହତ୍ୟା କରିଥିବା ବେଳେ ହତ୍ୟା କରି ଘଟଣା ସ୍ଥଳରୁ ଦୁର୍ବୃ□ ଫେରାର ମାରିଥିବା ଜଣାପଡିଛି । ଏପଟେ ମିଳିଥିବା ସୂଚନା ମତେ ବୌଦ୍ଧ ସହର ଯୁବ ବ୍ୟବସାୟୀ କେ ମୁନା ପାତ୍ର (୪୦) ଜଣଙ୍କ ସହର ଉପକଣ୍ଠ ଜଗଦୀଶ ପୁର ଛକ ନିକଟରେ ଥିବା ନିଜ ଗୋଦାମ ଘରକୁ କୌଣସି କାମରେ ଯାଇଥିଲେ । ସେଠାରେ କିଛି ଯୁବକ ଙ୍କ ସହ ତାଙ୍କର କଥା ବା□ା ହେବା ପରେ ରାସ୍ତା ଉପରକୁ ଆସିଥିଲେ । ଛକ ରାସ୍ତା ଉପରେ ହଟାତ ବ୍ୟବସାୟୀଙ୍କୁ ଅତର୍କିତ ଭାବେ ଛାତିରେ ଛୁରୀ ଭୁସି କିଛି ଜଣ ଦୁର୍ବୃ□ ସ୍କୁଟି ରେ ଫେରାର ମାରିଥିଲେ । ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ବୌଦ୍ଧ ଆଦର୍ଶ ଥାନା ପୋଲିସ ପହଁଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା ! କିନ୍ତୁ ସହର ରେ ପେଟ୍ରୋଲିଙ୍ଗ ବ୍ୟବସ୍ଥା ଢିଲାକୁ ନେଇ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ଉକ୍ତ ବାଇପାସ୍ ରାସ୍ତା ଅବରୋଧ କରିଛନ୍ତି । ଫଳରେ ଉଭୟ ପଟେ ଯାନ ବାହାନ ଅଟକି ରହିଥିବା ଦେଖିବାକୁ ମିଳିଥିଲା । ଏପଟେ ପୋଲିସ ଘଟଣା ର ଅଧିକ ତଦନ୍ତ ଜାରି କରିବା ସହ ଦୁର୍ବୃତକୁ ଧରିବାରେ ପ୍ରାଥୀମିକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । କିନ୍ତୁ କାହିଁକି ଯୁବ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଛି କିଏ ହତ୍ୟା କରିଛି ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ କହିଛି ।

## ଶ୍ରୀ ଶ୍ରୀ ହନୁମାନଙ୍କ ପୀଠରେ ୧୭ତମ ବାର୍ଷିକ ମହାଯଜ୍ଞ ସମ୍ପନ୍ନ



କଂଟାପଡ଼ା (ମହାଭାରତ): ଫୁଲନଖରା-ନିଆଳୀ ୬୦ନଂ ରାଜ୍ୟ ରାଜପଥ ଯିବା ବାଟରେ କୁରାଙ୍ଗ ପ୍ରଧାନ ଗ୍ରାମପଂଚାୟତ ଅଧିନରେ ଥିବା ରାୟପୁର ଶୀତଳ ଭଣ୍ଡାର ନିକଟସ୍ଥ ଶ୍ରୀ ଶ୍ରୀ ହନୁମାନଙ୍କ ପୀଠରେ ତା ୨୦/୪/୨୦୨୫ ରୁ ତା ୨୩/୦୪/ ୨୦୨୫ ରିଖ ୪ଦିନ ବ୍ୟାପି ଚାଲିଥିବା ମହାଯଜ୍ଞ ଗତ ୨୩ ତାରିଖ ସନ୍ଧ୍ୟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଯାଇଅଛି । ଏହି ମହାଯଜ୍ଞକୁ ଅଙ୍କୁରାରୋପଣ, ଜଳଯାତ୍ରା, କର୍ମାରମ୍ଭ, ବ୍ରାହ୍ମଣବରଣ, ଆହୁତି, ସୂର୍ଯ୍ୟପୂଜା, ଶାଳପୂଜା, ଗୋପୂଜା କରାଯାଇଥିଲା । ୨୦ ତାରିଖ ଦିନ ରାତି ୩ଟାରେ ମନ୍ଦିର ଦୂଆର ଫିଟା, ମଙ୍ଗଳ ଆଳତୀ, ଅବକାଶ, ମହାସ୍ନାନ, ଅଭିଷେକ, ବେଶ, ଚନ୍ଦନ, ସିନ୍ଦୁରଲାଗି, ସୂର୍ଯ୍ୟପୂଜା, ଅଖଣ୍ଡଦୀପ ପ୍ରଜ୍ୱଳନ, ବାଳଭୋଗ, ଦ୍ୱିପହର ଧୂପରେ ଶଙ୍ଖୁଡି ଭୋଗ, ସଂଧାରେ ବାଳଭୋଗ, ଆଳତୀ କରାଯାଇଥିଲା । ଅନୁଷ୍ଠିତ ଯଜ୍ଞରେ ଶ୍ରୀରାମଙ୍କ ଷୋଡଶପୂଜା, ହନୁମାନଙ୍କ ଷୋଡଶପୂଜା, ରୁଦ୍ରାଭିଷେକ,ଚଣ୍ଡିପାଠ, ହନୁମାନ ଚାଳିଶା, ସୁନ୍ଦର କାଣ୍ଡ, ବଜରଙ୍ଗ ବାଣ ପାଠ କରାଯାଇ ଆହୁତି ପ୍ରଦାନ କରାଯାଇଥିଲା । ଏହି ଶ୍ରୀ ଶ୍ରୀ ହନୁମାନଙ୍କ ପୀଠର ପୂଜକ ମଧୁସୂଦନ ଦାଶଙ୍କ ସହିତ ପୂଜକ ପ୍ରଦୀପ୍ତ ଦାଶ ଓ ନିରଞ୍ଜନ ଦାଶ ମହାଯଜ୍ଞ ପୂଜାକାର୍ଯ୍ୟ କରିଥିଲେ । ରାୟପୁର ଗ୍ରାମର ପ୍ରମୁଖ କର୍ମକର୍ତା ଓ ଗ୍ରାମବାସୀ ଏହି ମହାଯଜ୍ଞ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ନିକଟ ଗ୍ରାମର ଥିବା କର୍ମକର୍ତା ମଧ ସହଯୋଗ କରିଥିଲେ । ଏହି ମହାଯଜ୍ଞ ପୂର୍ଣ୍ଣାହୁତି ଦିନ ଭଜନ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ମହାଯଜ୍ଞ ପୂର୍ଣ୍ଣାହୁତିରେ ଆଖ ପାଖ ଗ୍ରାମରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ସନ୍ଧ୍ୟାରେ ମହାଯଜ୍ଞ ପୂର୍ଣ୍ଣାହୁତି ପରେ ହଜାର ହଜାର ଭକ୍ତ ସମବେତ ପ୍ରସାଦ ସେବନ କରିଥିଲେ ।

## ଲଡୁଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଷ ମଞ୍ଜି ପୋତୁଛି କିଏ, ଅବଧି ପୂର୍ବରୁ କର୍ମଚାରୀଙ୍କୁ ଚାଲିଛି ବଦଳି

କୋକସରା,(ମହାଭାରତ) : କୋକସରା ବ୍ଲକ ଲଡୁଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ବର୍ଷ ହେବ କିଛି ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଆଡ୍ଡା ଜମାଇ ହସ୍ପିଟାଲରେ ରାଜନୀତି କରୁଥିବା ସ୍ଥାନୀୟ ଲୋକଙ୍କ ପକ୍ଷରୁ ଅଭିଯୋଗ ହେଉଛି । ପୁଣି,ଏମାନଙ୍କୁ କାହିଁକି ଦୀର୍ଘ ବର୍ଷ ହେବ ବଦଳି କରାଯାଉନାହିଁ ବୋଲି ମଧ ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ଏଠାରେ କିଛି ଭଲ ଡ଼ାକ୍ତର କିମ୍ବା ନୀତି ନିୟମ ପାଳନ କରୁଥିବା ସ୍ୱାସ୍ଥ୍ୟ କର୍ମଚାରୀ ଆସିଲେ ସେମାନଙ୍କୁ ତାଙ୍କ ଅବଧି ପୂର୍ବରୁ ରାଜନୀତିକ ଚାପ ହେଉ କିମ୍ବା କୁଟ ନିତି ପ୍ରୟୋଗ କରି ଶୀଘ୍ର ଅଦଳ ବଦଳ କରାଯାଉଛି । ଯେମିତି ନିକଟ ଅତୀତରେ କମ୍ପାଉଣ୍ଡର ଧୀରେନ୍ଦ୍ର କୁମାର ନାଏକ, ସୁଇପର ଲଳିତ ହରିଜନ ଏବଂ ବ□ମାନ ଡ଼ ଶିବାନନ୍ଦ ନାଏକଙ୍କୁ ବଦଳି କରାଯିବାର ବ୍ୟବସ୍ଥା ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।ଯାହା ଫଳରେ ଏଠାରେ ସ୍ୱାସ୍ଥ୍ୟ ସେବାରେ ଅନେକ ବାଧା ସୃଷ୍ଟି ଉପୁଜିଛି । ଲଡୁଗାଁ ଏକ ଜନବହୁଳ ଅଂଚଳ ଏବଂ ଏଠାକାର ପରିବେଶ ଦିନକୁ ଦିନ ଅତ୍ୟନ୍ତ କଳୁଷିତ ହେଉଥିବାରୁ ଅନେକ ସମୟରେ ଲୋକେ ନାହିନ ଥିବା ଅସୁବିଧା ଭୋଗିବା ସହିତ ମେଲେରିଆ, ଫେଲେରିଆ,ଡାଇରିଆ, ଡେଙ୍ଗୁ ଭଳି ମାରାତ୍ମକ ରୋଗର ଶିକାର ହେଉଥିବା ଦେଖିବାକୁ ମିଳିଛି । ୬ ଟି ଶଯ୍ୟା ବିଶିଷ୍ଟ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ପରିମାଣର କର୍ମଚାରୀ ସହିତ ରୋଗ ନିରାକରଣ ପାଇଁ ଆବଶ୍ୟକୀୟ ନିଦାନ ଉପଚାର ସାମଗ୍ରୀ ମଧ୍ୟ ନାହିଁ । ଲୋକେ ବାଧହୋଇ ଜୀବନ ରକ୍ଷା ପାଇଁ ସୁଦୂର ଭବାନୀପାଟଣା ,ନବରଙ୍ଗପୁର, ଧର୍ମଗଡ,ବିଶାଖାପାଟଣା, ଜୁନାଗଡ଼, ଭୁବନେଶ୍ୱର ଭଳି ହସ୍ପିଟାଲର ସହାୟତା ନେଇଥାନ୍ତି ।ସ୍ଥାନୀୟ ଲୋକେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ପାଇଁ ପ୍ରଶାସନ ଆଗରେ ବାରମ୍ବାର ଦାବିକରି ଆସୁଥିଲେ ମଧ କୌଣସି ସୁଫଳ ମିଳିନାହିଁ ।ସେଭଳି ସ୍ଥଳେ ଗାଁକୁ ଜଣେ ଭଲ ଡ଼ାକ୍ତର କିମ୍ବା ସ୍ୱାସ୍ଥ୍ୟ କର୍ମୀ ଆସିଲେ ତାଙ୍କୁ କିଛି ଅସାଧୁ ବ୍ୟକ୍ତି ରାଜନୀତି କରି ଏଠାରୁ ଶୀଘ୍ର ବିଦା କରାଯାଉଛି । ଏହା ପଛର ରହସ୍ୟ କଣ..... । ଏବଂ କିଛି ନିୟମ ଭଂଗ କର୍ମଚାରୀ ଯେଉଁମାନେ କି ସଠିକ ସମୟରେ ଡ଼ାକ୍ତର ଖାନା ଆସୁନାହାନ୍ତି ଏବଂ ରୋଗୀ ମାନଙ୍କୁ ମଧ ସଠିକ ଭାବରେ ଚିକିତ୍ସା କରୁନାହାନ୍ତି ସେମାନେ ହସ୍ପିଟାଲରେ ଦୀର୍ଘ ବର୍ଷ ହେବ ଆଡ୍ଡା ଜମାଇଛନ୍ତି । ପୁଣି, ହସ୍ପିଟାଲ୍ ପରିସର ମଧ୍ୟରେ ଦିନ ରାତି ଖୁଲମ୍ ଖୋଲା ତାଙ୍କ ଅନ୍ତରଙ୍ଗ ବନ୍ଧୁ ବାନ୍ଧବ ମାନେ ଅବାଧରେ ଯିବା ଆସିବା କରିଥାନ୍ତି । ଯାହାକି ଡ଼ାକ୍ତର ଖାନର ପରିବେଶ ଉପରେ ଘୋର ପ୍ରଭାବ ଦେଖା ଦେଇଛି ।ତେବେ ବର୍ତମାନ ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ଜୋର ଧରିଛି ଯେ ହସ୍ପିଟାଲ୍ ମଧ୍ୟରେ ରାଜନୀତି କରୁଥିବା ସ୍ୱାସ୍ଥ୍ୟ କର୍ମୀଙ୍କୁ ଚିହ୍ନଟ କରି ତାର ପର୍ଦ୍ଦାଫାଶ କରାଯାଉ ଏବଂ ତୁରନ୍ତ ହସ୍ପିଟାଲ୍ ରୁ ବିଦା କରାଯାଉ । ଯେହେତୁ ଆଜି ଲଡୁଗାଁ ଭଳି ଏକ ପ୍ରମୁଖ ସହରରେ ଏମାନେ ଘରେ ବସି ସ୍ୱାସ୍ଥ୍ୟ ସେବା ନାଁରେ ସରକାରଂକ ଲକ୍ଷ ଲକ୍ଷ ଦରମା ଟଙ୍କା ହଡ଼ପ କରୁଛନ୍ତି । ଆଶାତୀତ ଭାବରେ ରୋଗୀଙ୍କ ଚିକିତ୍ସା ମଧ କରାଯାଉନାହିଁ । ଓଲଟା ସିକ୍ୟୁରିଟି ଗାର୍ଡ, ସ୍ୱିପର, ପିଅନ ମାନଙ୍କ ଦ୍ୱାରା ବିପି ଚେକ୍, ରକ୍ତ ନମୂନା ସଂଗ୍ରହ ରେଜିଷ୍ଟର ପୁରଣ ଭଳି ଅନେକ ଛୋଟ ବଡ଼ କାର୍ଯ୍ୟରେ ଦାୟୀତ୍ୱ ଦେଇ ମଜା ମାରୁଛନ୍ତି । ଯାହା ଫଳରେ ସ୍ୱାସ୍ଥ୍ୟ ସେବାରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ଏନେଇ ନିକଟ ଅତୀତରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଟରେ ମଧ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।ପ୍ରଶାସନ ଏଦିଗରେ ଯତ୍ନବାନ ଆବଶ୍ୟକୀୟ ପଦକ୍ଷପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଅଟୋଚାଳକ ସଂଘର ଶାନ୍ତିପୂର୍ଣ୍ଣ କ୍ୟାଣ୍ଡେଲ୍ ଶୋଭାଯାତ୍ରା




ଗୁଣପୁର, (ମହାଭାରତ) : ରାୟଗଡ଼ା ଜିଲ୍ଲା ଗୁଣପୁର ଅଟୋ ଚାଳକ ସଂଘ ଜାମୁ କାଶ୍ମୀରର ପହଲଗାମ୍‌ରେ ହୋଇଥିବା ନୃଶଂସ ହତ୍ୟା କାଣ୍ଡ ପ୍ରତିବାଦ ରେ ରବିବାର ସନ୍ଧ୍ୟାରେ ଶାନ୍ତି ପୂର୍ଣ୍ଣ ଭାବେ କେଣ୍ଡେଲ୍ ଶୋଭାଯାତ୍ରା କରାଯାଇଥିଲା । ଅଟୋ ଚାଳକ ମାନେ ନୂତନ ବସ ଷ୍ଟାଣ୍ଡରୁ ବାହାରି ପୁରୁଣା ବସ ଷ୍ଟାଣ୍ଡ ରେ ଥିବା ଗାନ୍ଧୀ ପ୍ରତିମୂର୍ତି ନିକଟର ପହଂଚିଥିଲେ କ୍ଷ ଶୋଭାଯାତ୍ରା ବେଳେ ଭାରତ ମାତାକି ଜୟ, ହିନ୍ଦୁସ୍ଥାନ ଜିନ୍ଦାବାଦ ଓ ପାକିସ୍ତାନ ମୂର୍ଦାବାଦ୍ ସ୍ଲୋଗାନ ଦେଇ ଅମର ଆତ୍ମାର ସଦଗତି ନିମନ୍ତେ ଏକ ନୀରବ ପ୍ରାର୍ଥନା କରିଥିଲେ । ଏହି ଶୋଭାଯାତ୍ରା ଅଟୋ ଚାଳକ ସଂଘର ସଭାପତି ଗୁପ୍ତ ପ୍ରସାଦ ବାଉରୀ, ସଂପାଦକ ଅଜିତ ଶ୍ରୀରାମ, ଉପ ସଭାପତି ରାମ ଚନ୍ଦ୍ର ମହାନ୍ତିଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ସୁରେଶ କୁମାର, ବସନ୍ତ ରାଓ, ବିଘ୍ନ ପାଢ଼ୀ, ବି .ମୁରଲୀ, ନିର, ଟିକି ଭାଇ, ଟୁନା, ପୂର୍ଣ୍ଣ , ସୁରେଶ, ଶିବ ବାବୁଲା, ଜାଗା, ପିଂଟୁ କର୍ମକର୍ତା ରହି ଶାନ୍ତି ପୂର୍ଣ୍ଣ ଶୋଭାଯାତ୍ରା ରେ ସାମିଲ ହୋଇଥିଲେ । ଏଥି ଅବସରରେ ସ୍ୱାମୀ ନିର୍ବାଣ ନନ୍ଦ ଗିରି ମଧ ଉପସ୍ଥିତ ରହିଥିଲେ ।

## ପୁରୀକୁ ଗଲା ରଥ କାଠ



ବୌଦ୍ଧ, (ମହାଭାରତ) : ବୌଦ୍ଧ ଜିଲ୍ଲା କାଂଟାମାଲ ରେଞ୍ଜ ଅଂଚଳରୁ ପୁରୀକୁ ଗଲା ରଥ କାଠ । ଏ ନେଇ ରବିବାର ଦିନ ବୌଦ୍ଧ ବନ ଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ପୂଜାର୍ଚ୍ଚନା କରି ହରିବଲ ହୁଳହୁଳି ରେ ରଥ ଗାଡିକୁ ଶୁଭାରମ୍ଭ କଲେ ଜିଲ୍ଲାପାଳ ସୁବ୍ରତ ପଣ୍ଡା । ପ୍ରଥମେ ଗାଡିକୁ ସୁସଜ୍ଜିତ କରି ପୂଜାର୍ଚ୍ଚନା ପରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପ୍ରଥମ ପର୍ଯ୍ୟାୟ ରେ ୨୦ ଖଣ୍ଡ ଧଉରା ଏବଂ ଆଠ ଖଣ୍ଡ ଅସନ କାଠ ରଥନିର୍ମାଣ ପାଇଁ ପଠାଯାଇଛି । ପରବର୍ତୀ ସମୟରେ ପୁଣି ପୁରି କୁ ରଥ କାଠ ପଠାଯିବ ବୋଲି ଡ଼ିଏଫୋ ଦେବ ପ୍ରିୟ କମ୍ପ ସୂଚନା ଦେଇଛନ୍ତି । ଏହି ଶୁଭରମ୍ଭ କାର୍ଯ୍ୟକ୍ରମ ରେ ଉପ ଜିଲ୍ଲାପାଳ ପ୍ରବୀଣ ବଣୁଆ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରି ଅନିରୁଦ୍ଧ ପ୍ରଧାନ, ବିଡ଼ିଓ ହରଭଙ୍ଗା ଶରତ ସେଠି, ବୌଦ୍ଧ ରେଞ୍ଜର ଅର୍ଚନା ଗମାଙ୍ଗ, ମିନାକ୍ଷୀ କୁମୁରା ଏସିଏଫ, ଫରେଷ୍ଟର ପ୍ରସନ ପ୍ରଧାନ, ବାପୁନି ସାହୁ, ପ୍ରମୁଖ ସମସ୍ତ ବନ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ରାସନ କାର୍ଡ ଭରସାରେ ୭୫% ପ୍ରତିଶତ ହିତାଧିକାରୀ

ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲାରେ ଲୋକ ମାନଙ୍କର ଆର୍ଥିକ ଅବସ୍ଥା ବେଶ୍ ସଙ୍ଗିନୀ । ଏହା ଯୋଗାଣ ବିଭାଗ ପକ୍ଷରୁ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗାଇ ଦିଆଯାଇଥିବା ରାସନ କାର୍ଡ ତଥ୍ୟରୁ ସ୍ପଷ୍ଟ ଭାବେ ଜଣାପଡ଼ିଛି । ଜିଲ୍ଲାରେ ୭୫% ପ୍ରତିଶତ ଜନସାଧାରଣ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଯୋଗାଇ ଦିଆଯାଉଥିବା ରାସନ ସମାଗ୍ରୀ ଉପରେ ନିର୍ଭର କରି ବଂଚୁଛନ୍ତି । କେବଳ ସେତିକି ନୁହେଁ ଆହୁରି ୮ ହଜାରରୁ ଉର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଏହି ଯୋଜନାରେ ସାମିଲ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଏଣୁ ବାସ୍ତବରେ ଜିଲ୍ଲାରେ ଲୋକ ମାନଙ୍କ ଆର୍ଥିକ ସ୍ଥିତି ଏତେ ଦୁର୍ବଳ ନା ସରକାରଙ୍କୁ ଠକି ହିତାଧିକାରୀ ମାନେ ରାସନକାର୍ଡ ହାତେଇଛନ୍ତି, ତାହା ଜଣାପଡୁନାହିଁ । ଜିଲ୍ଲା ଯୋଗାଣ ବିଭାଗର ତଥ୍ୟ ମୁତାବକ, ୨୦୧୧ ଜନଗଣନା ଅନୁଯାୟୀ ନୟାଗଡ଼ରେ ୯,୬୨,୫୦୦ ଲୋକ ବସବାସ କରୁଛନ୍ତି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୧,୮୫,୭୪୦ ପରିବାରର ୧,୮୫,୭୪୦ ଜଣ ସଦସ୍ୟ ସାମିଲ୍ ହୋଇଛନ୍ତି । ଏହାସହ ଅନ୍ତୋଦୟ ଅନ୍ନ ଯୋଜନାରେ ୨୮,୮୮୨ଟି ପରିବାରର ୯୦,୧୨୭ ଜଣ ସଦସ୍ୟ ସୁବିଧା ନେଉଛନ୍ତି । ଅର୍ଥାତ କେନ୍ଦ୍ର ସରକାରଙ୍କ ଏହି ଦୁଇଟି ଯୋଜନାରେ ମୋଟ୍ ୨,୧୪,୬୨୨ଟି ପରିବାରର ୭,୩୩,୧୭୫ ଜଣ ସଦସ୍ୟ ସମସ୍ତ ସୁବିଧା ସୁଯୋଗ ହାତଉଛନ୍ତି । ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜିଲ୍ଲାର ୭,୩୩୪ଟି ପରିବାରର ୨୩,୪୨୨ ଜଣ ଉପଭୋକ୍ତା ରହିଛି । ଏହି ଦୁଇଟି ଯୋଜନାର ଉପଭୋକ୍ତାଙ୍କୁ ମିଶାଇ ଦେଲେ ଜିଲ୍ଲାରେ ମୋଟ୍ ୭,୬୩,୯୩୧ ଜଣ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ରାସନ ସାମଗ୍ରୀ ନେଇ ଚଳୁଥିବା ଜଣାପଡ଼ିଛି । ଅବଶ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଯାଂଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯିବା ପରେ ଯୋଗାଣ ବିଭାଗ ବହୁ ମୃତ ହିତାଧିକାରୀଙ୍କୁ ଚିହ୍ନଟ କରି ବାଦ୍ ଦେଇଛନ୍ତି । ଗତ ଦୁଇଦିନ ତଳେ ପଂଚାୟତିରାଜ ଦିବସ ପାଳନ ଅବସରରେ ଜିଲ୍ଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଏହି ପ୍ରସଙ୍ଗ ଉଠାଇଥିଲେ । ଏହି ସମୟରେ ପୁଣି ନୂତନ ଭାବେ ଜିଲ୍ଲା ପ୍ରଶାସନକୁ ଆହୁରି ୮,୪୭୮ ଜଣ ନୂତନ ହିତାଧିକାରୀ ଚିହ୍ନଟ କରି ରାସନ କାର୍ଡ ଦିଆଯିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଟାର୍ଗେଟ୍ ଦିଆଯାଇଛି । ଏଣୁ ଯୋଗାଣ ବିଭାଗ ଏ ଦିଗରେ ଠିକ୍ ଭାବେ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଥିଲେ । ଜିଲ୍ଲାର ଓଡ଼ଗାଁ ବ୍ଲକ୍‌ରେ ସର୍ବାଧିକ ୧,୩୧,୭୭୯ ଜଣ ହିତାଧିକାରୀ ଖାଦ୍ୟ ଯୋଜନାରେ ସାମିଲ୍ ହୋଇଥିବା ବେଳେ ରଣପୁର ବ୍ଲକ୍ ରେ ୧,୩୧,୧୫୦ ଜଣ, ନୟାଗଡ଼ ବ୍ଲକ୍ ରେ ୧,୨୬,୫୨୯, ଭାପୁର ବ୍ଲକ୍ ?ରେ ୮୭,୦୫୭, ଦଶପଲ୍ଲା ବ୍ଲକ୍ ରେ ୭୯,୫୭୭, ଗଣିଆ ବ୍ଲକ୍ ରେ ୩୧,୩୦୮, ଖଣ୍ଡପଡ଼ା ବ୍ଲକ୍ ରେ ୯୧,୪୪୦ ଓ ନୂଆଗାଁ ବ୍ଲକ୍ ରେ ୭୫,୦୫୫ ଜଣ ହିତାଧିକାରୀ ରହିଛନ୍ତି । ଏ ନେଇ ଜିଲ୍ଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର ମହାନ୍ତି କୁହନ୍ତି ଯେ, ବର୍ତମାନ ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ଉପଭୋଗ କରୁଥିବା ଜାଲ୍ ହିତାଧିକାରୀ ଧରାପଡ଼ିଲେ, ସେମାନଙ୍କ ବିରୋଧରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ । ପୂର୍ବରୁ ରାସନ କାର୍ଡ ଦେବା ପରେ ଇ-କେଓ୍ୱାଇସି କରାଯାଉଥିଲା । ବର୍ତମାନ ଇ-କେଓ୍ୱାଇସି କରାଯିବା ପରେ କାର୍ଡ ଦିଆଯିବ ଏଣୁ ନିଶ୍ଚିତ ଭାବେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହେବେ ।

## ଇଟାଭାଟିରୁ ଜୋରିମାନା ଆଦାୟ

ପରଜଙ୍ଗ, (ମହାଭାରତ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ ଅଧିନରେ ଥିବା ଗେଙ୍ଗୁଟିଆ ପଂଚାୟତର ବସୁଲେଇ ଗ୍ରାମରୁ କାଳନ୍ଦୀ ସାମଲ, ଲୋଧଣୀରୁ ନିରଞ୍ଜନ ବିଶ୍ୱାଳ ଓ ପାଳସାହିର ହୃଦାନନ୍ଦ ବିଶ୍ୱାଳଙ୍କ ମାଟି ଇଟା ଭାଟି ଉପରେ ଆଜି (ଶୁକ୍ରବାର) ଦିନ ପରଜଙ୍ଗ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ଏବଂ ଟିମ୍ ଚଢାଉ କରି ପ୍ରାୟ ଦୁଇ ଲକ୍ଷ ଟଙ୍କା ଜୋରିମାନା ଆଦାୟ କରି ଆଗାମି ଦିନରେ ମାଟି ଇଟା ଭାଟି ନ କରିବାକୁ ନିର୍ଦ୍ଦେଶ ଦେବା ସହ ଭାଟି ନିର୍ମାଣରୁ ନିବୃତ ରହି ମୃତିକା ସଂରକ୍ଷଣ ପାଇଁ ପରାମର୍ଶ ଦେଇଥିଲେ । ତତ୍ ସହିତ ସାଆନ୍ଦା ସର୍କଲ କ୍ୟାମ୍ପ ରେ ୨୫ ଟି ଜବର ଦଖଲ ଇନ୍ କ୍ରିଜମେ[ କେସ ର ଅତିରିକ୍ତ ତହସିଲଦାର ଫୈସଲା କରି ୨୫୮୦ ଟଙ୍କା ଆଦାୟ କରିଛନ୍ତି । ୨୫ ଜଣ ଜବର ଦଖଲକାରୀଙ୍କୁ ଉଚ୍ଛେଦ ନିମିତ ନୋଟିସ ଦିଆଯାଇଥିବା ବେଳେ ଆଗାମୀ ଦିନରେ ସମସ୍ତ ସରକାରୀ ଜମିକୁ ଜବର ଦଖଲକାରୀଙ୍କ ଠାରୁ ମୁକ୍ତ କରିବାକୁ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ପ୍ରକାଶ କରିଥିଲେ ।

## ଦେଶୀ ବିଦେଶୀ ମଦ ଦୋକାନ ବନ୍ଦ ପାଇଁ ରାସ୍ତା ବନ୍ଦ: ହନ୍ତସନ୍ତ ରୋଗୀ






ପାରାଦୀପ, (ମହାଭାରତ) : ସରକାରଙ୍କର ନିୟମ ଅନୁଯାୟୀ ବିଦ୍ୟାଳୟ, ମନ୍ଦିର, ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରଭୃତି ପାଖରେ ଥିବା କୌଣସି ସ୍ଥାନରେ ମଦ ଦୋକାନ ଖୋଲାଯାଇ ପାରିବନାହିଁ । କିନ୍ତୁ ପାରାଦୀପ ବନ୍ଦରର ପ୍ରବେଶ ଦ୍ୱାର ଏନଏଚ ଠାରୁ ୫ଲ୍ଲ ମିଟର ଦୂର ଜନଗହଳି ପୂର୍ଣ୍ଣ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତାରେ ଚବିଶ ଘ[ଆ ଦେଶୀ ଓ ବିଦେଶୀ ମଦର ହାଟ ବସୁଛି । ଗୋଟିଏ ପଟରେ ମା ଅମ୍ବିକା ବିଦ୍ୟାଳୟ, ବିଜୁ ବାବୁଙ୍କ ପାର୍କ, ଅନ୍ୟପଟରେ ମା ଦକ୍ଷିଣ କାଳୀ ଙ୍କ ମନ୍ଦିର, ପାରାଦୀପ ର ଏକମାତ୍ର ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆହାର କେନ୍ଦ୍ର ମଧ ସ୍ଥଳରେ ଗୋଟିଏ ଦେଶୀ ଓ ବିଦେଶୀ ମଦ ଦୋକାନ ପ୍ରତିଯୋଗିତା ମୂଳକ ଭାବେ ପସରା ମେଲାଇଛନ୍ତି । ମଦ ଦୋକାନ ସାମ୍ନାରେ ଦିନ ଦିପହରରେ ମଦ୍ୟପ ମାନେ ଖୋଲାଖୋଲି ମଦ୍ୟପାନ କରିବା ସହିତ ପ୍ରାୟତଃ ରାସ୍ତା ଜାମ କରୁଛନ୍ତି । ମେଡିକାଲ, ମନ୍ଦିର ଓ ଆହାର କେନ୍ଦ୍ରକୁ ଆସୁଥିବା ଲୋକମାନେ ଓ ଆମ୍ବୁଲାନ୍ସ ବିଭିନ୍ନ ପ୍ରକାର ଅପ୍ରିତିକର ପରିସ୍ଥିତିର ସମ୍ମୁଖୀନ ହୋଇଆସୁଛନ୍ତି । ଏହି ଦୁଇ ମଦ ଦୋକାନକୁ ଭିର୍ତି କରି ସେଠାରେ ଖୋଲିଥିବା ଫାଷ୍ଟ ଫୁଡ ଦୋକାନ, ପାନ ସିଗାରେଟ ଓ ଥଣ୍ଡା ପାନୀୟ ଦୋକାନରେ ଅବ୍ୟବହୃତ ପ୍ଲାଷ୍ଟିକ ବିକ୍ରୟ ଓ ବ୍ୟବହୃତ ହୋଇ ସେ ଅଂଚଳ ଆବର୍ଜନା ଓ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ଅତୀତରେ ଅନେକ ଥର ବିଭିନ୍ନ ସାମାଜିକ ଅନୁଷ୍ଠାନ, ଆଶାକର୍ମୀ ସଂଗଠନ, ବିଭିନ୍ନ ମହିଳା ସଂଗଠନ ପ୍ରତିବାଦ ବିକ୍ଷୋଭ କଲେ ମଧ୍ୟ ଜିଲ୍ଲା ପ୍ରଶାସନ, ପୌର ପ୍ରଶାସନ କିମ୍ବା ପୋଲିସ ପ୍ରଶାସନ ସଠିକ ଭାବେ ଦାୟିତ୍ୱ ନିର୍ବାହ କରୁନଥିବା ସର୍ବସାଧାରଣରେ ଆଲୋଚନା ହେବା ସହ ଅସନ୍ତୋଷ ବୃଦ୍ଧି ପାଉଛି । ଏହି ଅସନ୍ତୋଷ କୁହୁଳି କୁହୁଳି କେତେବେଳେ ଯେ ବ୍ୟାପକ ଆନ୍ଦୋଳନରେ ପରିଣତ ହେବ ଏବଂ ଆଦିବାସୀ ଅଂଚଳ ଭଳି ସାଧାରଣ ଜନତା ଆଇନକୁ ହାତକୁ ନେଇ ମଦ ହାଟର ପସରା କୁ ବନ୍ଦ ନକରିବେ ଏକଥାକୁ ଏଡାଇ ଦିଆଯାଇ ପାରିବ ନାହିଁ । ତେଣୁ ପ୍ରଶାସନ ତୁରନ୍ତ ଏ ବିଷୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସର୍ବସାଧାରଣରେ ଦାବୀ ହେଉଛି ।

## ଘଡ଼ଘଡ଼ିରେ ମହିଳା ଗୁରୁତର

ଗଣିଆ, (ମହାଭାରତ): କାଳବୈଶାଖୀ ଯୋଗୁଁ ଶନିବାର ଦିନ ଅପରାହ୍ନ ସମୟେ ଅଚାନକ ଘଡ଼ଘଡ଼ି ସହ ବର୍ଷା ଓ ପବନ ହୋଇଥିଲା । ଯା ଫଳରେ ଗଣିଆ ବ୍ଲକ ଅନ୍ତର୍ଗତ ବିଜୟ ନଗର ଗ୍ରାମର ଅହଲ୍ୟା ମଳିକ (୨୮) ନିଜ ଘର ବାଡ଼ିପଟୁ ଘର ଭିତରକୁ ଯିବା ସମୟେ ତାଙ୍କୁ ବିଜୁଳି ମାରିବା ପରେ ଆଘାତ ଯୋଗୁଁ ତାଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଅନ୍ୟ ପକ୍ଷରେ ଗଣିଆ ବସଷ୍ଟାଣ୍ଡ ନିକଟରେ କିଶୋର ପ୍ରସାଦ ପଂଚାୟତର ମାର୍କେଟ କମ୍ପ୍ଲେକ୍ସ ଭଡ଼ା ଗୃହ ନେଇଥିବା ନାରାୟଣ ସାମଲ, ରଞ୍ଜନ ଦାସ, ସୁଶାନ୍ତ ପ୍ରଧାନ ଓ ମୁନା ବେହେରା ଦୋକାନ ଗୃହ ଉପରେ ଗଛ ଉପୁଡି ଗୃହ ପଡ଼ିବା ଯୋଗୁଁ ଘରଭାଙ୍ଗି ଯାଇଥିଲା ଏବଂ ଗଣିଆ ବାଲିସାହି ରାସ୍ତା ଉପରେ ଆମ୍ବ ଗଛ ଭାଙ୍ଗି ରାସ୍ତା ଅବରୋଧ କରି ଥିବା ବେଳେ ଗଣିଆ ଅଗ୍ନିଶ୍ମମ ଅଧିକାରୀ ବିଜୟା ନନ୍ଦ ପରିଡ଼ାଙ୍କ ତତ୍ୱାବଧାନ କ୍ରମେ ଏକ ଟିମ୍ ପହଚି ରାସ୍ତାରୁ ଗଛ ହଟାଇଥିଲେ ।

## ପାରଳାଖେମୂଣ୍ଡି ଠାରେ ନୂତନ ଟ୍ରାଫିକ ପୋଷ୍ଟ ଉଦ୍ଘାଟନ

ଗଜପତି, (ମହାଭାରତ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ରାଜନଗର ଠାରେ ଟ୍ରାଫିକ ପୋଷ୍ଟର ଶୁଭ ଉଦଘାଟନ କଲେ ବ୍ରହ୍ମପୁର ସାଂସଦ ଶ୍ରୀଯୁକ୍ତ ପ୍ରଦୀପ ପାଣିଗ୍ରାହୀ । ଏହି ଶୁଭ ଉଦଘାଟନରେ ପାରଳା ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ଜିଲ୍ଲାପାଳ ବିଜୟ କୁମାର ଦାସ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଗଜପତି ଜିଲ୍ଲାପାଳ, ମାଧବ ନନ୍ଦ ନାୟକ, ଥାନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ସହର ଟ୍ରାଫିକ ବ୍ୟବସ୍ଥା ସୁପରିଚାଳନା ସକାଶେ ବ୍ୟବସ୍ଥା କରାଯାଇଛି ।

## ରାଜ୍ୟସ୍ତରୀୟ କାବ୍ୟୋତ୍ସବରେ ଗଜପତି ଜିଲ୍ଲାର ଯୋଗଦାନ

ପାରଳାଖେମୁଣ୍ଡି, (ମହାଭାରତ): ଫୁଲବାଣୀ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କାବ୍ୟୋତ୍ସବ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ, ଫୁଲବାଣୀ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ସଭା ମୁଖ୍ୟ ଭାବେ ରବୀନ୍ଦ୍ରନାଥ ମିଶ୍ର, ସଭାପତି ( ଜିଲ୍ଲା ଲେଖକ ସାମ୍ମୁଖ୍ୟ, ଫୁଲବାଣୀ) ମୁଖ୍ୟ ବକ୍ତା ଭାବେ ବରିଷ୍ଠ କବି ବିପିନ୍ ନାୟକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି କବିତା ଦରବାରରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ତିରିଶ ଜଣ ପ୍ରତିଷ୍ଠିତ କବି ଯୋଗ ଦେଇ ନିଜ ନିଜର କବିତା ପାଠ କରିଥିଲେ । ଏହି ଅବସରରେ ଗଜପତି ଜିଲ୍ଲାରୁ ବରିଷ୍ଠ ସାହିତ୍ୟିକା ତଥା କବି ଡ଼ଃ କଲ୍ୟାଣୀ ମିଶ୍ର (ଅଧ୍ୟାପିକା, ମହିଳା ସ୍ନାତକ ମହାବିଦ୍ୟାଳୟ) ଯୋଗ ଦେଇ ସମ୍ବର୍ଦ୍ଧିତ ହୋଇଥିଲେ । ଏଥି ସହ ସ୍ନିଗ୍ଧା ମିଶ୍ର ଓ ରାଜେନ୍ଦ୍ର କୁମାର ରଥ ମଧ୍ୟ ଗଜପତି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ କବି ବିଦେଶୀ ନାୟକ ପରିଚାଳନା କରିଥିଲେ ।

## କାଳୀକୃଷ୍ଣ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳୀ ସଭା



କୋକସରା,(ମହାଭାରତ): ପହେଲଗାଁଓ ଆତଙ୍କୀ ହମଲା ରେ ନିହତ ହୋଇଥିବା ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ ଉଦ୍ଦେଶ୍ୟରେ କୋକସରା ବ୍ଲକ ସ୍ଥିତ କୁସୁମ ଖୁଁଟି ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ସଭାର ଆୟୋଜନ ହୋଇଯାଇଛି । ଗତ ୨୨ ତାରିଖରେ କାଶ୍ମୀର ପହେଲଗାଁଓ ଠାରେ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ନିର୍ମମ ଗୁଳି କରି ହତ୍ୟା କରିବା ଘଟଣାର ତୀବ୍ର ନିନ୍ଦା କରିବା ସହ ଆତଙ୍କବାଦୀ ଓ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ରାଷ୍ଟ୍ର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ସହ ଜନ ସାଧାରଣଙ୍କର ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ କାଳୀକୃଷ୍ଣ ସଂଘର ପରିଚାଳକ ଜଗଦାନନ୍ଦଜୀ ମହାରାଜ ସରକାରଙ୍କୁ ନିବେଦନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କାଳୀକୃଷ୍ଣ ସଂଘର ପୁସ୍ତାକାଚାର୍ଯ୍ୟ ଅଭୟାନନ୍ଦ, ଆଚାର୍ଯ୍ୟ ତୋଷାନନ୍ଦ, ଶୋଭାନନ୍ଦ, ସଭାପତି ସଞ୍ଜୟ କୁମାର ପଣ୍ଡା, ଉପସଭାପତି କ୍ରିୟାନନ୍ଦ, କାର୍ଯ୍ୟକାରୀ ସଭାପତି ଦେବାନନ୍ଦ, ପ୍ରିୟାନନ୍ଦ, ସଂପାଦକ ମାଧବାନନ୍ଦ, କୋଷାଧ୍ୟକ୍ଷ ଲକ୍ଷ୍ମୀ ଖମାରୀ, ସହ ସଂପାଦକ ଜିତେନ୍ଦ୍ର ପଣ୍ଡା, ପ୍ରାର୍ଥନା ସହ ସଂପାଦକ ନବୀନ ରାଉତ, ପତ୍ରିକା ସଂପାଦକ ସଦାଶିବ ମହାରଣା,ଜୟପୁରରୁ ଗିରିଜାନନ୍ଦ, ମୁକୁନ୍ଦାନନ୍ଦ, ମୃତ୍ୟୁଞ୍ଜୟ ଠାକୁର, ନବରଙ୍ଗପୁରରୁ ବିରେନ୍ଦ୍ର ନାୟକ,କାଳୀକୃଷ୍ଣ ବାହିନୀ ସଂଯୋଜକ ସୁଜିତ ଠାକୁର, ପ୍ରଜ୍ଞା ବାହିନୀ ସଂଯୋଜିକା ସୌଦାମିନୀ ସାହୁ, ମିଡ଼ିଆ ସେଲର ପ୍ରକାଶ ସାହୁ,ମନୋଜ ରଥ ତଥା କାଳୀକୃଷ୍ଣ ଶାଖା ସଂଘର କର୍ମକ[]ା ଓ ଶିଷ୍ୟଶିଷ୍ୟାମାନେ ଉପସ୍ଥିତ ଥିଲେ ।

## ହିନ୍ଦୋଳ ଥାନାରେ ଆମ ପୋଲିସ୍ ସମିତି କାର୍ଯ୍ୟକ୍ରମ

ହିନ୍ଦୋଳ, (ମହାଭାରତ) : ସାଧାରଣ ଲୋକ ପୋଲିସ ଥାନାକୁ ଯିବାକୁ ଭୟ କରୁଥିବା , ବିଭିନ୍ନ ମାମଲା ନେଇ ସଚେତନ ନ ଥିବାବେଳେ ଉପଯୁକ୍ତ ନ୍ୟାୟ ପାଇବାରେ ବ୍ୟାଘାତ ସୃଷ୍ଟି ହୋଇ ଆସୁଥିବା ବେଳେ ସାଧାରଣ କିଭଳି ସଚେତନ ହେବେ ସେ ନେଇ ଆମ ପୋଲିସ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନାରେ ଥାନା ଅଧିକାରିଣୀ ଚାରୁଲତା ବେହେରାଙ୍କ ନେତୃତ୍ୱ ରେ ଆମ ପୋଲିସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲୋକେ ଭୟ ନ କରି ବିଭିନ୍ନ ହିଂସାର ଶିକାର, ଘରୋଇ ଉତ୍ପୀଡନ, ବିଭିନ୍ନ ପ୍ରକାର ବେଆଇନ୍ କାର୍ଯ୍ୟ ନେଇ ହଇରାଣ, ହରକତର ଶିକାର, ଅସାମାଜିକ କାର୍ଯ୍ୟ କଳାପ ର ଦମନ କରିବା ନିମନ୍ତେ ସାଧାରଣ ଓ ପୋଲିସ ମଧ୍ୟରେ ଉପଯୁକ୍ତ ସୁ ସମ୍ପର୍କ କିଭଳି କିଭଳି ରହିବ ଏବଂ ସାଧାରଣ ଲୋକ ମାନଙ୍କୁ କିଭଳି ଭାବରେ ଏହି ସୁରକ୍ଷା ଯୋଗାଇ ଦିଆଯିବ ଏହା ଉପରେ ଆଲୋଚନା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ଥାନା ଉପନିରିକ୍ଷକ ପ୍ରଦୀପ କୁମାର୍ ଶତପଥୀ , ସହକାରୀ ଉପ ନିରୀକ୍ଷକ ଯଶୋବନ୍ତ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ, ମାନିନୀ ପ୍ରଧାନ , ସମେତ ସମସ୍ତ ପୋଲିସ୍ କର୍ମଚାରୀ, ଡ୍ରାଇଭର ମହାସଂଘ ଏବଂ ବିଭିନ୍ନ ଅଂ*ଳର ଜନସାଧାରଣ ଯୋଗ ଦେଇଥିଲେ ।

# ରାଜରାସ୍ତା କଡ଼ରୁ ଅବାଧରେ ଗଛକାଟି ନେଉଛନ୍ତି ଲୋକେ: ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି



ଦାନଗଦୀ, (ମହାଭାରତ): ସାର ଜଗତକୁ ବୃକ୍ଷର ଜରୁରୀ ସ୍ୱଚ୍ଛ ଅମ୍ଳଜାନ ସହ ଭୀଷଣ ଖରା ତାତିରେ ମଣିଷ ରାସ୍ତା କଡର ଗଛ ତଳେ ଆଶ୍ରୟ ନେଇଥାଏ । କଳିଙ୍ଗନଗର ଶିଳ୍ପା*ଳରେ ଯେତିକି ମାତ୍ରାରେ ଶିଳ୍ପ ଗଠି ଉଠିଲାଣି ସେତିକି ପରିମାଣରେ ପରିବେଶ କୁ ସୁସ୍ଥ ଓ ସୁରକ୍ଷିତ ରଖିବା ପାଇଁ ପ୍ରଶାସନ ବୃକ୍ଷ ରୋପଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଶିଳ୍ପ କ[]ପକ୍ଷ ମାନେ କାଗଜ କଲମରେ ଯେତିକି ବୃକ୍ଷ ରୋପଣ କଲେ ବୋଲି ଦର୍ଶାଉଛନ୍ତି ବାସ୍ତବରେ ତାର ଅଧା ଗଛ ଥିବା ଦେଖିବାକୁ ମିଳୁନାହିଁ । ଯେତିକି କି ଗଛ ଲଗାଉଛନ୍ତି ସେଗୁଡିକ ବଂ*ଲା ପରେ ତାର ରକ୍ଷଣବେକ୍ଷଣା ଦାୟିତ୍ୱ କିଏ ନେବ ବୁଝା ପଡୁନାହିଁ । କଳିଙ୍ଗନଗର ଶିଳ୍ପା*ଳର ଡୁବୁରୀ ଛକରୁ ମାନପୁର ଓଭର ବ୍ରିଜ ପର୍ଯ୍ୟନ୍ତ ଟାଟା ଓ ଜିନ୍ଦଲ କାରଖାନା ପାଚେରୀ ପାର୍ଶ୍ୱରେ ରାସ୍ତା କଡେ କଡେ ବିଗତ ବର୍ଷ ବର୍ଷା ଦିନରେ ଯେଉଁ ସବୁ ବୃକ୍ଷ ରୋପଣ କରାଯାଇ ଥିଲା କାଳ କ୍ରମେ ତାହା ବଡ଼ ହୋଇ ଯାଇଥିଲା, ସେଥିପାଇଁ ଗ୍ରୀଷ୍ମ ଦିନେ ବାଟୋଇ ମାନେ ରାସ୍ତା କଡ଼ରେ ଛାଇ ରେ ବିଶ୍ରାମ ନେଉଥିଲେ । ଧୂଳି, ଧୂଆଁ ସବୁ ବୃକ୍ଷ ଅଟକାଉ ଥିଲା । ସବୁଜ ସୁନ୍ଦର ଲାଗୁଥିଲା । କିନ୍ତୁ ଗତ କିଛି ମାସ ହେବ ଜିନ୍ଦଲ ତା ପାଚେରୀ ପାର୍ଶ୍ୱରୁ ବାଇକ ଷ୍ଟାଣ୍ଡ ପାଇଁ ବଡ଼ ବଡ଼ ବୃକ୍ଷ ଗୁଡିକୁ କାଟିଦେଲା, ଯାହା ବାକି ବୃକ୍ଷ ଗୁଡିକ ରହିଲା ଟାଟା କାରଖାନା ଆରମ୍ଭ ଡି. ଇ. ଟି ଫାଟକ ପାଖରୁ ଖୁରୁ[] ଛକ ପର୍ଯ୍ୟନ୍ତ, ସେ ଗଛ ଗୁଡିକୁ ସାରଙ୍ଗପୁର ହଟିଙ୍ଗ ରେ ରହୁଥିଲେ ଆଦିବାସୀ ଲୋକ ମାନେ ଦୈନିକ ଦିନ ଦ୍ୱି ପ୍ରହରରେ କାଟିକି ନେଇ ଧୀରେ ଧୀରେ ସଫା କଲେଣି, ଲୋକ ମାନେ ଏତେ ଚାଲାକ ଖରାବେଳେ ଆସି ନିଆଁ ଲଗାଇ ଦେଉଛନ୍ତି ଗଛ ମୂଳରେ ଥିବା ଘାସ, ଲଟା, ଡାଳ ପତ୍ର ପୋଡି ଗଲା ପରେ କିଛି ଦିନ ପରେ ଗଛ ଗୁଡିକ ଶୁଖି ଯାଉଛି । ଶୁଖିଲା ଗଛ ଜାଳ କାଠ ପାଇଁ ନେଉଛୁ କହି କାଟି ନେଉଛନ୍ତି, କଳିଙ୍ଗନଗର ଶିଳ୍ପା*ଳ ଚାରିପାଖରେ ରାସ୍ତା କଡ଼ରେ ଥିବା ଗଛ ଗୁଡିକୁ କାଟି ନେଉଥିବାର ସମସ୍ତଙ୍କ ଦୃଷ୍ଟିରେ ପଡୁଥିବା ବେଳେ କମ୍ପାନୀ ସୁରକ୍ଷାକର୍ମୀ, ପୋଲିସ ପ୍ରଶାସନ, ବନ ବିଭାଗ, ପରିବେଶବିତ, ବୁଦ୍ଧିଜୀବୀ ସମସ୍ତେ ନୀରବ କାହିଁକି କିଛି ବୁଝା ପଡୁନାହିଁ, ବୃକ୍ଷର ଆବଶ୍ୟକତା କଣ କାହାର ନାହିଁ ? ଅନୁରୂପ ଭାବେ ଧୂଳିଗଡ଼ ପୁରୁଣା ଜଙ୍ଗଲ ଲୁଟ ହୋଇଗଲାଣି, ନୂଆଁ ଶାଗୁଆନ ଜଙ୍ଗଲ ଟିରେ ଲୋକମାନେ ପଶି ଗଛ କାଟିବା ଆରମ୍ଭ କଲେଣି, ବୃକ୍ଷ ରୋପଣ ନାଁ ରେ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ଗୋଟେ ଗଛ ପାଣି ଦେଇ, ତାର ବାଡ଼ ଦେଇ ବଂ*ାଇ ବଡ଼ କରିବା ପାଇଁ କେତେ ଟଙ୍କା ଆଉ କେତେ ବର୍ଷ ସମୟ ଲାଗୁଛି କିନ୍ତୁ ତାର ସୁରକ୍ଷା କଥା କେହି ଚିନ୍ତା କରୁନାହାନ୍ତି କି ଦୃଷ୍ଟି ଦେଉନାହାନ୍ତି ଯାହା ଫଳରେ ବର୍ଷ ବର୍ଷ ଧରି ହୋଇଥିବା ଗଛ ଗୋଟେ ଗୋଟେ ଘଂଟା ରେ ସଫା ହୋଇ ପଦା ହୋଇ ଯାଉଛି, ବର୍ତମାନ ପରିସ୍ଥିତିରେ ଜଳବାୟୁର ପରିବର୍ତନ ଯାହା ହେଲାଣି, ଜଙ୍ଗଲ ଓ ବୃକ୍ଷ ରୋପଣ, ଗଛର ମାନବ ସମାଜ ପାଇଁ କେତେ ଆବଶ୍ୟକତା ତାହା ଜନସାଧାରଣଙ୍କୁ ସଚେତନତା କରିବା ସହ ଏହି ଗଛ ଗୁଡିକ କିପରି ସୁରକ୍ଷିତ ରହି ପାରିବ ତାହା ବନ ବିଭାଗ, କାରଖାନା କର୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ନିତ୍ୟାନ୍ତ ଆବଶ୍ୟକ, ଯେଉଁ ମାନେ ଗଛ କାଟୁଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟନୁଷ୍ଠାନ ନେବା ଦରକାର ।।

## ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ୯୭ତମ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ପ୍ରତିଯୋଗିତା




ଆସିକା, (ମହାଭାରତ): ଆସନ୍ତା ଜୁନ୍ ୨୬ ତାରିଖରେ ପାଳିତ ହେବାକୁ ଥିବା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ୯୭ତମ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ସ୍ଥାନୀୟ ହରିହର ହାଇସ୍କୁଲ ପରିସରରେ ଆସିକାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କନିଷ୍ଠ ଓ ବରିଷ୍ଠ ବର୍ଗରେ " ଆଜିର ଓଡ଼ିଶାରେ ଗୋପବନ୍ଧୁଙ୍କ ଆବଶ୍ୟକତା ଅଛି କି" ଓ "ଗୋପବନ୍ଧୁ ସତେ କଣ ଉତ୍କଳର ମଣି" ଶୀର୍ଷକ ବିଷୟବସ୍ତୁକୁ ନେଇ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ମାନବସେବା ସମିତିର ଆବାହକ ଗଣେଶ ରଥ ଓ ସକ୍ରିୟ ସଦସ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗାପ୍ରସାଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ୩ ଜଣ ଓ ବରିଷ୍ଠ ବର୍ଗରେ ୧୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ବରିଷ୍ଠ ବର୍ଗରେ ନଳବ[]। ପଂଚାୟତ ହାଇସ୍କୁଲର ବିଦ୍ୟାର୍ଥୀ ସୁଧାଂଶୁବାଳା ଗୌଡ ପ୍ରଥମ, ଆଲିପୁର ଶ୍ରୀକ୍ଷେତ୍ର ପଂ*ାୟତ ହାଇସ୍କୁଲର ଛାତ୍ରୀ ସୁନିତା ବେହେରା ଦ୍ୱିତୀୟ ଏବଂ କର୍ଣ୍ଣେଳୀ ସାରସ୍ୱତୀ ବିଦ୍ୟାନିକେତନର ଛାତ୍ରୀ ସ୍ନେହଲତା ଗୌଡ ତୃତୀୟ ସ୍ଥାନ ହାସଲ କରିଥିଲେ । କନିଷ୍ଠ ବର୍ଗରେ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିରର ଷଷ୍ଠ ଶ୍ରେଣୀର ମେଧାବୀ ଛାତ୍ର ଅଂଶୁମାନ୍ ହୋତା ପ୍ରଥମ ଏବଂ ସପ୍ତମ ଶ୍ରେଣୀର ଛାତ୍ରୀ ପ୍ରତ୍ୟାଶା ଚୌଧୁରୀ ଦ୍ୱିତୀୟ ଓ କାଳକଣ୍ଠପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ସୁଧାଂଶୁ ନାହାକ ତୃତୀୟ ସ୍ଥାନ ହାସଲ କରିଥିଲେ । ବିଚାରକ ରୂପେ ଶିକ୍ଷୟିତ୍ରୀ ରଜନୀରାଣୀ ଦାଶ, ଗାୟତ୍ରୀ ପାତ୍ର, କେ.ଲିଲାବତୀ ଦେବୀ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରତିଯୋଗିତାକୁ ହରିହର ହାଇସ୍କୁଲର ପ୍ରଧାନଶିକ୍ଷକ ଅଶୋକ କୁମାର ପାଢୀ, ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗାପ୍ରସାଦ ପଣ୍ଡା, ଶିକ୍ଷକ ସତ୍ୟପ୍ରିୟ ରଥ, ରମାକାନ୍ତ ମହାନ୍ତି, ପ୍ରଶାନ୍ତ କୁମାର ନାୟକ, ସୁଶାନ୍ତ କୁମାର ପଣ୍ଡାଙ୍କ ସମେତ ବହୁ ଶିକ୍ଷକ ସହଯୋଗ କରିଥିଲେ ।

## କମ୍ୟୁନିଟି ସେଂଟର ଉଦଘାଟନ

ଦାନଗଦି: (ମହାଭାରତ) ଦାନଗଦି ବ୍ଲକର ମାନତିରା, ଧୂଳିଗଡ଼, ସୁଆଁଳ ଓ ସୁକିନ୍ଦା ବ୍ଲକର ଡୁବୁରି ଗ୍ରାମରେ ନିର୍ମିତ ହୋଇଥିବା ୪ ଟି କମ୍ୟୁନିଟି ସେ[ର କୁ ଜନ ସାଧାରଣଙ୍କ ଉଦ୍ଦେଶ୍ୟରେ ନିମନ୍ତେ କଳିଙ୍ଗନଗର ଜିନ୍ଦଲ ଷ୍ଟେନଲେସ ତରଫ ରୁ ଲୋକାର୍ପିତ ହୋଇଯାଇଛି କ୍ଷ ଏହି କମ୍ୟୁନିଟି ସେ[ର ଗୁଡିକୁ ସୁକିନ୍ଦା ବିଧାୟକ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଉଦଘାଟନ କରିଥିଲେ । ଏହି ଉଦଘାଟନ ସମାରୋହରେ ଦାନଗଦି ବ୍ଲକ ବିଡିଓ ପ୍ରଦୀପ୍ତ କୁମାର ସେଠୀ, ଜିନ୍ଦଲ ଷ୍ଟେନଲେସର ଷ୍ଟେନଲେସ୍ ପାର୍କ ମୁଖ୍ୟ ଆଲେକ୍ସ ଥମାସ, ବାହ୍ୟ ସମ୍ପର୍କ ବିଭାଗ ମୁଖ୍ୟ ନୀଳମାଧବ ରଥ, ସିଏସଆର ମୁଖ୍ୟ- ସୁକାନ୍ତ ରଥ, ସିନିୟର ମ୍ୟାନେଜର- ମିହିର କୁମାର ଦାସ, ମନ୍ତ୍ରୀ ଙ୍କ ପ୍ରତିନିଧି ପ୍ରଶାନ୍ତ ରାୟଙ୍କ ସହିତ ସ୍ଥାନୀୟ ସରପଂ*, ସମିତି ସଭ୍ୟ ଏବଂ ସୁଧାଂଶୁ ଶେଖର ଭଞ୍ଜ ପ୍ରମୂଖ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ କ୍ଷ ଜନହିତକର ବିକାଶ କାର୍ଯ୍ୟ ପାଇଁ ଜିନ୍ଦଲ କମ୍ପାନୀର ପ୍ରୟାସକୁ ଅତିଥି ମାନେ ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟେନଲେସର ବାହ୍ୟ ସମ୍ପର୍କ ବିଭାଗର ପରିଚାଳକ ରାଜୀବ କୁମାର ଦେ, ବିଜୟାନନ୍ଦ ମହାରଣା, ସଙ୍ଗୀତ ମହାପାତ୍ର, ସୁମନ କଲ୍ୟାଣ ଦାସ ଏବଂ ସ୍ଥାନୀୟ ଯୁବକମାନେ ପରିଚାଳନା କରିଥିଲେ ।

## ପଂଚାୟତ ସ୍ତରୀୟ ସଂଘଗୃହ ଉଦ୍ଘାଟନ

ଦାନଗଦୀ, (ମହାଭାରତ): ଆଜି ଧୂଳିଗଡ଼ ପଂଚାୟତର ମାନଗୋବିନ୍ଦପୁର ଗ୍ରାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଏକ ପଂଚାୟତ ସ୍ତରୀୟ ସଂଘଗୃହ ଉଦଘାଟନ ହୋଇଯାଇଛି । ଏହି ସଭାଗୃହଟିକୁ ଓଡିଶା ସରକାରଙ୍କର ମାନ୍ୟବର ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଡ଼କ୍ଟର ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦଘାଟନ କରିଥିଲେ । ସୂଚନା ଥାଉକି ପଂଚାୟରେ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କର କୌଣସି ଏକ ବୈଠକ କରିବା ପାଇଁ ପୂର୍ବରୁ ସଭା ଗୃହ ନ ଥିଲା ଏହି ବିରାଟ ସଭାଗୃହ ଟି ହେବା ଫଳରେ ସମସ୍ତ ମହିଳା ମାନଙ୍କର ଯେ କୌଣସି ତାଲିମ, କାର୍ଯ୍ୟକ୍ରମ, ସଭାପାଇଁ ଆଉ ଅସୁବିଧା ହେବନାହିଁ, ଏହି ଗୃହ ଟିର ଶୁଭ ଉଦଘାଟନ ହେବା ଦ୍ୱାରା ପଂଚାୟତର ସମସ୍ତ ମହିଳା ବହୁତ ଆନନ୍ଦିତ ହୋଇଥିଲେ । ଏହି ଅବସରରେ ହୋଇଥିବା ବୈଠକରେ ବିଜେପି ସରକାର ମା ମାନଙ୍କର ଓ ଲୋକଙ୍କ ସରକାର ବୋଲି କହିବା ସହ ସରକାରଙ୍କୁ ମାତ୍ର ବର୍ଷେ ହୋଇନାହିଁ ବହୁତ କିଛି ଉନ୍ନତିମୂଳକ ଜନ ହିତକର କାମ ହେଲାଣି ପାଂଚ ବର୍ଷ ଭିତରେ ଗ୍ରାମାଂଚଳରେ ବାକି ଥିବା ସମସ୍ତ ଉନ୍ନତି ମୂଳକକାମ ଶେଷ ହେବା ସହ ବିକଶିତ ଗାଁ ବିକଶିତ ଓଡ଼ିଶାର ନାରା ନିଶ୍ଚିତ ସଫଳ ହେବ ବୋଲି ମନ୍ତ୍ରୀ କହିଥିଲେ ।

## ଜାମପାଲି ଠାରେ ଜିଲ୍ଲା କୁଣହାଁ ସମାଜ ସମ୍ମିଳନୀ

ରାଜଗାଙ୍ଗପୁର, (ମହାଭାରତ) : ରାଜଗାଙ୍ଗପୁର ନିକଟସ୍ଥ ଜାମପାଲି ଫୁଟବଲ୍ ପଡିଆ ଠାରେ ଏକ ଜିଲ୍ଲା ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀଙ୍କ ଅଧକ୍ଷତା ରେ ଅନୁଷ୍ଠିତଏହି ସମ୍ମିଳନୀକୁ ରାଜ୍ୟ ସଭାପତି ସୁନାଶିର୍ କିସାନ ଜୟ ଧର୍ମେ ଝଣ୍ଡା ଏବଂ ଶାଲ ବୃକ୍ଷ ସ୍ଥଳରେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏହି ସମ୍ମିଳନୀରେ ଅବସପ୍ରାପ୍ତ ପ୍ରଶାସନିକ ଅଧିକାରୀ ମକୁନ୍ଦ କିସାନ, ବଣେଇ ଉପଖଣ୍ଡ ସ୍ତରୀୟ ମୁଖ୍ୟ ବାଜି କିସାନ, ମୁଖ୍ୟ ପୁରୋଧା ବୟୋଜ୍ୟେଷ୍ଠ ବଏଲୋ କିସାନ, ନରସିଂହ ମିଞ୍ଜ, କପିଳେଶ୍ୱର କିସାନ୍,ଡଃ ଭୋଳେଶ୍ୱର ପ୍ରଧାନ, ଯୁଧିଷ୍ଠିର କିସାନ,ନକୁଳ କିସାନ, ଜୟଦେବ କିସାନ,ସ୍ୱପ୍ନ । ମିଞ୍ଜ, ଗଣେଶ୍ୱର ପିଙ୍ଗ, ବିରେନ୍ଦ୍ର ଲାକ୍ରା, ବିତନା ମାଝୀ, ଅଧ୍ୟାପକ ଗୁରୁଚରଣ କିସାନ, ଗନ୍ଧାଇ ଲାକ୍ରା, ଚନ୍ଦ୍ରମଣି କିସାନ, କୃଷ୍ଣ ଲାକ୍ରା, ବିନିତା ଲାକ୍ରା,ମଞ୍ଜୁ ମିଞ୍ଜ ପ୍ରମୁଖ ବକ୍ତବ୍ୟ ରଖି ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ସଂପ୍ରଦାୟଙ୍କ ମଧ୍ୟରେ କିସାନ ସମାଜକୁ ଏକ ଶିକ୍ଷିତ ଓ ସମୃଦ୍ଧଶୀଳ ସମାଜରେ ପରିଣତ କରିବାକୁ ଉଦ୍ୟମ କରାଯିବା ବୋଲି ପ୍ରକାଶ କରିଥିଲେ । ସମ୍ମିଳନୀରେ ସମାଜରେ ଦେଖାଦେଇଥିବା ୫୫୦ ଏବଂ ୯୦୦ ନାଗ୍ରା ନାମ ର ଖରାପ ପ୍ରଚଳନ କୁ ବିରୋଧ କରି କେବଳ କିସାନ ବା କୁଣହାଁ ସମାଜ ନାମରେ ପରିଚୟ ସୃଷ୍ଟି କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା । ଭାରତ ସରକାର ଏବଂ ରାଜ୍ୟ ସରକାର ଙ୍କ ରାଜସ୍ୱ ବିଭାଗ ତହସିଲଦାର ଙ୍କ ଅନୁମୋଦନରେ କେବଳ 'କିସାନ'ବୋଲି ଜାତି ପ୍ରମାଣପତ୍ର ଦେଉଥିବାରୁ ସମସ୍ତେ କିସାନ ଜାତିର ଲୋକ ଭାବରେ ନିଜକୁ ପ୍ରମାଣିତ କରିବାକୁ ଚେଷ୍ଟିତ ହେବେ ବୋଲି ଅନ୍ୟାନ୍ୟ ବକ୍ତାମାନେ ପ୍ରକାଶ କରିଥିଲେ । ସମାଜ ରେ ବିବାହ ରେ ଚାଲିଥିବା ଏନଓସି ପ୍ରଚଳନ ଓ ୨୦୧୨ ନୀୟମାବଳି କୁ ବିରୋଧ କରାଯାଇ ଜାତିର ପରମ୍ପରା ଅନୁସାରେ ସାମାଜିକ କାର୍ଯ୍ୟକ୍ରମ କରିବାକୁ ଏବଂ ଜାତିର ଭାଷା ସଂସ୍କୃତିର ସୁରକ୍ଷା କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ସେଇଭଳି ସମାଜକୁ ବିଭାଜନ ନ କରି ସମସ୍ତେ ସଂଗଠିତ ଭାବେ କୁଣହାଁ ଜାତିର ୪ ଟି ସମାଜ କିସାନ, ମିର୍ଦ୍ଧା, କୁଡା, ମାଟିଆଙ୍କ ମଧ୍ୟରେ ଉତମ ସମ୍ପର୍କ ରଖି ସାମାଜିକ ସଦଭାବନା ରଖିବାକୁ ସମ୍ମିଳନୀରେ ଆଲୋଚନା ହୋଇଥିଲା । ଶେଷରେ ସୁନ୍ଦରଗଡ଼ ଜିଲ୍ଲା କୁଣହାଁ ସମାଜ ର ଜିଲ୍ଲା ସ୍ତରୀୟ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇ ନୂତନ କର୍ମକର୍ତା ଙ୍କୁ ସ୍ୱାଗତ କରାଯାଇଥିଲା । ଏହି ସମ୍ମିଳନିରେ କିସାନ ସମାଜର ଗାୟିକା ସୁମତି ବାଗ୍, ମାନ୍ଦଲ ବାଦକ ସୁରେନ୍ଦ୍ର ଟପ୍ପୋ, ତାହଣେ ବାଦ୍ୟକାର ଦିନୁ ମାଝୀ ଓ ଗଙ୍ଗା ଘାଟ ବରିହା ଦୟାନନ୍ଦ କଛୁ ଙ୍କୁ ଉପଢୌକନ୍ ଦେଇ ସମ୍ମାନିତ କରାଯାଇଥିଲା ।କାର୍ଯ୍ୟକ୍ରମ ଶେଷରେ ଗାଇକା ସୁମତି ବାଗ ଙ୍କ ନେତୃତ୍ୱରେ ସାଂସ୍କୃତିକ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା ।

## ପୋଖରୀରେ ବୁଡ଼ି ୩ ନାବାଳକ ମୃତ

ଦଶପଲ୍ଲା, (ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଗ୍ରାମପଂ*ାୟତ ଅନ୍ତର୍ଗତ ଗୋଡ଼ିବିଡା ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା । ଗୋଡ଼ିବିଡ଼ା ଗ୍ରାମର ୩ ନାବାଳକ ଗ୍ରାମରେ ଥିବା ପୋଖରୀରେ ଗାଧୋଇବା ସମୟରେ ପାଣିରେ ବୁଡ଼ିଯାଇଥିଲେ । ଖବର ପାଇ ପରିବାର ଲୋକ ଓ ସେହି ଗ୍ରାମର ଲୋକ ବହୁତ ଖୋଜା ଖୋଜି କରିବା ପରେ ପାଣିରୁ ୩ଜଣ ନାବାଳକଙ୍କୁ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରେ ୩ ଜଣ ନାବାଳକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଖବର ପାଇ ଘଟଣା ସ୍ଥଳରେ ଦଶପଲ୍ଲା ଥାନା ଅଧିକାରିଣୀ ଅନିତା ସାହୁ ଏବଂ ପୋଲିସ ୩ ନାବାଳକଙ୍କ ମୃତ ଶରୀରକୁ ଜବତ କରିଥିଲେ । ଗୋଡ଼ିବିଡ଼ା ଗ୍ରାମର ବିଜୟ ନାୟକଙ୍କ ପୁଅ ଉମାକାନ୍ତ ନାୟକ ୧୦ବର୍ଷ, ନୂଆଗାଁ ଥାନା ଅନ୍ତର୍ଗତ ଖାଲମଡା ଗ୍ରାମର ପ୍ରଦୀପ ପ୍ରଧାନଙ୍କ ପୁଅ ରିତେଶ ପ୍ରଧାନ ୧୧ବର୍ଷ ଏବଂ ଓଡ଼ଗାଁ ଥାନା ଅନ୍ତର୍ଗତ ପୋଡ଼ାସାହି ଗ୍ରାମର କାଳୁ ଚରଣ ଖିଲାରଙ୍କ ପୁଅ ଶୁଭ ଖିଲାର ୧୨ବର୍ଷ ବୋଲି ଜଣାପଡିଛି ।

# ବାଉଁଶ ଚୋରା ଚାଲାଣ ଘଟଣା : କାର୍ଯ୍ୟାନୁଷ୍ଠାନ ବଦଳରେ ଘରୋଇ ସଂସ୍ଥାକୁ ଅନୁକମ୍ପା



ଖଣ୍ଡପଡ଼ା, ( ମହାଭାରତ ) : ନୟାଗଡ଼ ବନଖଣ୍ଡରେ ଅନିୟମିତତା ସୀମା ଟପିଲାଣି । ସ୍ଥିତି ଏମିତି ହୋଇଛି ଯେ ହାଇକୋର୍ଟରେ ମଧ୍ୟ ଅନିୟମିତତା ନେଇ ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ତେବେ ଅନିୟମିତତା ଲୁଚାଇବାକୁ ଯାଇ ବନଖଣ୍ଡ ପକ୍ଷରୁ ନୂଆ ପ୍ରୟାସ କରାଯାଉଥିବା ନେଇ ଅଭିଯୋଗ କରିଛି ଭାରତୀୟ ବିକାଶ ପରିଷଦ । ଖଣ୍ଡପଡ଼ା ବନାଂ*ଳ ଅଧୀନ ସାପୁଆ ସଂରକ୍ଷିତ ଜଙ୍ଗଲରୁ ବର୍ଷେ ପୂର୍ବର ପୁରୁଣା ବାଉଁଶ ଉଠାଇବା ଆଳରେ ନୂଆ ବାଉଁଶ ବୁଦା କାଟି ପକାଇଥିଲା ଏକ ଘରୋଇ ସଂସ୍ଥା ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ବନବିଭାଗ ଉପରିସ୍ଥ ଅଧିକାରୀ ଚିହ୍ନିଙ୍କି ଉଠିଥିବା ବେଳେ ଦୋଷ ଘୋଡ଼ାଇବାକୁ ନାନା ଆଳ ଦେଖାଇଥିଲେ ସେତେବେଳେ । ଏପରିକି ଗତ ୪ ତାରିଖରେ ରାଜ୍ୟ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ତନାଘନା ମଧ୍ୟ କରାଯାଇଥିଲା । ମାତ୍ର ଘଟଣାରେ କାର୍ଯ୍ୟାନୁଷ୍ଠାନ ବଦଳରେ ଏବେ ସମ୍ପୃକ୍ତ ଘରୋଇ ସଂସ୍ଥାକୁ ଅନୁକମ୍ପା ଅଭିଯୋଗ ଆଣିଛନ୍ତି ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ । ମିଳିଥିବା ସୂଚନା ମୁତାବକ, ସାପୁଆ ସଂରକ୍ଷିତ ଜଙ୍ଗଲ ଅଂଚଳରୁ ଅନୁମତି ନଥିବା କମ୍ପାର୍ଟମେଂଟରୁ ବାଉଁଶ କାଟି ପକାଇଥିଲା କଟକର ଏକ ଘରୋଇ ସଂସ୍ଥା ରୋମି କେମିକାଲସ । ବାଉଁଶ ଜଙ୍ଗଲ କାଟିବା ଏବଂ ବୋହିବା ବାବଦରେ ଖଣ୍ଡପଡ଼ା ବନାଂ*ଳ ପକ୍ଷରୁ ହାତ ଝାଡ଼ି ଦିଆଯାଇଥିବା ବେଳେ ଓଡିଶା ବନ ଉନ୍ନୟନ ନିଗମ ଉପରେ ଦୋଷ ଲଦାଯାଇଥିଲା । ତେବେ ଜଙ୍ଗଲକୁ ନିଲାମ ନେଇଥିବା ଏବଂ କାଟିଥିବା ଓଡିଶା ବନ ଉନ୍ନୟନ ନିଗମ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଥିବା ବେଳେ ଏଥିପାଇଁ ଟେଣ୍ଡର ପ୍ରକ୍ରିୟାରେ ଘରୋଇ ସଂସ୍ଥା ରୋମୀ କେମିକାଲ୍‌କୁ ଚୟନ କରାଯାଉଥିବା କୁହାଯାଇଥିଲା । ମାତ୍ର ପରେ ଘରୋଇ ସଂସ୍ଥା ନିୟମ ବାହାରେ ଅନ୍ୟ କମ୍ପାର୍ଟମେ[ରୁ ବାଉଁଶ ଜଙ୍ଗଲ ସଫା କରିବା ସହିତ ଏହାକୁ ବୋହିନେଇଥିବା ଜଣାପଡିଥିଲା । ତେବେ କିଛି ଦିନ ତଳେ ନୟାଗଡ ବନଖଣ୍ଡ ପକ୍ଷରୁ ସମ୍ପୃକ୍ତ ଘରୋଇ ସଂସ୍ଥାକୁ ପୁଣିଥରେ ବାଉଁଶ ଉଠାଇବାକୁ ଅନୁମତି ଦିଆଯାଇଥିବା ନେଇ ସୂଚନା ମିଳିଛି । ଫଳରେ ଘଟଣାକୁ ଚାପିଦେବାକୁ ବନବିଭାଗ ପକ୍ଷରୁ ଉଦ୍ୟମ କରାଯାଉଥିବା ଭାରତୀୟ ବିକାଶ ପରିଷଦ ପକ୍ଷରୁ ପୁଣି ଥରେ ଅଭିଯୋଗ ହୋଇଛି । ଘଟଣା ସମ୍ପର୍କରେ ଖଣ୍ଡପଡ଼ା ବନାଚଂଳ ପକ୍ଷରୁ ପ୍ରତିକ୍ରିୟା ଦେବାକୁ କୁଣ୍ଠା ପ୍ରକାଶ କରିଥିବା ବେଳେ ଘରୋଇ ସଂସ୍ଥାକୁ ଫାଇନ କରାଯିବା ପରେ ବାଉଁଶ ଉଠାଇବା ଅନୁମତି ଦିଆଯାଇଥିବା ନେଇ ଓଡିଶା ବନ ଉନ୍ନୟନ ନିଗମ ଉପଖଣ୍ଡୀୟ କ୍ଷରୁ ସୂଚନା ମିଳିଛି । ତେବେ ଗତ ୪ ତାରିଖ ତଦନ୍ତ ଲୋକଦେଖାଣିଆ ଏବଂ ପ୍ରହସନ ଥିବା ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି । ଏପରିକି କେତେ ଟଙ୍କା ଜରିମାନା କରାଯାଇଛି ସେ ନେଇ ତଥ୍ୟ ମିଳିନଥିବା ନେଇ ସଂସ୍ଥାର ପକ୍ଷରୁ ଅଭିଯୋଗ ହୋଇଛି । ସେପଟେ ବନବିଭାଗ ନିଷ୍କ୍ରିୟତାର ସୁଯୋଗ ନେଇ ଅନେକ ମଫିଆ ବାଉଁଶ ବୋହି ନେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଅଂଚଳବାସୀ । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ସଠିକ୍ ତଦନ୍ତ କରାଗଲେ ଅନେକ ଅନିୟମିତତା ସାମ୍ନାକୁ ଆସିବ ବୋଲି ପରିଷଦ ଦାବି କରିଛି ।

## ଖସୁଛି ପାକିସ୍ତାନ ସେୟାର ବଜାର

ନୂଆଦିଲ୍ଲୀ : ନାକରେ କାନ୍ଦିଲାଣି ପାକିସ୍ତାନ । ଶୋଷରେ ମରିବ, ଖାଦ୍ୟ ପାଇଁ ଆଉଟୁପାଉଟୁ ହେବ । ଭାରତ ଓ ପାକିସ୍ତାନ ଭିତରେ ଯୁଦ୍ଧ ଆଶଙ୍କା ଭିତରେ ଭାଙ୍ଗୁଛି ପାକର ଆର୍ଥିକ ମେରୁଦଣ୍ଡ । ଦେଶରେ ହଠାତ ଦରଦାମ ଆକାଶଛୁଆଁ ହୋଇଛି । ଚିକେନ କେଜି ୮ଶହକୁ ଚାଉଳ କେଜି ହେଲାଣି ୪ଶହ । ଦୁଗ୍ଧ ଲିଟର ୩ଶହ କୁ ବ୍ରେଡ ଗୋଟିଏ ପ୍ୟାକେଟରେ ଦାମ ୧୭୦ ଟଙ୍କା । ୧୨ଟି ଅଣ୍ଡାର ଦାମ ୩୩୫ ଟଙ୍କା । ପାକିସ୍ତାନ ସହ ସବୁ ପ୍ରକାର ସମ୍ପର୍କ ଛିନ୍ନ କରିବାକୁ ପ୍ରତିଜ୍ଞା କରିଛି ଭାରତ । ଏହା ଭିତରେ ୩ହଜାର ୮ଶହ କୋଟି ଟଙ୍କାର ବାଣିଜ୍ୟିକ କାରବାର ଠପ ହେଲାଣି । ଯାହାର ସିଧା ପ୍ରଭାବ ପାକିସ୍ତାନ ବଜାରରେ ଦେଖିବାକୁ ମିଳିଛି । ଖାଦ୍ୟପେୟ, ଔଷଧ ସହ ଅତ୍ୟାବଶୀକ ସାମଗ୍ରୀ ଚଢ଼ା ଦର ହେବା ପରେ ମୁଣ୍ଡରେ ହାତ ଦେଇଛି ପାକିସ୍ତାନ ।

## ବଢ଼ିଲା ସୁରକ୍ଷା ପଦକ୍ଷେପ ନିର୍ମାଣ ହେଉଛି ନୂଆ ବଙ୍କର

ନୂଆଦିଲ୍ଲୀ : ପହଲଗାମରେ ୨୬ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ଅତି ବର୍ବରତାର ସହ ଗୁଳିକରି ହତ୍ୟା କରିବା ଏବଂ ଅନେକ ପର୍ଯ୍ୟଟକ ଗୁଳିମାଡ଼ରେ ଆହତ ହେବା ଘଟଣା ଭାରତ-ପାକ୍ ତିକ୍ତତାକୁ ଚରମ ସୀମାରେ ପହଞ୍ଚାଇଛି । ଶୁକ୍ରବାର ରାତିରୁ ଜମ୍ମୁ ଅଞ୍ଚଳର ଅନ୍ତର୍ଜାତୀୟ ସୀମା ଓ ନିୟନ୍ତ୍ରଣ ରେଖା ନିକଟରେ ଗୁଳିବର୍ଷା ଜାରି ରହିଥିବାରୁ ଏବେ ସୀମାବର୍ତ୍ତୀ ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ସେନା ଓ ପ୍ରଶାସନ ପକ୍ଷରୁ ଅନେକ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି । ଗ୍ରାମବାସୀମାନଙ୍କ ପାଇଁ ପୂର୍ବରୁ ରହିଥିବା ଭୂତଳ ବଙ୍କର ସଫା କରାଯିବା ସହ ନୂଆ ବଙ୍କର ନିର୍ମାଣ ମଧ୍ୟ ହେଉଛି । ବଡ଼ ଆକ୍ରମଣ ସ୍ଥିତିରେ ତତ୍କାଳ ସତର୍କତା ପଦକ୍ଷେପ ନେବାକୁ ଲୋକଙ୍କୁ ସଚେତନ କରାଯାଇଛି । ପାକିସ୍ତାନୀ ସୈନିକଙ୍କ ଗୁଳିମାଡ଼ରୁ ସୀମାନ୍ତ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ପାଇଁ ସରକାର ବହୁ ସଂଖ୍ୟାରେ ଭୂତଳ ସୁରକ୍ଷିତ ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି । ୨୦୨୧ ପରଠାରୁ ଅସ୍ତ୍ରବିରତି ଉଲ୍ଲଂଘନ ଘଟଣା କମ ରହିଥିବା ବେଳେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସୀମାବାସିନ୍ଦାଙ୍କ ମଧ୍ୟରେ ନିରାପତ୍ତା ଚିନ୍ତା ବଢ଼ିଯାଇଛି । ଆଗକୁ କିଭଳି ପରିସ୍ଥିତି ସୃଷ୍ଟି ହେବ ତାହା କେହି ଜାଣନ୍ତି ନାହିଁ ।

## ଆରବ ସାଗରରେ ଭାରତୀୟ ନୌସେନାର ଯୁଦ୍ଧାଭ୍ୟାସ

ନୂଆଦିଲ୍ଲୀ : ପହଲଗାଓଁ ଆତଙ୍କବାଦୀ ଆକ୍ରମଣକୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଏହି ସମୟରେ ଭାରତୀୟ ନୌସେନା ନିଜର ଯୁଦ୍ଧାଭ୍ୟାସ ଚଳାଇଛି । ନୌସେନାର ଜାହାଜ, କ୍ଷେପଣାସ୍ତ୍ର ଏବଂ ଓ୍ୱିପନ ସିଷ୍ଟମଗୁଡ଼ିକୁ ପରୀକ୍ଷଣ କରାଯାଉଛି । ଆରବ ସାଗରରେ ଘନଘନ କ୍ଷେପଣାସ୍ତ୍ର ପରୀକ୍ଷଣ ଜାରି ରହିଛି । ନୌସେନା ପକ୍ଷରୁ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ଏହି ଯୁଦ୍ଧାଭ୍ୟାସର କିଛି ଭିଡିଓ ଶେୟାର କରାଯାଇଛି । ଯେଉଁଥିରେ ଯୁଦ୍ଧ ଜାହାଜଗୁଡ଼ିକରୁ କ୍ଷେପଣାସ୍ତ୍ର ପରୀକ୍ଷା କରାଯାଉଥିବା ଦେଖିବାକୁ ମିଳିଛି । ଭାରତୀୟ ନୌସେନା ଦେଶର ସାମୁଦ୍ରିକ କ୍ଷେତ୍ରର ସୁରକ୍ଷା ଲାଗି ଯେକୌଣସି ସମୟରେ ଯେକୌଣସି ପ୍ରକାର ଯୁଦ୍ଧ ପାଇଁ ପ୍ରସ୍ତୁତ ରହିଛି ବୋଲି ଏକ୍ସ'ରେ ନୌସେନା ପକ୍ଷରୁ କୁହାଯାଇଥିଲା । ଅନ୍ୟପଟେ ଭାରତର ଯୁଦ୍ଧାଭ୍ୟାସ ଦେଖି ପାକିସ୍ତାନ ଛାନିଆ ହେବା ସହିତ ଭୟଭୀତୟ ହୋଇ ନିଜ ନୌସେନାକୁ ସତର୍କତା ଜାରି କରିଛି ।

## ୧୦୦ ଦିନର ଅନୁମୋଦନ ରେଟିଂ ରେକର୍ଡ କଲେ ଡୋନାଲ୍ଡ ଟ୍ରମ୍ପ

ନୂଆଦିଲ୍ଲୀ : ଆମେରିକାରେ ଡୋନାଲ୍ଡ ଟ୍ରମ୍ପ ଗତ ୮୦ ବର୍ଷ ମଧ୍ୟରେ ଦେଶର କୌଣସି ରାଷ୍ଟ୍ରପତିଙ୍କ ଠାରୁ ସର୍ବନିମ୍ନ ୧୦୦ ଦିନର ଅନୁମୋଦନ ରେଟିଂ ରେକର୍ଡ କରିଛନ୍ତି । ଏବିସି ନ୍ୟୁଜ୍, ଓ୍ୱାଶିଂଟନ୍ ପୋଷ୍ଟ ଏବଂ ଇପ୍ସୋସ୍ ଦ୍ୱାରା କରାଯାଇଥିବା ଏକ ନୂତନ ସର୍ଭେ ଅନୁଯାୟୀ, ମାତ୍ର ୩୯% ଆମେରିକୀୟ କହିଛନ୍ତି ଯେ ସେମାନେ, ଟ୍ରମ୍ପ ତାଙ୍କ କାର୍ଯ୍ୟକୁ କିପରି ପରିଚାଳନା କରୁଛନ୍ତି ତାହାକୁ ଅନୁମୋଦନ କରିଛନ୍ତି, ଯାହା ଫେବ୍ରୁଆରି ପରଠାରୁ ୬ ପଏଣ୍ଟ ହ୍ରାସ ପାଇଛି । ୨୦୧୭ରେ ତାଙ୍କର ପୂର୍ବ ୪୨% ଅନୁମୋଦନ ତୁଳନାରେ ଏହି ସଂଖ୍ୟା ଆହୁରି କମ୍ । ବିଭିନ୍ନ ନୀତିଗତ ପ୍ରସଙ୍ଗରେ ଟ୍ରମ୍ପଙ୍କୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଷ୍ଟକ ବଜାରର ଅସ୍ଥିରତା, ଶୁଳ୍କ, ବୈଦେଶିକ ସମ୍ପର୍କ ଏବଂ ଅର୍ଥନୀତିକୁ ସାମଗ୍ରିକ ଭାବେ ପରିଚାଳନା କରିବାକୁ ସେମାନେ ନାପସନ୍ଦ କରିଛନ୍ତି ।

## ପାକିସ୍ତାନର ମୁହଁଟାଣ: ଭାରତକୁ ପୂର୍ବତନ ପାକ୍ ମନ୍ତ୍ରୀଙ୍କ ଧମକ

ନୂଆଦିଲ୍ଲୀ : ଚୋର ମୁହଁ ଟାଣ । ଗୋଟେ ପଟେ ଭାରତରେ ପଶି ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣ କରୁଛି ସେପଟେ ଦେଶର ନେତା ମନ୍ତ୍ରୀ ଭାରତକୁ ଧମକ ଦେବାରେ ଲାଗିଛନ୍ତି । ଏହା ଭିତରେ ପଞ୍ଜାବ ପ୍ରାନ୍ତର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପାକିସ୍ତାନର ବରିଷ୍ଠ ନେତା ନଜମ ସେଠୀ ଭାରତ ବିରୋଧରେ ବିଷ ଉଗାରିଛନ୍ତି । ନଜମ କହିଛନ୍ତି ଯଦି ପାକିସ୍ତାନ ଉପରେ ଭାରତରେ କିଛି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ଭାରତ ଉପରେ ପାକିସ୍ତାନ ପରମାଣୁ ବୋମା ପକାଇବାକୁ ପଛଘୁଞ୍ଚା ଦେବନି । ତେବେ ଏକଥା ମଧ୍ୟ ସ୍ୱୀକାର କରିଛନ୍ତି ଯଦି ଯୁଦ୍ଧ ନୁହେଁ ବା ଦୀର୍ଘ ସମୟ ଧରି ଚାଲେ ତେବେ ଭାରତ ସାମ୍ନାରେ ପାକିସ୍ତାନ ଟିକିବା ସମ୍ଭବ ନୁହେଁ । ଆମେ ଯୁଦ୍ଧକୁ ନେଇ ଆଗକୁ ଭୟଭୀତ ନୁହେଁ ବୋଲି ନଜମ ଖୁଲମଖୁଲ୍ଲା କହିଛନ୍ତି । ଏହା ପୂର୍ବରୁ ପାକିସ୍ତାନ ରେଳମନ୍ତ୍ରୀ ହନିଫ ଅବାସୀ ମଧ୍ୟ ଭାରତକୁ ଧମକ ପରେ ଧମକ ଦେଇଛନ୍ତି । ପାକିସ୍ତାନ ପାଖରେ ୧୩୦ ପରମାଣୁ ଅସ୍ତ୍ର ରହିଛି ଯାହାକୁ ଆବଶ୍ୟକ ପଡିଲେ ବ୍ୟବହାର କରିବୁ । ପାକିସ୍ତାନର ପରମାଣୁ ଧମକ । ପହଲଗାମ ଆକ୍ରମଣକୁ ନେଇ ଭାରତର ଆଭିମୁଖ୍ୟ ଭିତରେ ଭୟଭୀତ ହୋଇ ପରମାଣୁ ଧମକ ଦେଇଛି ପାକିସ୍ତାନ । ପାକିସ୍ତାନ ମନ୍ତ୍ରୀ ହାନିଫ ଆବାସୀ ଖୋଲାଖୋଲି ଭାବେ ଧମକ ଦେଇଛନ୍ତି । ପାକିସ୍ତାନର ଅସ୍ତ୍ରାଗାର ଘୋରୀ, ଶାହୀନ ଏବଂ ଗଜନବୀ ସହିତ ୧୩୦ ପରମାଣୁ ଯୁଦ୍ଧାସ୍ତ୍ର କେବଳ ଭାରତ ପାଇଁ ରଖାଯାଇଛି । ଭାରତ ସିନ୍ଧୁ ନଦୀ ଜଳ ଚୁକ୍ତି ବାତିଲ ନେଇ ନିଷ୍ପତ୍ତି ପରେ ଏଭଳି କହିଛନ୍ତି ପାକ ମନ୍ତ୍ରୀ । ଯଦି ଭାରତ ସିନ୍ଧୁ ଚୁକ୍ତି ବାତିଲ କରେ, ତେବେ ଏହା ପୂରା ଯୁଦ୍ଧ ବୋଲି ଧରାଯିବ । ହାନିଫ ଆବାସୀ କହିଛନ୍ତି, ପାକିସ୍ତାନର ପରମାଣୁ ବୋମା କେବଳ ଦେଖାଇବା ପାଇଁ ନୁହେଁ । ପରମାଣୁ ଅସ୍ତ୍ର ଦେଶ ଭିତରେ ଲୁକାୟିତ ଅବସ୍ଥାରେ ଅଛି । ଯଦି ଭାରତ ଉସୁକାଇବାକୁ ଚେଷ୍ଟା ପରେ ସେମାନେ ଯବାବ ଦେବାକୁ ପ୍ରସ୍ତୁତ ଅଛନ୍ତି ।

# ମାନବିକତା ଦେଖାଇଲେ କାଶ୍ମୀରବାସୀ : ମାଗଣାରେ ଯୋଗାଇଦେଲେ ସେବା




ନୂଆଦିଲ୍ଲୀ : ଯେଉଁ ଭୂସ୍ୱର୍ଗକୁ ଯିବାକୁ ପର୍ଯ୍ୟଟକ ଚାତକ ପରି ଚାହିଁଥା'ନ୍ତି ତାହା ହଠାତ୍ ମନରେ ଭୟ ଜାତ କଲା । ଜମ୍ମୁ-କାଶ୍ମୀରରେ ଫସିଥିବା ପର୍ଯ୍ୟଟକ ତରବରିଆ ଭାବରେ ଜାଗା ଛାଡ଼ିଲେ । ସୋସିଆଲ୍ ମିଡିଆରେ ଏନେଇ ଅନେକ ଭିଡିଓ ମଧ୍ୟ ଭାଇରାଲ୍ ହେଲା ଯାହା ଲୋକଙ୍କ ଆତ୍ମାକୁ ଦୋହଲାଇ ଦେଲା । ଭାଇଚାରାକୁ ନେଇ ସନ୍ଦେହ ଏବଂ ପ୍ରଶ୍ନ ଉଠିଲା ।

ପହଲଗାମ୍ ଘାଟିରେ ଯେଉଁ ନିରୀହ ପର୍ଯ୍ୟଟକଙ୍କ ଚିତ୍କାର ଶୁଭିଲା ତାହା ସାରା ଦେଶର ଆତ୍ମାକୁ ଦୋହଲାଇ ଦେଲା । ପାହାଡ଼ ବୁଲିବାକୁ ଆସିଥିବା ପର୍ଯ୍ୟଟକଙ୍କ ରକ୍ତରେ ପହଲଗାମ୍ ଘାଟିକୁ ରକ୍ତାକ୍ତ କଲେ ନରପିଶାଚ ଆତଙ୍କବାଦୀ । ହସଖୁସିରେ ବୁଲିବାକୁ ଯାଇଥିବା ୨୮ ଜୀବନ ଧଳାଚାଦର ଘୋଡ଼ାଇ ଘରକୁ ଫେରିଲା । ନିମିଷକ ମଧ୍ୟରେ ସବୁ କିଛି ଯେମିତି ସ୍ତବ୍ଧ ହୋଇଗଲା । ଯେଉଁ ଭୂସ୍ୱର୍ଗକୁ ଯିବାକୁ ପର୍ଯ୍ୟଟକ ଚାତକ ପରି ଚାହିଁଥା'ନ୍ତି ତାହା ହଠାତ୍ ମନରେ ଭୟ ଜାତ କଲା । ଜମ୍ମୁ-କାଶ୍ମୀରରେ ଫସିଥିବା ପର୍ଯ୍ୟଟକ ତରବରିଆ ଭାବରେ ଜାଗା ଛାଡ଼ିଲେ । ସୋସିଆଲ୍ ମିଡିଆରେ ଏନେଇ ଅନେକ ଭିଡିଓ ମଧ୍ୟ ଭାଇରାଲ୍ ହେଲା ଯାହା ଲୋକଙ୍କ ଆତ୍ମାକୁ ଦୋହଲାଇ ଦେଲା । ଭାଇଚାରାକୁ ନେଇ ସନ୍ଦେହ ଏବଂ ପ୍ରଶ୍ନ ଉଠିଲା । କିନ୍ତୁ ଏହାରି ଭିତରେ କାଶ୍ମୀରବାସୀ କେମିତି ପର୍ଯ୍ୟଟକଙ୍କ ପାଇଁ ତାଙ୍କ ଦୁଆର ଖୋଲିଦେଲେ ତାହା ବୋଧ ହୁଏ କାହା ନଜରରେ ଆସିଲା ନାହିଁ ।

ଆତଙ୍କବାଦୀଙ୍କ ଧର୍ମ ନଥାଏ ଏହା ପ୍ରମାଣିତ ହୋଇଗଲା । କାରଣ ଯେଉଁ ନରରାକ୍ଷସ ଧର୍ମ ପଚାରି ଗୁଳି କରନ୍ତି ସେମାନଙ୍କ ଧର୍ମ ନାହିଁ କହିଲେ ମୂର୍ଖତା ହିଁ ହେବ । କିନ୍ତୁ ମୃତକଙ୍କ ଭିତରେ କାଶ୍ମୀରର ଜଣେ ଅଶ୍ୱଚାଳକ ସୟଦ୍ ଆଦିଲ୍ ମଧ୍ୟ ଥିଲେ । ଯିଏ ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ କିନ୍ତୁ ତାଙ୍କୁ ବି ଛାଡ଼ିଲେନି ଆତଙ୍କୀ । ଏହି ଘଟଣାରେ ସାରା ଦେଶ ସମେତ କାଶ୍ମୀର ମଧ୍ୟ ଗୁମୁରି ଗୁମୁରି କାନ୍ଦିଲା । କାରଣ ଅତିଥି ଦେବୋ ଭବଃର ଭାବାର୍ଥ ବାଣ୍ଟିଥିବା ଭୂସ୍ୱର୍ଗ ହଠାତ୍ ଭୟ ସୃଷ୍ଟି କରିଥିଲା । ପର୍ଯ୍ୟଟକମାନେ ହୋଟେଲ୍ ଭିତରେ ଭୟଭୀତ ହୋଇ ରହିଥିଲେ । ମନରେ ଗୋଟିଏ ପ୍ରଶ୍ନ କେମିତି ଘରକୁ ସୁରକ୍ଷିତ ଅବସ୍ଥାରେ ପହଞ୍ଚିବେ ଆଉ ଠିକ୍ ସେତିକି ବେଳେ ମାନବିକତାର ଉଦାହରଣ ଦେଲେ କାଶ୍ମୀରବାସୀ । ଭୟଭୀତ ପର୍ଯ୍ୟଟକଙ୍କୁ ମାଗଣାରେ ଏୟାରପୋର୍ଟ ନେଇ ଛାଡିଲେ ଅଟୋ ଡ୍ରାଇଭର୍ । ପର୍ଯ୍ୟଟକଙ୍କୁ ଯେମିତି କୌଣସି ଅସୁବିଧା ନହେବ ସେଥିପାଇଁ ଅଟୋ ଡ୍ରାଇଭର୍ ପାରୁ ପର୍ଯ୍ୟନ୍ତ ସାହାଯ୍ୟ କଲେ । କାଶ୍ମୀରର ଲୋକ ପର୍ଯ୍ୟଟକଙ୍କ ରହିବା , ଖାଇବା , ଶୋଇବା ପାଇଁ ନିଜ ଘରର ଦୁଆର ଖୋଲିଦେଲେ । ଗାଡ଼ିରେ ଯିବା ଆସିବା କରୁଥିବା ଲୋକଙ୍କୁ ବିସ୍କୁଟ୍ ପ୍ୟାକେଟ୍ , ପାଣି ବୋତଲ ଏବଂ ସଫ୍ଟ ଡ୍ରିଙ୍କ୍ ବାଣ୍ଟି ମାନବିକତା ଦେଖାଇଲେ କାଶ୍ମୀରବାସୀ ।

# ପହଲଗାମ ଆତଙ୍କୀ ଆକ୍ରମଣ: ୩ ସହଯୋଗୀ ଅଟକ



ନୂଆଦିଲ୍ଲୀ : ପହଲଗାମ୍ ଆତଙ୍କୀ ଆକ୍ରମଣର ଅପରାଧୀଙ୍କୁ ଧରିବାକୁ ସେନା ପକ୍ଷରୁ ଜୋରଦାର ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ବଡ଼ ତଥ୍ୟ ସାମ୍ନାକୁ ଆସିଛି । କାଶ୍ମୀରର ୧୫ ଜଣ ଆତଙ୍କବାଦୀଙ୍କୁ ଏଭଳି ଘୃଣ୍ୟ ଓ ବର୍ବରକାଣ୍ଡ ଘଟାଇବାରେ ସହାୟତା କରିଥିଲେ । ଆତଙ୍କବାଦୀଙ୍କ ଏହି ସହାୟକମାନଙ୍କୁ ଚିହ୍ନଟ ସରିଛି । ଆତଙ୍କବାଦୀଙ୍କ ସହାୟତା ପାଇଁ ଏମାନେ ଆନୁସଙ୍ଗିକ ବ୍ୟବସ୍ଥା କରିଥିଲେ । ଏପରିକି ପାକିସ୍ତାନରୁ ଆସିଥିବା ଅସ୍ତ୍ରଶସ୍ତ୍ରକୁ ଏମାନେ ଆତଙ୍କବାଦୀଙ୍କ ପାଖରେ ପହଞ୍ଚାଇଥିଲେ । ଏହି ୧୫ ଆତଙ୍କୀ ସହାୟକଙ୍କ ମଧ୍ୟରେ ୫ ଜଣ ମୁଖ୍ୟ ଭୂମିକା ନେଇଥିଲେ । ଏମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଠାବ କରାଯାଇ ଅଟକ ରଖାଯାଇଛି । ଅନ୍ୟ ୨ ଜଣଙ୍କୁ ଖୋଜାଚାଲିଛି । ଅନ୍ୟପଟେ ଆତଙ୍କୀ ଆକ୍ରମଣ କରିଥିବା ୫ ଆତଙ୍କୀଙ୍କ ଖୋଜାଚାଲିଛି । ପହଲଗାମର ଘଞ୍ଚ ଜଙ୍ଗଲରେ ଏବେବି ସେମାନେ ଲୁଚି ରହିଥିବା ସନ୍ଦେହ କରାଯାଉଛି । ଅନ୍ୟପଟେ ରୁଷ୍ ଓ ଚୀନର ହସ୍ତକ୍ଷେ ଲୋଡ଼ିଛି ପାକିସ୍ତାନ । ଆତଙ୍କୀ ଆକ୍ରମଣର ତଦନ୍ତରେ ରୁଷ୍, ଚୀନ୍ ଓ ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରର ସହାୟତା ଲୋଡ଼ିଛି ପାକିସ୍ତାନ ।

# ଯିଏ ଯେଉଁ ଭାଷାରେ ବୁଝିବ ତାକୁ ସେ ଭାଷାରେ ଉତର ମିଳିବ: ଯୋଗୀ




ନୂଆଦିଲ୍ଲୀ : ପହଲଗାମ୍ ଘାଟିରେ ଯେଉଁ ନିରୀହ ପର୍ଯ୍ୟଟକଙ୍କ ଚିତ୍କାର ଶୁଭିଲା ତାହା ସାରା ଦେଶର ଆତ୍ମାକୁ ଦୋହଲାଇ ଦେଲା । ପ୍ରଧାନମନ୍ତ୍ରୀ ମୋଦୀଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ରାଜନେତା ସମସ୍ତେ ଘଟଣାକୁ ନିନ୍ଦା କରିବା ସହ ଆତଙ୍କୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଅଣ୍ଟା ଭିଡ଼ିଛନ୍ତି । ଏହାରି ଭିତରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲଖିମପୁର ଖେରିରେ ଶାରଦା ନଦୀ କୂଳରେ ଚାଲିଥିବା କାମର ନିରୀକ୍ଷଣ କରିବା ସମୟରେ ଜନତାଙ୍କୁ ସମ୍ବୋଧନ କରିଥିଲେ । ଇତ୍ୟ ଅବସରରେ ପହଲଗାମ୍ ଆତଙ୍କୀ ଆକ୍ରମଣକୁ ନେଇ ବର୍ଷିଥିଲେ ଯୋଗୀ ଆଦିତ୍ୟନାଥ । ସେ କହିଥିଲେ , 'ଭାରତ କାହା ସହ ଲାଗେ ନାହିଁ , ତା'ସହ ଲାଗିଲେ କାହାକୁ ଛାଡ଼େନାହିଁ । ଯିଏ ଯେଉଁ ଭାଷାରେ ବୁଝିବ ତାକୁ ସେ ଭାଷାରେ ଉତ୍ତର ମିଳିବ ।' ଯୋଗୀ ଆଦିତ୍ୟନାଥ କହିଥିଲେ , 'କାଶ୍ମୀରର ସବୁଜିମାଭରା ପାହାଡ ଦେଖିବାକୁ ଦେଶର ବିଭିନ୍ନ ସ୍ଥାନରୁ ଯାଇଥିବା ଲୋକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ କରିଛନ୍ତି । ମୃତକଙ୍କ ପରିବାରକୁ ମୁଁ ସମବେଦନା ଜଣାଉଛି । କାପୁରୁଷ ଭଳି କାମ କରିଛନ୍ତି ଆତଙ୍କୀ । ସଭ୍ୟ ସମାଜରେ ଆତଙ୍କବାଦ , ଅରାଜକତାର କୌଣସି ସ୍ଥାନ ନାହିଁ । ଭାରତ ସରକାରର ସୁରକ୍ଷା ସେବା ଏବଂ ବିକାଶ ଉପରେ ଆଧାରିତ । କିନ୍ତୁ ଭାରତର ସୁରକ୍ଷାରେ ହସ୍ତକ୍ଷେପ କରିବାର ଦୁଃସାହସ କଲେ ଜିରୋ ଟୋଲେରାନ୍ସ ନୀତି ଆପଣାଇବାକୁ ଭାରତ ବାଧ୍ୟ ହେବ । ଯିଏ ଯେଉଁ ଭାଷାରେ ବୁଝିବ, ତାକୁ ସେ ଭାଷାରେ ଜବାବ୍ ଦେବ ଭାରତ । ଚିଡାଇଲେ ଚାପୁଡ଼ା ମାରିବ ଭାରତ' । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଆଗକୁ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ନୂଆ ଭାରତ କାହାକୁ ଛାଡ଼େନାହିଁ, କିନ୍ତୁ ଭାରତ ସହ ଲାଗିଲେ ସେ କାହାକୁ ଛାଡ଼େନାହିଁ । ପ୍ରଧାନମନ୍ତ୍ରୀଙ୍କ ଏହି ମାର୍ଗକୁ ଆପଣାଇ ଉତ୍ତରପ୍ରଦେଶରେ ମାଫିଆରାଜ ଏବଂ ଅରାଜକତାକୁ ମୁକ୍ତ କରଯାଇଛି । ବିକାଶକୁ ପ୍ରାଥମିକତା ଦେଇ ରାଜ୍ୟ ଆଜି ଅର୍ଥବ୍ୟବସ୍ଥା କ୍ଷେତ୍ରରେ ଆଗରେ ଆସି ଛିଡ଼ା ହୋଇଛି । ଆପଣଙ୍କୁ କହିରଖୁଛୁ ଯେ କାଶ୍ମୀରର ମିନି ସୁଇଜରଲ୍ୟାଣ୍ଡ କୁହାଯାଉଥିବା ପର୍ଯ୍ୟଟନ ସ୍ଥଳୀ ବେସରନରେ ମଙ୍ଗଳବାର ଆତଙ୍କୀ ଆକ୍ରମଣ ହୋଇଥିଲା । ଯେଉଁଥିରେ ୨୮ ଜଣ ନିରୀହ ଲୋକଙ୍କ ଜୀବନ ନେଇଥିଲେ ଆତଙ୍କୀ । ଏହି ଆକ୍ରମଣରେ ଅନେକ ସଧବାଙ୍କ ମୁଣ୍ଡରୁ ସିନ୍ଦୂର ଲିଭିଗଲା । ଅନେକ ଭେଣ୍ଡିଆ ପୁଅଙ୍କୁ ହରାଇ ଭୋ'ଭୋ ହୋଇ କାନ୍ଦୁଛନ୍ତି ପରିବାର

## ପାକିସ୍ତାନ ସୀମା ସଂଲଗ୍ନ ଗାଁର ଲୋକମାନେ ସଫା କରୁଛନ୍ତି ପୁରୁଣା ବଙ୍କର

ନୂଆଦିଲ୍ଲୀ : ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ସଭିଏଁ ସ୍ତବ୍ଧ । ସବୁ ଭାରତୀୟଙ୍କ ହୃଦୟକୁ ଗଭୀର ଭାବେ ଆଘାତ ପହଁଚାଇଛି ଏହି ଘଟଣା । ପହଲଗାମ ଘଟଣା ପରେ, ସମଗ୍ର ଦେଶ, ବିଶେଷକରି ଜମ୍ମୁ କଶ୍ମୀରରେ ଏବେ ହାଇ ଆଲର୍ଟ ଜାରି । ଜମ୍ମୁ କଶ୍ମୀର ସୀମାନ୍ତ ଅଞ୍ଚଳରେ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆତଙ୍କିଙ୍କୁ ସଫାକର ନାରାରେ ସାରା ଦେଶ ପ୍ରକମ୍ପିତ ହେଉଛି । ଏହି କ୍ରମରେ, ପାକିସ୍ତାନ ସୀମା ସଂଲଗ୍ନ ଗାଁର ଲୋକମାନେ ପୁରୁଣା ବଙ୍କର ଗୁଡ଼ିକୁ ସଫା କରିବା ଆରମ୍ଭ କରିଛନ୍ତି । ଯାହାର ଦୃଶ୍ୟ ଏବେ ସାମ୍ନାକୁ ଆସିଛି । ପୁରୁଣା ବଙ୍କର ଗୁଡ଼ିକୁ କାହିଁକି ସଫା କରୁଛନ୍ତି ଏମାନେ ଜାଣିଛନ୍ତି କି ?

ତେବେ ଅରିନା ର ଟ୍ରେଭାନ୍ ଗାଁର ଜଣେ ବାସିନ୍ଦା କହିଛନ୍ତି ଯେ, ପୂର୍ବରୁ ଲୋକମାନେ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ବଙ୍କରରେ ଗୁଳିଚାଳନା ସମୟରେ ଆଶ୍ରୟ ନେଉଥିଲେ । ପହଲଗାମ ଘଟଣା ପରେ ଏବେ ପୁଣି ଥରେ ପ୍ରସ୍ତୁତି ଜୋରଦାର କରାଯାଇଛି । କାହିଁକା ଯେକୌଣସି ମୁହୂର୍ତ୍ତରେ କିଛି ବି



ହୋଇପାରେ । ସୀମାରେ ବହୁତ ଦିନ ଧରି ଶାନ୍ତି ଥିଲା, ତେଣୁ ବଙ୍କର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ବର୍ତ୍ତମାନର ପରିସ୍ଥିତିକୁ ବିଚାରକୁ ନେଲେ ଜଣାପଡୁଛି କି, ଏଠାରେ ଯେକୌଣସି ସମୟରେ କିଛି ବି ଅଘଟଣ ଘଟିପାରେ । ତେଣୁ ଏବେ ବଙ୍କର ଗୁଡ଼ିକୁ ପୁଣି ଥରେ ସଫା କରାଯାଉଛି । ସେ କହିଥିଲେ ଯେ, ଗୋଟିକିଆ ବଙ୍କରକୁ ପ୍ରସ୍ତୁତ କରିବା ସହଜ, କିନ୍ତୁ କମ୍ୟୁନିଟି ବଙ୍କର ଗୁଡିକର ମରାମତି କରିବା ପାଇଁ ସମୟ ଏବଂ କଠିନ ପରିଶ୍ରମ ଆବଶ୍ୟକ । ସ୍ଥାନୀୟ ଗ୍ରାମବାସୀମାନେ ପହଲଗାମ ଆକ୍ରମଣ ଘଟଣାରେ ନିଜର କ୍ରୋଧକୁ ଜାହିର କରି କହିଛନ୍ତି ଯେ, ଯଦି ଭାରତ ଏହାର ପ୍ରତିଶୋଧ ନନିଏ, ତେବେ ଏହା ଆମ ପାଇଁ ଲଜ୍ଜାଜନକ । ଯେହେତୁ ଆମେ ସୀମା ନିକଟରେ ରହୁଛୁ, ଯେକୌଣସି ପରିସ୍ଥିତିରେ ଆମେ ପ୍ରଥମେ ପ୍ରଭାବିତ ହେବୁ । ସେଥିପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବାକୁ ଚାହୁଁଛୁ । ସୀମାରେ ରହୁଥିବା ଲୋକମାନେ ସୁରକ୍ଷିତ ରହିବେ କି ନାହିଁ ସେ ବିଷୟରେ ଭାରତ ସରକାରଙ୍କୁ ଚିନ୍ତା କରିବାର ଆବଶ୍ୟକତା ନାହିଁ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା । ସେମାନେ ସରକାର କିମ୍ବା ସେନାର ମନୋବଳ ଭାଙ୍ଗିବା ଭଳି ସମସ୍ତ କାର୍ଯ୍ୟକୁ ବିରୋଧ କରୁଥିବା ସହିତ ଏବେ ଯାହା ଘଟିବ, କର ବା ମର ଯୁଦ୍ଧ ଭାବରେ ନିଆଯିବା ଉଚିତ୍ ବୋଲି ସେମାନେ କହିଛନ୍ତି । ଏହାସହ କହିଛନ୍ତି କି, ଆତଙ୍କବାଦୀମାନେ ନୀରିହ ସାଧାରଣ ନାଗରିକଙ୍କୁ ଆକ୍ରମଣ କରିବା ଏକ ଅତ୍ୟନ୍ତ ଦୁଃଖଦ ଏବଂ ନିନ୍ଦନୀୟ କାର୍ଯ୍ୟ । ଅନ୍ୟପକ୍ଷରେ, ପହଲଗାମ ଆକ୍ରମଣ ପରେ ସେନା ମଧ୍ୟ ସମ୍ପୂର୍ଣ୍ଣ ସତର୍କ ଏବଂ ପ୍ରସ୍ତୁତ । ଆତଙ୍କବାଦୀଙ୍କ ବିରୁଦ୍ଧରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସୋପିଆନରେ ଲସ୍କର-ଏ-ତୋଏବା ଆତଙ୍କବାଦୀ ଶାହିଦ ଅହମଦଙ୍କ ଘର ଭାଙ୍ଗି ଦିଆଯାଇଥିଲା । ଯେଉଁ ଆତଙ୍କବାଦୀ ୨୦୨୩ ମସିହାରୁ ସକ୍ରିୟ ରହିଛି ଏବଂ ସୁରକ୍ଷା ବାହିନୀର ରାଡାରରେ ଅଛି ।

# ଭାରତ ଛାଡ଼ିଲା ପାଣି, ଭାସିଲା ପାକିସ୍ତାନ



ନୂଆଦିଲ୍ଲୀ : ପହଲଗାମ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ସିନ୍ଧୁ ଜଳ ପାଇଁ ଦୁଇ ଦେଶ ମଧ୍ୟରେ ଚୁକ୍ତି ହୋଇଥିଲା । ତେବେ ଆତଙ୍କୀ ଆକ୍ରମଣ ପରେ ଭାରତ ସିନ୍ଧୁ ନଦୀ ଚୁକ୍ତିକୁ ସ୍ଥଗିତ ରଖିଛି । ଏପଟେ ପାକିସ୍ତାନ ମୁଜଫରାବାଦର ହଟିନବାଲା ଅଞ୍ଚଳ ଝେଲମ୍ ନଦୀରେ ଭାରତ ପାଣି ଛାଡିଛି । ଯାହାଫଳରେ ହଠାତ୍ ମୁଜାଫରାବାଦରେ ଭୟଙ୍କର ବନ୍ୟା ସ୍ଥିତି ଦେଖିବାକୁ ମିଳିଛି । ଯାହାକୁ ନେଇ ପାକିସ୍ତାନ ଭାରତ ବିରୋଧରେ ଅଭିଯୋଗ ଆଣିଛି । ସୂଚନାନୁଯାୟୀ, ଉରିରେ ଅନନ୍ତନାଗ ଜିଲ୍ଲାରୁ ଚକୋଠିରେ ପାଣି ପଶି ଝେଲମ ନଦୀରେ ହଠାତ୍ ଭୟଙ୍କର ବନ୍ୟା ଆସିଥିଲା । ଯାହାଦ୍ୱାରା ପାକିସ୍ତାନର ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଛନ୍ତି । ଏହି ସମୟରେ ତିନିଟି ନଦୀର ବ୍ୟବହାର କିପରି କରାଯିବ ସେନେଇ କେନ୍ଦ୍ର ସରକାର ଯୋଜନା କରିଛନ୍ତି । ଯେଉଁଥି ପାଇଁ ସିନ୍ଧୁ ନଦୀ ଜଳ ଚୁକ୍ତିନାମା ସମ୍ପର୍କରେ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ପ୍ରସ୍ତାବ ଦିଆଯାଇଛି । ଏପରି ପରିସ୍ଥିତିରେ ପାକିସ୍ତାନକୁ ଗୋଟିଏ ବି ବୁନ୍ଦା ପାଣି ନଯିବାକୁ ଜଳ ଶକ୍ତି ମନ୍ତ୍ରୀ କହିଛନ୍ତି । ଯାହା ବୈଠକରେ ଆଲୋଚନା କରାଯାଇଥିଲା । ଚେନାବରେ ଅନେକ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି ଯାହା ସମ୍ପୂର୍ଣ୍ଣ ହେବା ପାଇଁ ୫ରୁ ୭ ବର୍ଷ ସମୟ ଲାଗି ପାରେ । ସେପର୍ଯ୍ୟନ୍ତ ପାକିସ୍ତାନ ଆଡକୁ ପାଣି ଛଡ଼ାଯିବ ଛଡ଼ା ଆଉ କିଛି ବିକଳ୍ପ ନାହିଁ । କାମ ଚାଲିଥିବା ବନ୍ଧଗୁଡ଼ିକ ସମ୍ପୂର୍ଣ୍ଣ ହେଲେ ଯାଇ ଭାରତ ଏହି ସବୁ ନଦୀର ଜଳକୁ ନିୟନ୍ତ୍ରଣ କରି ପାରିବ । ଯାହା ବର୍ତ୍ତମାନ ସମ୍ଭବ ନୁହେଁ । ବିଶ୍ୱବ୍ୟାଙ୍କର ମଧ୍ୟସ୍ଥତାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଜଳ ଚିକ୍ତି ହୋଇଛି । ସେହି ଅନୁସାରେ ସତଲୁଜ, ବ୍ୟାସ ଓ ରାବି ନଦୀ ଜଳ ଉପରେ ଭାରତର ନିୟନ୍ତ୍ରଣ ରହିଛି । ଅନ୍ୟପଟେ ସିନ୍ଧ, ଝେଲମ ଓ ଚେନାବ ନଦୀର ଜଳ ଅଧିକାର ପାକିସ୍ତାନ ହାତରେ ରହିଛି । ବର୍ତ୍ତମାନ ଝେଲମ ନଦୀରେ ବନ୍ୟା ପାଇଁ ଭାରତକୁ ଦାୟୀ କରିଛି ପାକିସ୍ତାନ । ତେବେ ଏ ନେଇ ଭାରତ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ ।

## ଭାରତୀୟ ଯବାନଙ୍କୁ ହସ୍ତାନ୍ତର ପାଇଁ ମନା କଲା ପାକିସ୍ତାନ

ନୂଆଦିଲ୍ଲୀ : ଭୁଲବଶତଃ ପାକିସ୍ତାନ ସୀମାରେ ପ୍ରବେଶ କରିଥିବା ବିଏସଏଫ ଯବାନ ପୁର୍ନମ ସାହୁଙ୍କୁ ବନ୍ଦୀ ରଖିଛି ପାକିସ୍ତାନ । ଭାରତକୁ ହସ୍ତାନ୍ତର କରିବାକୁ ପାକ୍ ରେଞ୍ଜର୍ସ ମନା କରିଦେଇଛନ୍ତି । ପଞ୍ଜାବର ଫେରୋଜପୁର ଅଞ୍ଚଳରେ ବାଟ ଭୁଲିଯାଇଥିବା କିଛି କୃଷକଙ୍କୁ ବାଟ ଦେଖାଇ ନେଉଥିବାବେଳେ ପୁର୍ନମ ପାକ୍ ସୀମା ଭିତରକୁ ପଶିଯାଇଥିଲେ । ପାକିସ୍ତାନୀ ସୈନ୍ୟମାନେ ତାଙ୍କୁ ଗିରଫ କରିଥିଲେ । ଏହା ପରେ ବିଏସଏଫ ପକ୍ଷରୁ ପାକ୍ ରେଞ୍ଜର୍ସଙ୍କ ସହିତ ଅନେକ ଥର ଯୋଗାଯୋଗ କରାଯିବା ସହ ବୈଠକ ପାଇଁ କୁହାଯାଇଥିଲେ ମଧ୍ୟ ତାହାକୁ ଗୁରୁତ୍ୱ ଦେଉ ନଥିବା ଜଣାପଡ଼ିଛି ।

# ମୁମ୍ବାଇର କ୍ରମାଗତ ୫ମ ବିଜୟ



ମୁମ୍ବାଇ, ୨୭।୪ (ଏଜେନ୍ସି): ରିୟାନ ରିକଲଟନ ଓ ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋଟକ ଅର୍ଦ୍ଧଶତକ ପରେ ବୁମରାଙ୍କ ଘାତକ ବୋଲିଂ ୱାଙ୍ଖେଡ଼େରେ ଖେଳା ଯାଇଥିବା ଆଇପିଏଲ୍ ୨୦୨୫ର ୪୫ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୫୪ ରନରେ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ହରାଇଛି। ଦଳ କ୍ରମାଗତ ପଞ୍ଚମ ବିଜୟ ହାସଲ କରି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଛି। ଅନ୍ୟପଟେ ଲକ୍ଷ୍ନୌ ଦଶମ ମ୍ୟାଚ୍‌ରୁ ପଞ୍ଚମ ପରାଜୟ ଭୋଗିଛି। ଲକ୍ଷ୍ନୌକୁ ହରାଇ ମୁମ୍ବାଇ ମଧୁର ପ୍ରତିଶୋଧ ନେଇଛି।

ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦ ଓଭରରେ ୭ ୱିକେଟ୍ ହରାଇ ୨୧୫ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ରିୟାନ ରିକଲଟର ୫୮ ରନ ଓ ସୂର୍ଯ୍ୟକୁମାର ଯାଦବ ୫୪ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଜବାବରେ ଲକ୍ଷ୍ନୌ ୧୬୧ ରନ କରି ପାରିଛି। ଦଳର କୌଣସି ବ୍ୟାଟର ଅର୍ଦ୍ଧଶତକ ହାସଲ କରି ପାରି ନାହାନ୍ତି।ଯଶପ୍ରୀତ ବୁମରା ଘାତକ ବୋଲିଂ କରି ୨୨ ରନ ଦେଇ ୪ ୱିକେଟ୍ ଅକ୍ତିକାର କରିଛନ୍ତି ଟେଷ୍ଟ ବୋଲ୍ଟଙ୍କୁ ୩ ୱିକେଟ୍ ମିଳିଛି ।

୨୧୬ ରନର ବିଶାଳ ବିଜୟ ଲକ୍ଷ୍ୟ ପିଛା କରିଥିବା ଲକ୍ଷ୍ନୌକୁ ୧୮ ରନରେ ପ୍ରଥମ ଝଟକା ଲାଗିଥିଲ। ଆଡନ ମାରକ୍ରମ(୯ ରନ)କୁ ଆଉଟ୍ କରି ମୁମ୍ବାଇକୁ ପ୍ରଥମ ସଫଳତା ଦେଇଥିଲେ। ବୁମରା ନିକୋଲାସ ପୂରନ ୨୭ ରନ କରି ଆଉଟ୍ ହେବା ଲକ୍ଷ୍ନୌକୁ ବଡ଼ ଝଟକା ଲାଗିଥିଲା। ରଷଭ ପନ୍ତ ନିଜର ଖରାପ ଫର୍ମ ବଜାୟ ରଖି ମାତ୍ର ୪ ରନ କରି ଆଉଟ୍ ହୋଇଥିଲେ। ମିଚେଲ୍ ମାର୍ଶ ୩୪ ରନ କରିଥିଲେ ହେଁ ଇନିଂସ ଆଗକୁ ବଢାଇ ପାରି ନ ଥିଲେ। ନିୟମିତ ବ୍ୟବଧାନରେ ୱିକେଟ୍ ହରାଇବାରୁ ଲକ୍ଷ୍ନୌ ବିଜୟଠୁ ଦୂରେଇ ଯାଇଥିଲା। ବିଶେଷ କରି ୧୬ତମ ଓଭରରେ ବୁମରା ୩ ୱିକେଟ୍ ନେଇ ଲକ୍ଷ୍ନୌକୁ ପରାଜୟ ମୁହଁକୁ ଠେଲି ଥିଲେ। ଡେଭିଡ୍ ମିଲର ୧୮, ଆୟୁଷ ବାଦୋନି ୩୫ ରନ କରିଥିଲେ ହେଁ ତାହା ଦଳ ପାଇଁ ଯଥେଷ୍ଟ ନ ଥିଲା। ଆଉ ମୁମ୍ବାଇ ବୋଲରଙ୍କ ଉଚିତ ମୁକାବିଲା କରି ନ ପାରି ଲକ୍ଷ୍ନୌ ୧୬୧ ରନରେ ଅଲଆଉଟ୍ ହୋଇଛି। ମୁମ୍ବାଇକୁ ମ୍ୟାଚ୍‌କୁ ୫୪ ରନରେ ଜିତି ନେଇଛି ପ୍ରଥମ ଥର ଲିଗ୍ ପର୍ଯ୍ୟାୟରେ ମୁମ୍ବାଇ ଲକ୍ଷ୍ନୌକୁ ହରାଇବାରେ ସଫଳ ହୋଇଛି।

ବୋଲିଂରେ ବୁମରା ୨୨ ରନ ଦେଇ ୪ଟି ୱିକେଟ୍ ଅକ୍ତିକାର କରିଛନ୍ତି।ଟ୍ରେଣ୍ଟ ବୋଲ୍ଟ ମଧ ଘାତକ ବୋଲିଂ କରି ୨୦ ରନ ଦେଇ ୩ଟି ୱିକେଟ୍ ନେଇଛନ୍ତି।ୱିଲ ଜ୍ୟାକ୍ସ ୨ଟି ଓ କୋର୍ବିନ ବୋସଙ୍କୁ ଗୋଟିଏ ସଫଳତା ମିଳିଛି ।

୪୫ତମ ମୁକାବିଲାରେ ଏଲଏସଜି ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ମୁମ୍ବାଇ। ପକ୍ଷରୁ ରିୟନ ରିକଲଟନ ଓ ରୋହିତ ଶର୍ମା ବ୍ୟାଟିଂ ପାଇଁ ପଡ଼ିଆକୁ ଓହ୍ଲାଇଥିଲେ। ୩୩ ରନରେ ମୁମ୍ବାଇକୁ ପ୍ରଥମ ଝଟକା ଲାଗିଥିଲା। ରୋହିତ ଶର୍ମା ମୟଙ୍କ ଯାଦବଙ୍କୁ ଦୁଇଟି ଛକା ମାରିବା ପରେ ଗଲିରେ ଧରା ପଡ଼ିଥିଲେ। ପରେ ୱିଲ୍ ଜ୍ୟାକ୍ସ ରିକଲଟନଙ୍କ ସହିତ ଦ୍ୱିତୀୟ ୱିକେଟରେ ୫୩ ରନର ଭାଗିଦାରୀ କରିଥିଲେ । ରିକଲଟନ ୫୮ ରନ କରି ଦିଗଭେଶ୍ ରାଠିଙ୍କ ଶିକାର ହେବାପରେ ମୁମ୍ବାଇକୁ ସମ୍ଭାଳିଥିଲେ ।ସୂର୍ଯ୍ୟକୁମାର ଯାଦବ ସେ ମାତ୍ର ୨୮ଟି ବଲ୍‌ଖେଳି ୫୪ ରନ୍‌ ସଂଗ୍ରହ କରିଥିଲେ। ୱିଲ୍ ଜ୍ୟାକ୍ସ ୨୯ ରନ କରି ଆଉଟ୍ ହେବା ପରେ ନମନ ଧୀର ୨୫ ଓ କର୍ବିନ୍ ବୋସ୍ ୨୦ ରନ କରିଦେଇ ଦଳୀୟ ସ୍କୋରକୁ ୨୧୫ ରେ ରନରେ ପହଞ୍ଚାଇଥିଲେ।

# ବୁମରାଙ୍କ ଆଉ ଏକ ସଫଳତା

ମୁମ୍ବାଇ, ୨୭।୪: ମୁମ୍ବାଇ ଇଣ୍ଡିଆନ୍ସ(ଏମ୍ଆଇ) ତଥା ଭାରତୀୟ ଦଳର ପ୍ରିମିୟର ପେସର ଯଶପ୍ରୀତ ବୁମରା ତାଙ୍କ ଉଲ୍ଲେଖନୀୟ କ୍ୟାରିୟରରେ ଆଉ ଏକ ସଫଳତା ଯୋଡ଼ିଛନ୍ତି। ସେ ରବିବାର ମୁମ୍ବାଇ ଫ୍ରାଞ୍ଚାଇଜର ସବୁଠୁ ସଫଳ ବୋଲର ହେବାର ସଫଳତା ହାସଲ କରିଛନ୍ତି। ଲକ୍ଷ୍ନୌ ସୁପର ଜାଏଣ୍ଟ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ବୁମରା ୪ ଉଇକେଟ ନେଇଥିଲେ। ଏଥିଯୋଗୁ ଆଇପିଏଲ୍‌ରେ ତାଙ୍କ ଉଇକେଟ ସଂଖ୍ୟା ୧୭୪ରେ ପହଞ୍ଚିଛି। ଏଥିପୂର୍ବରୁ ଶ୍ରୀଲଙ୍କାର ଲିଜେଣ୍ଡ ପେସର ଲାସିଥ ମାଲିଙ୍ଗାଙ୍କ ନାମରେ ମୁମ୍ବାଇ ଦଳର ସବୁଠୁ ସଫଳ ବୋଲର ହେବାର ରେକର୍ଡ ଥିଲା। ସେ ୧୨୨ ମ୍ୟାଚ୍‌ରେ ୧୭୦ ଉଇକେଟ ନେଇଥିଲେ। ମୁମ୍ବାଇ ଫ୍ରାଞ୍ଚାଇଜର ସବୁଠୁ ସଫଳ ବୋଲରଙ୍କ ତାଲିକାରେ ପୂର୍ବତନ ଅଫ ସ୍ପିନର ହରଭଜନ ସିଂ ୧୩୬ ମ୍ୟାଚ୍‌ରେ ୧୨୭ ଉଇକେଟ ସହ ତୃତୀୟ ସ୍ଥାନରେ ରହିଛନ୍ତି।

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)




### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୦ | ୦୭ | ୦୩ | ୧୪ |
| ଗୁଜରାଟ ଟାଇଟନ୍ସ | ୦୮ | ୦୬ | ୦୨ | ୧୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୦୬ | ୦୪ | ୧୨ |
| ଦିଲ୍ଲୀ କ୍ୟାପିଟାଲ୍ | ୦୯ | ୦୬ | ୦୩ | ୧୨ |
| ପଞ୍ଜାବ କିଙ୍ଗ୍ସ | ୦୮ | ୦୫ | ୦୨ | ୧୧ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୦ | ୦୫ | ୦୫ | ୧୦ |
| କୋଲକାତା ନାଇଟ୍ ରାଇଡର୍ସ | ୦୯ | ୦୩ | ୦୫ | ୦୭ |
| ରାଜସ୍ଥାନ ରୟାଲ୍ସ | ୦୮ | ୦୨ | ୦୬ | ୦୪ |
| ସନରାଇଜର୍ସ ହାଇଦ୍ରାବାଦ | ୦୮ | ୦୩ | ୦୫ | ୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୦୯ | ୦୨ | ୦୭ | ୦୪ |

## ବାପୁଜୀ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ

# ରାଇଜିଂ ଷ୍ଟାର ବିଜେତା

ଜଗତସିଂହପୁର, ୨୭।୪: ବାଲିକୁଦା ବ୍ଲକ ମୁଲୁଗାଁ ପଞ୍ଚାୟତ ସ୍ଥିତ ବାପୁଜୀ ଷ୍ଟାଡିୟମ ପରିସରରେ ସପ୍ତାହ ବ୍ୟାପି ମୁଲୁଗାଁ କ୍ରିକେଟ ଆସୋସିସନ ଦ୍ୱାରା ଆୟୋଜିତ ବାପୁଜୀ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି ଏହି ଟୁର୍ନାମେଣ୍ଟ ରେ ୮ ଟି କ୍ରିକେଟ ଦଳ ଅଂଶ ଗ୍ରହଣ କରିଥିଲେ ଫକୀରପଡା ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଏବଂ ଜଗତସିଂହପୁର ଲିଟିଲ ଷ୍ଟାର କ୍ରିକେଟ କ୍ଲବ ମଧ୍ୟ ରେ ଫାଇନାଲ




ମ୍ୟାଚ ଅନୁଷ୍ଠିତ ହୋଇଥିଲା ଶେଷରେ ରାଇଜିଙ୍ଗ ଷ୍ଟାର କ୍ରିକେଟ କ୍ଲବ ଚମ୍ପିୟାନ ଏବଂ ଲିଟିଲ ଷ୍ଟାର କ୍ରିକେଟ କ୍ଲବ ରନର୍ସଅପ ହୋଇଥିଲା ଉଦଯାପନୀ ଉତ୍ସବ ରେ ଯୁବ ଆଇନଜୀବି ପ୍ରତାପ କୁମାର ଜେଠୀ ଙ୍କ ସଭାପତିତ୍ୱରେ କ୍ରିକେଟ ଟୁର୍ନାମେଣ୍ଟ ର ମୁଖ୍ୟ ଆୟୋଜକ ଶିଶିର କୁମାର ନାୟକ ଅତିଥି ପରିଚୟ ଏବଂ ଟୁର୍ନାମେଣ୍ଟ ର ଆଭିମୁଖ୍ୟ ସମ୍ପର୍କ ରେ ଉଦବୋଧନ ଦେଇଥିଲେ। ମୁଖ୍ୟ ଅତିଥିଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୁବ ନେତା କମଳାକାନ୍ତ ମହାପାତ୍ର ସରପଞ୍ଚ ଦଧିବାମନ ମଲ୍ଲିକ ପୂର୍ବତନ ସମିତି ସଭ୍ୟ ଦିଲ୍ଲିପ ସ୍ୱାଇଁ ସମାଜସେବୀ ବିଭୁତି ପଣ୍ଡା, ସମିତି ସଭ୍ୟ ଙ୍କ ପ୍ରତିନିଧି ସୁଦର୍ଶନ ଦାସ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ କପ ଏବଂ ସିଲ ପ୍ରଦାନ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମ କୁ ଜଗନ୍ନାଥ ଓଝା, ସୁରେନ୍ଦ୍ର କୁମାର ଓଝା, ମାଧବାନନ୍ଦ ନାୟକ, ଅଭୟ ସ୍ୱାଇଁ ସାରଦା ପ୍ରସାଦ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ ।

# ଶ୍ରୀଲଙ୍କାକୁ ହରାଇ ଭାରତର ବିଜୟ ଅଭିଯାନ ଆରମ୍ଭ



କଲମ୍ବୋ, ୨୭।୪ (ମହାଭାରତ): ଓପନର ପ୍ରତୀକା ରାୱଲଙ୍କ ଅପରାଜିତ ଅର୍ଦ୍ଧଶତକ ଏବଂ ସ୍ମୃତି ମନ୍ଧାନା ଓ ହାର୍ଲିନ ଦେଓଲଙ୍କ ଉପଯୋଗୀ ଅବଦାନ ସହାୟତାରେ ଭାରତ କଲମ୍ବୋରେ ଚାଲିଥିବା ଅନ୍ତର୍ଜାତୀୟ ମହିଳା ଅନ୍ତର୍ଜାତୀୟ ଦିନିକିଅ। କ୍ରିକେଟ ସିରିଜର ଓପନିଂ ମ୍ୟାଚରେ ଆୟୋଜକ ଶ୍ରୀଲଙ୍କାକୁ ୯ ଉଇକେଟରେ ପରାସ୍ତ କରିଛି।

ପ୍ରବଳ ବର୍ଷାଯୋଗୁ ୩ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ମ୍ୟାଚକୁ ୩୯ ଓଭର ବିଶିଷ୍ଟ କରାଯାଇଥିଲା ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୩୮.୧ ଓଭରରେ ୧୪୭ ରନ କରି ଅଲଆଉଟ ହୋଇଯାଇଥିଲା। ହସିନୀ ପେରେରା ୪୬ ବଲ୍‌ରୁ ୩୦ ଓ କାମିଶା ଦିଲ୍‌ହରା ୨୬ ବଲ୍‌ରୁ ୨୫ ରନ୍, ସଞ୍ଜୋୱାନି ୨୨ ରନ୍, ସମରବିକ୍ରମା ୧୪ ରନ୍, କୁଲସିୟା ୧୬ ରନ୍, ଏନ୍ ସିଭା ୧୦ ରନ୍ କରିଥିଲେ। ଦଳର ଅନ୍ୟ କୌଣସି ବ୍ୟାଟର ବଡ଼ ସ୍କୋର କରିପାରି ନ ଥିଲେ। ଭାରତ ପକ୍ଷରୁ ସ୍ନେହ ରାଣା (୩/୩୧), ଶ୍ରୀ ଚରାନୀ (୨/୨୬) ଓ ଦୀପ୍ତି ଶର୍ମା (୨/୨୨) ଚମତ୍କାର ବୋଲିଂ କରି ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ।

ଜବାବରେ ଭାରତ ୧୪୮ରନର ବିଜୟ ଲକ୍ଷ୍ୟକୁ ୨୯.୪ ଓଭରରେ ୧ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ପ୍ରତୀକା ୬୨ ବଲରୁ ୭ ଚୌକା ବଳରେ ୫୦ଅପରାଜିତ ଓ ମନ୍ଧାନା ୨୬ ବଲରୁ ୬ ଚୌକା ସହ ୪୩ ଓପନିଂ ଉଇକେଟରେ ୫୪ରନ ଯୋଗ କରିଥିଲେ। ଦିଲ୍ଲୀ ୟଙ୍ଗଷ୍ଟର ବ୍ୟାଟର ପରେ ହାର୍ଲିନ (୪୮ଅପରାଜିତ)ଙ୍କ ସହ ଅପରାଜିତ ୯୫ରନ ଯୋଗ କରି ଦଳକୁ ଜିତାଇଥିଲେ। ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ନିହତଙ୍କ ସମ୍ମାନାର୍ଥେ ଭାରତୀୟ ମହିଳା କ୍ରିକେଟ ଦଳର ସଦସ୍ୟମାନେ ରବିବାର ମ୍ୟାଚରେ ହାତରେ କଳା ରଙ୍ଗର ଆର୍ମବ୍ୟାଣ୍ଡ ପିନ୍ଧି ଖେଳିଥିଲେ।

# ମେ ୨ରୁ ପାରାଦୀପରେ ଜାତୀୟ ଟେନିସ ଭଲିବଲ ଚମ୍ପିୟନସିପ

ପାରାଦୀପ, ୨୭।୪ (ମହାଭାରତ): ଓଡିଶା ଟେନିସ ଭଲିବଲ ଆସୋସିଏସନ ଓ ପାରାଦୀପ ବନ୍ଦର ପ୍ରାଧିକରଣ ମିଳିତ ସହଯୋଗରେ ଆସନ୍ତା ମେ ମାସ ୨ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ପାରାଦୀପ ବନ୍ଦର ର ଗୋପବନ୍ଧୁ ଷ୍ଟାଡିଅମ ଠାରେ ଜାତୀୟ ମିନି ଓ ୟୁଥ ଟେନିସ ଭଲିବଲ ଚମ୍ପିୟନସିପ ଅନୁଷ୍ଠିତ ହେବ । ଏଥିରେ ଦେଶର ୨୩ ଟି ରାଜ୍ୟର ପ୍ରାୟ ୬ ଶହ ରୁ ଉର୍ଦ୍ଧ ପୁରୁଷ ଓ ମହିଳା ଖେଳାଳି



ଅଂଶଗ୍ରହଣ କରିବେ ଏଥିସହ ୧ ଜଣ କ୍ରୀଡା ପରିଚାଳକ ଯୋଗଦେବେ ସୂଚନା ଥାଉକି ଏହା ପୂର୍ବରୁ ୨୨ ମସିହା ରେ ପାରାଦୀପ ବନ୍ଦର ସହାୟତାରେ ଜାତୀୟ ଟେନିସ ଭଲିବଲ ଚମ୍ପିୟନସିପ ସଫଳତାର ସହ ଆୟୋଜିତ ହୋଇଥିଲା । ତେବେ ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିଅମ ର ସଭାଗୃହ ରେ ରବିବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡିଶା ଟେନିସ ଭଲିବଲ ଆସୋସିଏସନ ର କାର୍ଯ୍ୟକାରୀ ସଭାପତି ତଥା ପାରାଦୀପ ବନ୍ଦର କ୍ରୀଡା ପରିଷଦ ଉପଦେଷ୍ଟା ରବିନ୍ଦ୍ର କୁମାର ଦାସ, ଓଡିଶା ଟେନିସ ଭଲିବଲ ଆସୋସିଏସନ ର ସମ୍ପାଦକ ଶଶିକାନ୍ତ ନାୟକ,ଯୁଗ୍ମ ସମ୍ପାଦକ ସ୍ମୃତି ରଞ୍ଜନ ମହାପାତ୍ର, ପ୍ରଶିକ୍ଷକ ସୁଶାନ୍ତ କୁମାର ପରିଡା ଓ ବିଶ୍ୱଜିତ ପରିଡା, ପାରାଦୀପ କ୍ରୀଡା ସଂସଦ ର ଯୁଗ୍ମ ସମ୍ପାଦକ ଧ୍ରୁବ ଚନ୍ଦ୍ର ତରାଇ, ସଂଯୋଜକ ବିପ୍ଳବ କୁମାର ଜେନା, ପାରାଦୀପ ଟେନିସ ଭଲିବଲ ଆସୋସିଏସନ ର ସଭାପତି ବଜରଙ୍ଗ ପ୍ରସାଦ ସ୍ୱାଇଁ, ଯୁଗ୍ମ ସମ୍ପାଦକ କହ୍ନ ସୁନ୍ଦର ରଣା ପ୍ରମୁଖ ଉପସ୍ଥିତ ରହି ଏହି ଜାତୀୟ କ୍ରୀଡା ର ଆୟୋଜନ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ଏହାର ପ୍ରଚାର ଓ ପ୍ରସାର ନିମନ୍ତେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅନୁରୋଧ କରିଥିଲେ ।

## ପାରାଦୀପ କ୍ରିକେଟ ଲିଗ ଉଦଯାପିତ

# ଡିକେଟି ଷ୍ଟାର୍ସ ଚାମ୍ପିୟନ



ପାରାଦୀପ, ୨୭।୪ (ମହାଭାରତ) ପାରାଦୀପ କ୍ରିକେଟ ଲିଗ (ପିପିଏଲ) ତୃତୀୟ ସଂସ୍କରଣ ଗଙ୍ଗାଧର ଜେନା ଆମନ୍ତ୍ରଣ କପ ଚମ୍ପିୟନସିପ ରବିବାର ଦିନ ଉଦଯାପିତ ହୋଇଯାଇଛି ଫାଇନାଲ ମ୍ୟାଚ୍ ଡିକଟି ଷ୍ଟାର୍ସଓ ଶ୍ରୀରାମ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଡକଟି ଷ୍ଟାର୍ସ ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ କରି ୧୯.୨ ବରେ ସମସ୍ତ ୧ ଉଇକେଟ ହରାଇ ୨୧୩ ରନ୍ ଆରିଥିଲା ଏହାର ଜବାବ ରେ ଶ୍ରୀରାମ ସ୍ପୋର୍ଟିଂ ଦଳ ୧୩.୫ ବଲରେ ସମ୍ପୁର୍ଣ୍ଣ ୧୦ ଉଇକେଟ୍ ହରାଇ ମାତ୍ର ୯୩ ରନ୍ କରି ପରାଜିତ ହୋଉଥିଲା ଯାହାଫଳରେ ଡିକେଟି ଷ୍ଟାର୍ସ ଚଳିତ ବର୍ଷ ର ଚମ୍ପିୟନ ଆଖ୍ୟା ଅର୍ଜନ କରିଥିଲା।

ସ୍ୱର୍ଗତ ଗଙ୍ଗାଧର ଜେନା ଙ୍କ ସୁପୁତ୍ର ପ୍ରମୋଦ କିଶୋର ଜେନା, ପାରାଦୀପ ମୁନିସିପାଲିଟ୍ ଚେୟାରମ୍ୟାନ୍ ବସନ୍ତ ବିଶ୍ୱାଳ , ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ପାରାଦୀପ କ୍ରିକେଟ ଲିଗ ର ସଭାପତି ରବି ଦାସ, କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ପତି,ଉପସଭାପତି ଅକ୍ଷୟ ସୁତାର ଓ ସୁବାସ ଆଚାର୍ଯ୍ୟ, ସମ୍ପାଦକ ଜୁନି ଦାସ, ଯୁଗ୍ମ ସମ୍ପାଦକ ଅଧିର ସାହୁ ଓ ଭରଦ୍ୱାଜ ସାହୁ, କୋଷାଧ୍ୟକ୍ଷ ପ୍ରସାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିବା କ୍ରିକେଟ ଲିଗର ଉତ୍କଳ ରାଉତ,ସତ୍ୟରଞ୍ଜନ ପ୍ରଧାନ, ଶୁଭ ରଞ୍ଜନ ପ୍ରଧାନ ଙ୍କ ସମେତ ପିସିଏଲ୍ ର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଫାଇନାଲ ମ୍ୟାଚକୁ ପରିଚାଳନା କରିଥିଲେ ନିହାର ରଂଜନ ବଳିଆର ସିଂ ଓ ଦେବେନ୍ଦ୍ର ନାୟକ ତେବେ ଉଦଯାପନୀ କାର୍ଯ୍ୟକ୍ରମରେ ଅତିଥିମାନେ ଚମ୍ପିୟନ ଓ ରନର୍ସଅପ ଦଳ କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ।

## (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

### ପ୍ରାଥମିକ...

ଆଧାରରେ ଓଡିଶାରେ ମଧ ନିପୁଣ ଓଡିଶା ମିଶନ ଆରମ୍ଭ କରାଯାଇଛି। ଏଥିରେ ଛାତ୍ରଛାତ୍ରୀ ମାନଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ବୃଦ୍ଧି ପାଇଁ ବ୍ୟବସ୍ଥା କରାଯାଇଛି । ନିପୁଣ ଓଡିଶା କାର୍ଯ୍ୟକ୍ରମ ଜରିଆରେ ଆମର ଛାତ୍ରଛାତ୍ରୀମାନେ ନିଶ୍ଚିତଭାବେ ମୌଳିକ ଜ୍ଞାନ ହାସଲ କରି ଉଚ୍ଚଶିକ୍ଷାରେ ସଫଳ ହେବେ। ସେ ଆହୁରି କହିଥିଲେ ପୂର୍ବ ସରକାରଙ୍କ ୫ଟି ସ୍କୁଲ ଏକ ପ୍ରହସନ ଥିଲା। ମାତ୍ର ୧୬ ପ୍ରତିଶତ ସ୍କୁଲରେ ଇଂଟରନେଟ ସଂଯୋଗ କରି ଡିଜିଟାଲ ସ୍କୁଲ ନାଁରେ ପ୍ରହସନ ଚାଲିଥିଲା । ବାସ୍ତବ କ୍ଷେତ୍ରରେ ପିଲାମାନଙ୍କ ଉତ୍ତମ ଶିକ୍ଷାଦାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା।

ଆମ ସରକାର ଆସିବା ପରେ ଏବେ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛୁ। ଉତ୍ତମ ଭିତ୍ତିଭୂମି ସହିତ ଗୁଣି ଓ ତାଲିମପ୍ରାପ୍ତ ଶିକ୍ଷକ ପଞ୍ଚାୟତ ସ୍ତରରେ ଏହି ବିଦ୍ୟାଳୟ ମାନଙ୍କରେ ଶିକ୍ଷାଦାନ କରିବେ । ଆଦିବାସୀ ପିଲାଙ୍କ ଭିତରେ ଡ୍ରପଆଉଟ ହାର କମାଇବା ପାଇଁ ମାଧୋସିଂ ହାତଖର୍ଚ୍ଚ ଯୋଜନା ଆରମ୍ଭ କରାଯାଇଛି । ଚଳିତବର୍ଷ ବଜେଟରେ ପ୍ରାଥମିକ ଶିକ୍ଷା ପାଇଁ ରେକର୍ଡ ୩୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ପୁଷ୍ଟିକର ଖାଦ୍ୟ ମଧ୍ୟାହ୍ନ ଭୋଜନରେ ଯୋଗାଇ ଦିଆଯାଉଛି । ଆଗାମୀ ଦିନରେ ଏହିସବୁ ପଦକ୍ଷେପ ଗୁଡିକ ରାଜ୍ୟରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବ ସେ କହିଥିଲେ।

ବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ଦାବୀ ସଂପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟରେ ସାମିଲ କରାଯିବ। ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ଏକ ଡି.ପି.ଆର ପ୍ରସ୍ତୁତ କରିବାପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ସ୍କୁଲ ପକ୍ଷରୁ କରାଯାଇଥିବା ସମସ୍ତ ଦାବୀଗୁଡିକ ନିଶ୍ଚିତଭାବେ ପୂରଣ କରାଯିବ । ଏଥିପାଇଁ ଯାହା ଅର୍ଥ ଆବଶ୍ୟକ, ଆମ ସରକାର ନିଶ୍ଚିତ ଭାବେ ଯୋଗାଇଦେବେ। ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ନିର୍ବାଚନ ପୂର୍ବରୁ ଯେଉଁ କଥା ଦେଇଥିଲେ, କଥା ରଖି ସବୁ କାମ କରିଛନ୍ତି । ଚାଷୀ, ମହିଳା, ଯୁବବର୍ଗ, ଗରୀବ - ସମସ୍ତଙ୍କ ପାଇଁ ଆମେ କାମ କରୁଛୁ । ଆଗାମୀ ଦିନରେ ଗଞ୍ଜାମ ଜିଲ୍ଲାରେ ଏକ ଲକ୍ଷ କୋଟିରୁ ଅଧିକ ଟଙ୍କା ନିବେଶରେ ବ୍ୟାପକ ଶିଳ୍ପ ପ୍ରତିଷ୍ଠା ହେବ। ଗଞ୍ଜାମ ଜିଲ୍ଲାର ଯୁବକଯୁବତୀ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅଞ୍ଚଳବାସୀଙ୍କ ଦାବୀକୁ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆଗାମୀ ଦିନରେ ଏ ଅଂଚଳର କିପରି ବିକାଶ ହୋଇପାରିବ, ସେଥିପ୍ରତି ଆମେ ସ୍ୱତନ୍ତ୍ର ଦୃଷ୍ଟି ଦେବୁ।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବ୍ରହ୍ମପୁରକୁ ଆସିବ, ଆପଣ ମାନଙ୍କ ଦାବୀ ଓ ସମସ୍ୟା ଶୁଣିବା ପାଇଁ ବ୍ରହ୍ମପୁର କୁ ଆସିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍କୁଲର ୪ ଜଣ ବର୍ଷୀୟାନ ପୂରାତନ ଛାତ୍ର ଏବଂ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପରିବାର ସଦସ୍ୟଙ୍କୁ ମଞ୍ଚକୁ ଡାକି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜିଲ୍ଲା ଓ ରାଜ୍ୟସ୍ତରରେ କୃତୀତ୍ୱ ଅର୍ଜନ କରିଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଏବଂ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖିଥିଲେ। ଖଲିକୋଟ ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଗଞ୍ଜାମ ଜିଲ୍ଲାପାଳ, ସାମନ୍ତିଆପଲ୍ଲୀ ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ ସ୍କୁଲର ପୁରାତନ ଛାତ୍ର ଶ୍ରୀ ରାଧାକୃଷ୍ଣ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଧାନଶିକ୍ଷକ ଶ୍ରୀ ସନ୍ତୋଷ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଶିକ୍ଷକ ଶ୍ରୀ ଚିତ୍ତରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ପାଣିରେ...

ନାବାଳକର ଘର କଟକ ଖାନନଗର ଅଞ୍ଚଳରେ ହୋଇଥିବା ଜଣାପଡ଼ିଛି।

କେନ୍ଦୁଝରରେ ମଧ ନଦୀରେ ବୁଡ଼ି ୨ଜଣଙ୍କ ଜୀବନ ଚାଲିଯାଇଛି। ହରିଚନ୍ଦନପୁର ବ୍ଲକ ଗରଗଡବାହାଲ ଗାଁ ନିକଟ ମୂଷଳ ନଦୀରେ ଅଘଟଣ ଘଟିଛି। ମୃତକମାନେ କେନ୍ଦ୍ରାପଡା ଜିଲ୍ଲାର ହୋଇଥିବା ଜଣାପଡ଼ିଛି। ଉଭୟ ଯାଜପୁର ଡୁବୁରୀ ଟାଟା ପ୍ଲାଣ୍ଟରେ କାର୍ଯ୍ୟରତ ଥିଲେ। ମୂଷଳ ନଦୀ କୂଳରେ ପାହାଡ ଚଢ଼ି ପାଟହରା ଗୁମ୍ଫାକୁ ଯାଉଥିବା ବେଳେ ଜଣେ ଯୁବକଙ୍କ ଗୋଡ଼ ଖସି ଯାଇଥିଲା। ସେ ଅନ୍ୟ ଜଣେ ଯୁବକଙ୍କ ଗୋଡ଼କୁ ଧରି ପକାଇବାରୁ ଉଭୟ ନଦୀ ଭିତରେ ଖସି ପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ଅନ୍ୟ ସାଙ୍ଗ ଦୁଇ ଜଣ ଲୋକଙ୍କୁ ଖବର ଦେବା ପରେ ଅଗ୍ନିଶମ ବାହିନୀ ଆସି ଉଭୟଙ୍କୁ ଉଦ୍ଧାର କରିଥିଲା। ତେବେ ଉଭୟଙ୍କ ମୃତ୍ୟୁ ହୋଇଥିଲାୟ ମୃତ ଯୁବକ ଦ୍ୱୟଙ୍କର ପରିଚୟ ମିଳିପାରି ନାହିଁ।

ପୁଣି କୋଏଲ ନେଲା ଜୀବନ ରାଉରକେଲା ସହରର କୋଏଲ ନଦୀର ବୈକୁଣ୍ଠ ଘାଟ ନିକଟରେ ଗାଧୋଇବା ସମୟରେ ଘଟିଛି ଅଘଟଣ। ଜଣେ ୧୫ ବର୍ଷର ନାବାଳକଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ନବମ ଶ୍ରେଣୀରେ ପାଠ ପଢୁଥିଲେ। ମୃତ ଛାତ୍ର କୋଏଲ ନଗର ବି ବ୍ଲକର ସତ୍ୟଜିତ ବେହେରା। ଝିରପାଣି ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର କରି ଇସ୍ପାତ ଜେନେରାଲ ହସ୍ପିଟାଲର ମର୍ଗ ହାଉସରେ ରଖିଥିବା ବେଳେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଦୁଇଟି...

ପ୍ରଶ୍ନ ଆସିଥିବା ପରୀକ୍ଷାର୍ଥୀଙ୍କ ଅଭିଯୋଗ କରିଥିଲେ। ଏତେବଡ଼ ପରୀକ୍ଷାରେ ତ୍ରୁଟିକୁ ନେଇ ପରୀକ୍ଷାର୍ଥୀ ହତାଶ ଦେଖାଯାଇଥିଲେ। ଏନେଇ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ କର୍ତ୍ତୃପକ୍ଷ ତ୍ରୁଟି ସ୍ୱୀକାର କରିଛନ୍ତି। ଆୟୋଗ ତ୍ରୁଟିକୁ ସ୍ୱୀକାର କରି ଦୁଃଖ ପ୍ରକାଶ କରିଛନ୍ତି।ଆଉ ଏକ ପରୀକ୍ଷାର ବିକଳ୍ପ ଉପରେ ବିଚାର କରୁଥିବା ଜଣାଇଛନ୍ତି। ଆସନ୍ତା ମେ ୪ ତାରିଖ ଭିତରେ ପରାମର୍ଶ ଲୋଡ଼ି ନୋଟିସ୍ କରିଛନ୍ତି।

ଗତ ମାସ ୩୦ ତାରିଖ ଦିନ ଓପିଏସସି ଦ୍ୱାରା ପରିଚାଳିତ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ (ଏସଡିଆଇପିଆରଓ) ପରୀକ୍ଷା ଥିଲା। ସାମ୍ବାଦିକତା ଓ ଜନସଂଚାର ପରୀକ୍ଷା ଅପରାହ୍ନ ୧ଟା ୩୦ରୁ ୩ଟା ୩୦ ଭିତରେ ଥିଲେ। ସେହି ପରୀକ୍ଷାରେ ୧୦୦ ନମ୍ବର ପ୍ରଶ୍ନ ବଦଳରେ ୯୪ ନମ୍ବର ଥିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ